CMYK

• Vol.- 46, Issue No. 85
• Thursday, 25 June 2026
• ଗୁରୁବାର,୨୫ ଜୁନ ୨୦୨୬
• Bhubaneswar
• Price: Rs. 2.00, Page: 8
• R.N.I. Regd. No. 34063/81
• Postal Regd. No. BN/79/18-20
• Online Portal: www.dinalipi.com
• Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


### ଏମ୍‌ଏଏମ୍‌ଏସ୍‌ଜି ବୈଠକରେ ମୁଖ୍ୟମନ୍ତ୍ରୀ

## ସମୁଦ୍ର ଆମ ପାଇଁ ନିବେଶର ପ୍ରବେଶ ପଥ



- ୫୭୫ କିଲୋମିଟର ଦୀର୍ଘ ଉପକୂଳ ଆମ ଅମୂଲ୍ୟ ସମ୍ପଦ
- ସମୁଦ୍ରଭିତ୍ତିକ ଅର୍ଥନୀତି ହେବ ମଜଭୁତ
- ୨ ଆଧୁନିକ ବନ୍ଦର ନିର୍ମାଣ, ନିବେଶ ହେବ ୫୦ ହଜାର କୋଟି

ଭୁବନେଶ୍ୱର,୨୪।୬: ସମୁଦ୍ର କେବଳ ଓଡ଼ିଶାର ଭୌଗୋଳିକ ସୀମା ନୁହେଁ, ବରଂ ଏହା ରାଜ୍ୟ ପାଇଁ ନିବେଶ, ବାଣିଜ୍ୟ ଓ ବିକାଶର ପ୍ରମୁଖ ପ୍ରବେଶ ପଥ। ଓଡ଼ିଶା ପୁଲିସର ୧୪ତମ (ମଲଟି ଏଜେନସି ମାରିଟାଇମ ସିକ୍ୟୁରିଟି ଗ୍ରୁପ) ଏମଏଏମଏସଜି ବୈଠକରେ ଯୋଗଦେଇ ଏପରି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟର ୫୭୫ କିଲୋମିଟର ଦୀର୍ଘ ଉପକୂଳ ଓ ଅନେକ ବେଳାଭୂମି ଓଡ଼ିଶାର ଅମୂଲ୍ୟ ସମ୍ପଦ। ଏହାର ସୁରକ୍ଷା ଓ ସଦୁପଯୋଗ ରାଜ୍ୟର ପ୍ରାଥମିକତା। ବନ୍ଦର, ମତ୍ସ୍ୟ ଚାଷ, ସାମୁଦ୍ରିକ ଗବେଷଣା ଏବଂ ବ୍ଲୁ ଇକୋନୋମି କ୍ଷେତ୍ରରେ ବ୍ୟାପକ ସମ୍ଭାବନା ରହିଥିବାରୁ ଏହାକୁ ଆର୍ଥିକ ବିକାଶର ମୁଖ୍ୟ ଶକ୍ତି ଭାବେ ଗଢ଼ି ତୋଳିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ସେ କହିଛନ୍ତି, ଅତୀତରେ ଓଡ଼ିଶାର ସାଧବପୁଅମାନେ ଦକ୍ଷିଣ ଓ ପୂର୍ବ ଏସିଆ ସହ ବାଣିଜ୍ୟିକ ଓ ସାଂସ୍କୃତିକ ସମ୍ପର୍କ ସ୍ଥାପନ କରି ଓଡ଼ିଶାକୁ ବିଶ୍ୱ ମାନଚିତ୍ରରେ ସ୍ୱତନ୍ତ୍ର ପରିଚୟ ଦେଇଥିଲେ। ସେହି ଐତିହ୍ୟକୁ ଆଗକୁ ନେବା ପାଇଁ ରାଜ୍ୟ ସରକାର ଏବେ ସାମୁଦ୍ରିକ ଭିତ୍ତିଭୂମିକୁ ମଜଭୁତ କରିବାରେ ଗୁରୁତ୍ୱ ଦେଉଛନ୍ତି।ଏହି ପରିପ୍ରେକ୍ଷୀରେ ଗଞ୍ଜାମ ଜିଲ୍ଲାର ବାହୁଦା ଏବଂ ମହାନଦୀ ଅବବାହିକା ଅଞ୍ଚଳରେ ଦୁଇଟି ଆଧୁନିକ ବନ୍ଦର ନିର୍ମାଣ ପାଇଁ ଯୋଜନା ହୋଇଛି। ଏହି ପ୍ରକଳ୍ପରେ ପ୍ରାୟ ୫୦ ହଜାର କୋଟି ଟଙ୍କା ବିନିଯୋଗ ହେବ। ଏଥିରେ ଡିପ୍-ସି ପୋର୍ଟ ସହ ଅତ୍ୟାଧୁନିକ ପ୍ରଯୁକ୍ତି ଓ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ବ୍ୟବହାର ମଧ୍ୟ କରାଯିବ। ବିଶେଷ କରି ମାଛଧରା ଡଙ୍ଗା ଓ ଟ୍ରଲରଗୁଡ଼ିକର ସୁରକ୍ଷା ବଢ଼ାଇବା ପାଇଁ ନୂତନ ସୁରକ୍ଷା ଡିଭାଇସ୍ ଓ ବ୍ୟବସ୍ଥା କରାଯାଉଥିବା ସେ କହିଛନ୍ତି। ସମୁଦ୍ର ଭିତ୍ତିକ ଅର୍ଥନୀତିକୁ ମଜଭୁତ କରି ଓଡ଼ିଶାକୁ ଏକ ସାମୁଦ୍ରିକ ଶକ୍ତିକେନ୍ଦ୍ରରେ ପରିଣତ କରିବା ଦିଗରେ ସରକାର ଦୃଢ଼ ପଦକ୍ଷେପ ନେଉଥିବା ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି।

## ବିଜେଡିର ମଙ୍ଗ ଧରିବେ ସୁଜାତା କାର୍ତ୍ତିକେୟନ !



ଭୁବନେଶ୍ୱର, ୨୪।୬: ଆସନ୍ତାକାଲି (ଗୁରୁବାର)ବିଜେଡିରେ ମିଶିପାରନ୍ତି ସୁଜାତା କାର୍ତ୍ତିକେୟନ। ବୁଧବାର ନବୀନ ନିବାସରେ ବସିଥିବା ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏନେଇ ଆଲୋଚନାରୁ ସବୁଜ ସଂକେତ ମିଳିଥିବା ଚର୍ଚ୍ଚା ହେଉଛି। ନବୀନ ନିବାସରେ ବସିଥିବା ବୈଠକରେ ଦଳର ବହୁ ପୁରୁଖା ନେତା ସାମିଲ ଥିଲେ। ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ,ବରିଷ୍ଠ ନେତା ଅତନୁ ସବ୍ୟସାଚୀ ନାୟକ, ପ୍ରତାପ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ବିଜେଡିରେ ସୁଜାତାଙ୍କ ପ୍ରବେଶ ନେଇ ଆଲୋଚନା ହୋଇଥିବା ଏକ ସୂତ୍ରରୁ ଜଣାପଡିଛି। ତେବେ ବିଜେଡ଼ି ପକ୍ଷରୁ ଏସମ୍ପର୍କରେ କୌଣସି ସୂଚନା ଦିଆଯାଇ ନାହିଁ। ଶଙ୍ଖ ଭବନରେ ଗୁରୁବାର ମଧ୍ୟାହ୍ନ ସାଢ଼େ ୧୨ଟାରେ ନବୀନ ବଡ଼ ବୈଠକ ଡାକିଛନ୍ତି। ଏଥିରେ ଉପସ୍ଥିତ ରହିବାକୁ ଦଳର ସମସ୍ତ ବିଧାୟକ ଓ ନେତାମାନଙ୍କୁ କୁହାଯାଇଛି। ଏହି ପରିପ୍ରେକ୍ଷୀରେ ସୁଜାତା ନିଜେ ଶଙ୍ଖ ଭବନରେ ଉପସ୍ଥିତ ରହି ବିଜେଡି ସଦସ୍ୟତା ଗ୍ରହଣ କରିବେ ବୋଲି ଚର୍ଚ୍ଚା ହେଉଛି। ସୁଜାତା କାର୍ତ୍ତିକେୟନ କଟକ ଜିଲ୍ଲାର ପ୍ରଥମ ମହିଳା ଜିଲ୍ଲାପାଳ ଥିଲେ । ମିଶନ ଶକ୍ତି ବିଭାଗ ସଚିବ ଭାବେ ୬ ବର୍ଷରୁ ଅଧିକ ସମୟ କାର୍ଯ୍ୟ କରିଥିଲେ । ମହିଳା ଏସଏଚଜି ଗ୍ରୁପ୍ ଗୁଡ଼ିକର ବ୍ୟାଙ୍କ ଋଣ ସଂଯୋଗକୁ ବୃଦ୍ଧି କରିଥିଲେ । ବ୍ୟାଙ୍କ ଋଣ ସଂଯୋଗ ୫୦୦ କୋଟିରୁ ୧୫,୦୦୦ କୋଟି ଟଙ୍କାକୁ ବୃଦ୍ଧି କରିଥିଲେ। ଓଡ଼ିଶାର ୭୦ ଲକ୍ଷରୁ ଅଧିକ ମହିଳା ସ୍ୱାବଲମ୍ବୀ ହୋଇପାରିଛନ୍ତି। ଦିଲ୍ଲୀର ଲେଡି ଶ୍ରୀରାମ କଲେଜରୁ ରାଜନୀତି ବିଜ୍ଞାନରେ ସ୍ନାତକ । ଜେଏନୟୁରୁ ଅନ୍ତର୍ଜାତୀୟ ରାଜନୀତିରେ ମାଷ୍ଟର୍ସ ଡିଗ୍ରୀ ହାସଲ କରିଛନ୍ତି । କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକର ବାଲୁରିଆ ଗାଁର ଏକ ମଧ୍ୟବିତ୍ତ ପରିବାରରୁ ସେ ଆସିଛନ୍ତି । ୨୦୨୫ ମାର୍ଚ୍ଚରେ ସରକାରୀ ଚାକିରିରୁ ସେ ସ୍ୱେଚ୍ଛାକୃତ ଅବସର ନେଇଥିଲେ ।

## ଚଳିତ ବର୍ଷ ରଥଯାତ୍ରା: ପୁରୀକୁ ଗଡ଼ିବ ୧୦୦୦ ବସ୍

ଭୁବନେଶ୍ୱର,୨୪।୬: ଚଳିତ ବର୍ଷ ରଥଯାତ୍ରା ସମୟରେ ଭକ୍ତଙ୍କ ଅସୁବିଧାମୁକ୍ତ ଯାତ୍ରା ସୁନିଶ୍ଚିତ କରିବା ପାଇଁ ଓଡ଼ିଶା ସରକାରଙ୍କ ପରିବହନ ବିଭାଗ ସମସ୍ତ ବ୍ୟବସ୍ଥା କରିଛି।ପରିବହନ କମିଶନର ଅମିତାଭ ଠାକୁର ଏହି କାର୍ଯ୍ୟକ୍ରମର ବ୍ୟବସ୍ଥାର ସମୀକ୍ଷା କରିବା ପାଇଁ ଏକ ଉଚ୍ଚସ୍ତରୀୟ ବୈଠକର ଅଧ୍ୟକ୍ଷତା କରିଛନ୍ତି। ରଥଯାତ୍ରା, ବାହୁଡା ଯାତ୍ରା ଏବଂ ସୁନାବେଶ ସମେତ ବାର୍ଷିକ ମହୋତ୍ସବ ସମୟରେ ବିଭିନ୍ନ ସ୍ଥାନରୁ ଭକ୍ତମାନଙ୍କୁ ଶ୍ରୀକ୍ଷେତ୍ରକୁ ନେବା ପାଇଁ ପ୍ରାୟ ୧୦୦୦ ବସ୍ ନିୟୋଜିତ କରାଯିବ। ପରିବହନ ବିଭାଗ ଏହି ବସ୍ ପାଇଁ ଅସ୍ଥାୟୀ ପରମିଟ୍ ବ୍ୟବସ୍ଥା କରିବ ବୋଲି ବୈଠକ ପରେ ସୂଚନା ମିଳିଛି।

### ଷ୍ଟ୍ରିଟ୍ ଲାଇଟ ଦୁର୍ନୀତି ଅଭିଯୋଗ: ପଶିଲା ଭିଜିଲାନସ

## ୫୦ ସ୍ଥାନରେ ଚଢାଉ

ଭୁବନେଶ୍ୱର, ୨୪।୬ : 'ବିକଶିତ ଗାଁ ବିକଶିତ ଓଡ଼ିଶା' ଯୋଜନାରେ ଷ୍ଟ୍ରିଟ ଲାଇଟ ଦୁର୍ନୀତିର ଭିଜିଲାନ୍ସ ଖୋଳତାଡ ଚଳାଇଛି। ୩ ଜିଲ୍ଲାର ୫୦ ସ୍ଥାନରେ ଭିଜିଲାନ୍ସ ଚଢାଉ ହୋଇଛି। ୨୦୨୧-୨୨ ଏବଂ ୨୦୨୨-୨୩ ବର୍ଷ ମଧ୍ୟରେ କେନ୍ଦୁଝର, ନୟାଗଡ଼ ଏବଂ ଯାଜପୁର ଜିଲ୍ଲାରେ ଏଲ୍‌ଇଡି ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନ କାର୍ଯ୍ୟରେ ଦୁର୍ନୀତି ଏବଂ ସରକାରୀ ଅର୍ଥ ଆତ୍ମସାତ ଅଭିଯୋଗ ମାମଲାରେ ଭିଜିଲାନ୍ସ କେନ୍ଦୁଝର, ନୟାଗଡ଼ ଏବଂ ଯାଜପୁର ଜିଲ୍ଲାରେ ୫୦ ସ୍ଥାନରେ ୨୪ ଦଳ ଦ୍ୱାରା ତଦନ୍ତ ଆରମ୍ଭ କରିଛି । ଓଡ଼ିଶା ଭିଜିଲାନ୍ସ ଏହି ୩ ଜିଲ୍ଲାରେ ୮୧ ଜଣ ଅଧିକାରୀଙ୍କୁ ନେଇ ୨୪ଟି ଦଳକୁ ନିୟୋଜିତ କରିଛି । ପ୍ରତ୍ୟେକ ଜିଲ୍ଲାରେ ୨୭ ଜଣ ଅଧିକାରୀ ନିୟୋଜିତ ହୋଇଛନ୍ତି। ଶକ୍ତି ମିଟର, ୫୦୦ ମିଟର କେବୁଲ୍, ଏମସିସିବି, ସସପେନସନ୍ କ୍ଲାମ୍ପ, ଡେଡ୍ ଆଣ୍ଡ କ୍ଲାମ୍ପ ଏବଂ ଫଟୋ ସ୍ୱିଚ୍ ଟାଇମର୍ ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ ଉପାଦାନ ଗୁଡ଼ିକର ସଂସ୍ଥାପନ ନ କରିବା (ପ୍ରତ୍ୟେକ କ୍ଲଷ୍ଟର ପାଇଁ ଯାହା ୧୦ଟି ଏଲଇଡ଼ି ଲାଇଟ୍ ନେଇ ଗଠିତ), ଏବଂ ବିଲ୍ ଡ୍ର ଓ ନିର୍ବାହକଙ୍କ ଦ୍ୱାରା ସରକାରୀ ପାଣ୍ଠିର ଅପବ୍ୟବହାର କରାଯାଇଛି । ସରକାରୀ ଅର୍ଥର ଅପବ୍ୟବହାରର ମୂଲ୍ୟାୟନ ଏବଂ ପ୍ରକଳ୍ପରେ ସରକାରୀ ଅଧିକାରୀ ଏବଂ କାର୍ଯ୍ୟନିର୍ବାହୀ ସଂସ୍ଥାଗୁଡ଼ିକର ସମ୍ପୃକ୍ତି ନିର୍ଣ୍ଣୟ କରିବା ପାଇଁ ୫୦ଟି ସ୍ଥାନରେ ବୈଷୟିକ ଯାଞ୍ଚ କରାଯାଉଥିବା ଏକ ସୂତ୍ରରୁ ପ୍ରକାଶ।



## ଏଲ୍ ନିନୋର ପ୍ରଭାବ: ୫୨ ପ୍ରତିଶତ ବର୍ଷା କମିପାରେ

ଭୁବନେଶ୍ୱର,୨୪।୬: ଚଳିତ ଋତୁରେ ଓଡ଼ିଶାର ଆଠଟି ଜିଲ୍ଲା ଏଲ୍ ନିନୋର ପ୍ରଭାବରେ ପଡ଼ିପାରେ ଏବଂ ବର୍ଷା ଆଶାଠାରୁ ବହୁତ କମ୍ ହେବ ବୋଲି ଆଶା କରାଯାଉଛି। ଶୁଷ୍କ ପରିସ୍ଥିତି ଯୋଗୁଁ ଫସଲ ପ୍ରସ୍ତୁତି ଏବଂ ବୁଣା କାର୍ଯ୍ୟ ବନ୍ଦ ହୋଇଥିବାରୁ ଉତ୍ତର ଏବଂ ଦକ୍ଷିଣ ଓଡ଼ିଶାର ଚାଷୀମାନେ ଚିନ୍ତା ପ୍ରକାଶ କରିଛନ୍ତି।ଭାରତ ପାଣିପାଗ ବିଭାଗ ଉଲ୍ଲେଖ କରିଛି ଯେ ଜୁନ୍ ମାସ ୧୪୬ ବର୍ଷ ମଧ୍ୟରେ ସବୁଠାରୁ ଶୁଷ୍କ ମାସ ପାଲଟିଛି। ୪ ଜୁନ୍ ରୁ ୨୨ ଜୁନ୍ ମଧ୍ୟରେ ଭାରତରେ ୯୭.୬ ମିମି ବର୍ଷା ହେବା ପରିବର୍ତ୍ତେ ମାତ୍ର ୫୩.୧ ମିମି ବର୍ଷା ରେକର୍ଡ କରାଯାଇଛି, ଯାହା ୪୬ ପ୍ରତିଶତ ଅଭାବକୁ ଦର୍ଶାଉଛି। ସାଧାରଣ ୧୨୮.୯ ମିମି ବର୍ଷା ହେବା ପରିବର୍ତ୍ତେ ମାତ୍ର ୬୨.୫ ମିମି ବର୍ଷା ହୋଇଛି, ଯାହା ୫୨ ପ୍ରତିଶତ ଅଭାବକୁ ଦର୍ଶାଉଛି।

### ବାଣ ଭିଡ଼ିବା ହେଲା କାଳ

## ପୁଅର ଗଲା ଜୀବନ, ବାପା-ମାଆ ଗୁରୁତର

ସାନଖେମୁଣ୍ଡି,୨୪।୬:ଗଞ୍ଜାମଜିଲ୍ଲା ସାନଖେମୁଣ୍ଡି ବ୍ଲକ୍ ପାଟପୁର ଥାନା ସିଙ୍ଗିପୁର ଗ୍ରାମରେ ଘରେ ବାଣ ଭିଡୁଥିବା ବେଳେ ଭୟଙ୍କର ବିସ୍ଫୋରଣ ଘଟିଛି । ଏଥିରେ ପୁଅର ମୃତ୍ୟୁ ହୋଇଥିବା ବେଳେ ବାପା, ମାଆ ଗୁରୁତର ହୋଇଛନ୍ତି। ମୃତକ ଜଣଙ୍କ ହେଲେ ସିଙ୍ଗିପୁର ଗ୍ରାମର ୨୧ ବର୍ଷୀୟ ଆକାଶ ଦାସ । ଗୁରୁତର ବାପା ଜଣଙ୍କ ହେଲେ ସନ୍ତୋଷ ଦାସ ଓ ମାଆ ବିଷ୍ଣୁ ପ୍ରିୟା ଦାସ । ସୂଚନା ମୁତାବକ, ବୁଧବାର ସଂଧ୍ୟାରେ ସନ୍ତୋଷ ଦାସଙ୍କ ପରିବାର ଘରେ ଥିବା ବେଳେ ହଠାତ୍ ଘରେ ଥିବା ବାଣଗୁଡ଼ିକ ଫୁଟି ଯାଇଥିଲା । ଫଳରେ ଘରେ ଥିବା ଆକାଶ ଦାସଙ୍କ ମୃତ ହୋଇଥିବା ବେଳେ ତାଙ୍କ ବାପା ସନ୍ତୋଷ ଦାସ ଓ ମାଆ ବିଷ୍ଣୁ ପ୍ରିୟା ଦାସ ଗୁରୁତର ଆହତ ହୋଇଥିଲେ। ସନ୍ତୋଷ ଦାସ ଘରେ ବାଣ ତିଆରି କରି ବିକ୍ରି କରୁଥିବା ବେଳେ ବାଣ ଭିଡୁଥିବା ସମୟ ରେ ଏଭଳି ଘଟଣା ଘଟିଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି।



## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ କେନ୍ଦ୍ରମନ୍ତ୍ରୀ ରାମଦାସ ଅଠାୱ୍ଲେ

ଭୁବନେଶ୍ୱର,୨୪।୬(ନିପ୍ର): କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତିକରଣ ରାଷ୍ଟ୍ରମନ୍ତ୍ରୀ ରାମଦାସ ଅଠାୱ୍ଲେ ବୁଧବାର ଲୋକ ସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି।ଏହି ସାକ୍ଷାତକାରରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଅଠାୱ୍ଲେ ମୁଖ୍ୟମନ୍ତ୍ରୀଙ୍କ ସହ ରାଜ୍ୟରେ ସାମାଜିକ ନ୍ୟାୟ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଆଲୋଚନାରେ ସାମାଜିକ କଲ୍ୟାଣ ଦିଗରେ କେନ୍ଦ୍ର ଓ ରାଜ୍ୟ ସରକାର ପକ୍ଷରୁ କରାଯାଉଥିବା ସମସ୍ତ ଜନହିତକର କାର୍ଯ୍ୟରେ ସମ୍ପୂର୍ଣ୍ଣ ସମନ୍ୱୟ ରକ୍ଷା କରାଯାଇ ସାମାଜିକ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଓଡିଶାରେ ସାମାଜିକ ସୁରକ୍ଷା ପାଇଁ ଅନେକ ପଦକ୍ଷେପ ନିଆଯାଉଛି ବୋଲି ପ୍ରକାଶ କରି ମଧୁବାବୁ ପେନସନ ଯୋଜନାରେ ଆଉ ୬ ଲକ୍ଷ ହିତାଧିକାରୀଙ୍କୁ ସାମିଲ କରିବା, ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ ଅଧିକ ୫ କିଲୋ ଚାଉଳ ଯୋଗାଇଦେବା ଆଦି ବିଭିନ୍ନ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମ ଉପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ, କେନ୍ଦ୍ରମନ୍ତ୍ରୀଙ୍କୁ ଜଣାଇଥିଲେ।

## ସମ୍ବଲପୁର 'କାଡା' ନିର୍ବାହୀ ଯନ୍ତ୍ରୀ ଗିରଫ

### ଆୟଠାରୁ ୧୧୯ ପ୍ରତିଶତ ଅଧିକ ସମ୍ପତ୍ତି ଠାବ

ସମ୍ବଲପୁର, ୨୪।୬(ନିପ୍ର): ସମ୍ବଲପୁର କମାଣ୍ଡ ଏରିଆ ଡେଭଲପମେଣ୍ଟ ଅଥରିଟି (କାଡା) ଡିଭିଜନର ନିର୍ବାହୀ ଯନ୍ତ୍ରୀ ପଦ୍ମଲୋଚନ ନାୟକଙ୍କୁ ଅସମାନୁପାତିକ ସମ୍ପତ୍ତି ମାମଲାରେ ଓଡ଼ିଶା ଭିଜିଲାନ୍ସ ବୁଧବାର ଗିରଫ କରିଛି। ତାଙ୍କ ନିକଟରୁ ଜଣାଶୁଣା ଆୟ ସ୍ରୋତ ତୁଳନାରେ ୧୧୯ ପ୍ରତିଶତ ଅଧିକ ସମ୍ପତି ଠାବ ହୋଇଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ମିଳିଛି। ଭିଜିଲାନ୍ସ ପକ୍ଷରୁ ତାଙ୍କୁ ଗିରଫ କରାଯାଇ ସମ୍ବଲପୁର ସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ଅଦାଲତରେ ହାଜର କରାଯାଇଛି। ଏହି ସମ୍ପର୍କରେ ସମ୍ବଲପୁର ଭିଜିଲାନ୍ସ ଥାନାରେ ମାମଲା ରୁଜୁ ହୋଇଛି। ଭିଜିଲାନ୍ସ ଚଢ଼ାଉ ସମୟରେ ପଦ୍ମଲୋଚନ ନାୟକ ଏବଂ ତାଙ୍କ ପରିବାର ସଦସ୍ୟଙ୍କ ନାମରେ ବିପୁଳ ପରିମାଣର ଚଳ ଓ ଅଚଳ ସମ୍ପତ୍ତି ଠାବ କରାଯାଇଛି। ଭିଜିଲାନ୍ସର ତଦନ୍ତ, ହିସାବ ଓ ସମ୍ପତ୍ତିର ମୂଲ୍ୟାଙ୍କନ ପରେ ପଦ୍ମଲୋଚନ ନାୟକଙ୍କ ନିକଟରେ ତାଙ୍କ ଜଣାଶୁଣା ଆୟ ସ୍ରୋତ ଠାରୁ ୧୧୯ ପ୍ରତିଶତ ଅଧିକ ସମ୍ପତି ଥିବା ଜଣାପଡ଼ିଛି। ମାମଲାର ତଦନ୍ତ ଏବେବି ଜାରି ରହିଥିବା ଜଣାପଡିଛି ।



## ହଷ୍ଟେଲରେ ନବମ ଶ୍ରେଣୀ ଛାତ୍ରୀଙ୍କ ଆତ୍ମହତ୍ୟା !

### ତତ୍ତ୍ୱାବଧାରକଙ୍କ ଦାୟିତ୍ୱହୀନତା ଓ ଅଧୀକ୍ଷକଙ୍କ ଅପାରଗତା ଅଭିଯୋଗ

ହିଞ୍ଜିଳିକାଟୁ,୨୪।୬(ନିପ୍ର): ହଷ୍ଟେଲରେ ରହୁଥିବା ଜଣେ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଠାବ ଘଟଣା ଏଠାରେ ଆଲୋଡ଼ନ ସୃଷ୍ଟି କରିଛି। ଖବରରୁ ପ୍ରକାଶ ଯେ, ବେଗୁନିଆପଡା ବ୍ଲକ ତୋଟାପଡା ଗ୍ରାମର ସନ୍ତୋଷ ଓ ତାଙ୍କ ସ୍ତ୍ରୀ ରେଣୁ ଦାସ କେରଳ ରାଜ୍ୟରେ ଦାଦନ ଶ୍ରମିକ ଭାବେ କାର୍ଯ୍ୟ କରୁଛନ୍ତି। ତାଙ୍କରି ୧୪ ବର୍ଷୀୟା ନାବାଳିକା କନ୍ୟା ବର୍ଷା ଖଲ୍ଲିକୋଟ ଥାନା ବଳରାମପୁର ଗ୍ରାମରେ ରହି ଆସୁଥିଲେ। ଗତ ୩ ବର୍ଷ ଧରି ସେ ହିଞ୍ଜିଳିକାଟୁ ବ୍ଲକ୍ ଗୋପିନାଥପୁର ଗ୍ରାମ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ହଷ୍ଟେଲରେ ରହି ପାଠ ପଢୁଥିଲେ। ଗତ ଏପ୍ରିଲ ୨୧ ତାରିଖରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଗ୍ରୀଷ୍ମ ଅବକାଶ ହୋଇଥିଲା। ଖରା ଛୁଟି ଶେଷ ପରେ ନାବାଳିକା ଜଣଙ୍କ ଆଈ ସୁଶୀଳା ଦାସଙ୍କୁ ସାଙ୍ଗରେ ନେଇ ବୁଧବାର ଅପରାହ୍ନ ୨ଘଣ୍ଟା ସମୟରେ ହଷ୍ଟେଲରେ ପହଞ୍ଚିଥିଲେ। ହଷ୍ଟେଲରେ ପହଞ୍ଚିବାର ମାତ୍ର ଅଧଘଣ୍ଟା ପରେ ତାଙ୍କର ଝୁଲନ୍ତା ମୃତଦେହ ମିଳିଥିଲା। ହଷ୍ଟେଲରେ କେହି ନଥିବାର ସୁଯୋଗ ନେଇ ନାବାଳିକା ଜଣଙ୍କ ହଷ୍ଟେଲ ବେଡ୍ ଉପରେ ବାଲଟି ରଖି ଫ୍ୟାନରେ ଚୁନି ଲଗାଇ ଆତ୍ମହତ୍ୟା କରିଥିଲେ ବୋଲି କୁହାଯାଉଛି । ହଷ୍ଟେଲ ତତ୍ତ୍ୱାବଧାରକଙ୍କ ଦାୟିତ୍ୱହୀନତା ଓ ଅଧୀକ୍ଷକଙ୍କ ଅପାରଗତା ଯୋଗୁଁ ଛାତ୍ରୀ ଜଣଙ୍କ ଆତ୍ମହତ୍ୟା କରିଛନ୍ତି ବୋଲି ମୃତ ନାବାଳିକାଙ୍କ ମାମୁ ଅଭିଯୋଗ କରିଛନ୍ତି। ହିଞ୍ଜିଳି ଥାନାରେ କେସ ନଂ - ୧୧/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପୁଲିସ ଘଟଣାର ତଦନ୍ତ ଚଳାଇଛି।

'ଓସ୍‌ଡମା' ନିର୍ଦ୍ଦେଶ

## ସମସ୍ତ ଶିକ୍ଷାନୁଷ୍ଠାନରେ ଯାଞ୍ଚ ହେବ ଅଗ୍ନି ନିରାପତ୍ତା

### ୧୫ ଦିନରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ ଲାଗି ନିର୍ଦ୍ଦେଶ

ଭୁବନେଶ୍ୱର,୨୪।୬: ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଓ.ଏସ୍.ଡି.ଏମ୍.ଏ) ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନ, କୋଚିଂ ସେଣ୍ଟର ଏବଂ ଦକ୍ଷତା ବିକାଶ କେନ୍ଦ୍ରଗୁଡ଼ିକରେ ଅଗ୍ନି ନିରାପତ୍ତା ପ୍ରସ୍ତୁତିର କଡ଼ା ସମୀକ୍ଷା ଏବଂ ଅଡିଟ୍ କରିବାକୁ ବାଧ୍ୟତାମୂଳକ କରିଛନ୍ତି। ଉତ୍ତର ପ୍ରଦେଶର ଲକ୍ଷ୍ନୌଠାରେ ଘଟିଥିବା ଦୁଃଖଦ ଅଗ୍ନିକାଣ୍ଡକୁ ଦୃଷ୍ଟିରେ ରଖି ଏହି ନିର୍ଦ୍ଦେଶନାମା ଜାରି କରାଯାଇଛି। ନୂତନ ଶିକ୍ଷାବର୍ଷ ଆରମ୍ଭ ସମୟରେ ସୁରକ୍ଷା ନିୟମର କୌଣସି ପ୍ରକାର ସାଲିସ୍ କରାଯିବ ନାହିଁ। ଏହି ପରିପ୍ରେକ୍ଷୀରେ ସମସ୍ତ ଜିଲ୍ଲାପାଳ ତଥା ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଡି. ଡି. ଏମ୍.ଏ) ର ଅଧ୍ୟକ୍ଷମାନଙ୍କୁ ଏକ ସରକାରୀ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏହି ନିର୍ଦ୍ଦେଶନାମାରେ ସ୍ୱେସଆଲ ରିଲିଫ କମିଶନର (ଏସ୍ ଆର୍ ସି) ଏବଂ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଓ.ଏସ୍.ଡି.ଏମ୍.ଏ) ପରିଚାଳନା ନିର୍ଦ୍ଦେଶକ ରାଜେଶ ପ୍ରଭାକର ପାଟିଲ୍ ଗୁରୁତ୍ୱାରୋପ କରିଛନ୍ତି ଯେ ଛାତ୍ରଛାତ୍ରୀ, ପ୍ରଶିକ୍ଷାର୍ଥୀ, ଶିକ୍ଷକ ଏବଂ ସହଯୋଗୀ କର୍ମଚାରୀମାନଙ୍କ ସୁରକ୍ଷା ସର୍ବୋପରି ଅଟେ। ନୂତନ ଶିକ୍ଷାବର୍ଷ ଆରମ୍ଭ ହେବାକୁ ଥିବାରୁ, ଓଡ଼ିଶା ଅଗ୍ନି ପ୍ରତିରୋଧ ଏବଂ ଅଗ୍ନି ନିରାପତ୍ତା ନିୟମାବଳୀ, ୨୦୧୭, ଓଡ଼ିଶା ଅଗ୍ନି ପ୍ରତିରୋଧ ଏବଂ ଅଗ୍ନି ନିରାପତ୍ତା (ସଂଶୋଧନ) ନିୟମାବଳୀ, ୨୦୨୫ ଏବଂ ଅନ୍ୟାନ୍ୟ ପ୍ରଯୁଜ୍ୟ ସୁରକ୍ଷା ନିୟମର କଡ଼ା ଅନୁପାଳନ ସୁନିଶ୍ଚିତ କରିବା ପାଇଁ ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ ତୁରନ୍ତ କ୍ଷେତ୍ର ପରିଦର୍ଶନ ଓ ଯାଞ୍ଚ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।ଓ.ଏସ୍.ଡି.ଏମ୍.ଏ ଦ୍ୱାରା ଜାରି କରାଯାଇଥିବା ଅଗ୍ରାଧିକାର ଭିତ୍ତିକ କାର୍ଯ୍ୟାନୁଷ୍ଠାନଗୁଡିକ ହେଲା : ବ୍ୟାପକ ଅଗ୍ନି ନିରାପତ୍ତା ଅଡିଟ୍:ନିର୍ଦ୍ଦେଶନାମା ଅନୁଯାୟୀ, ଭିତ୍ତିଭୂମିଗତ ତ୍ରୁଟିଗୁଡ଼ିକୁ ଦୂର କରିବା ପାଇଁ ଜିଲ୍ଲା ପ୍ରଶାସନ ସମସ୍ତ କ୍ୟାମ୍ପସରେ ବ୍ୟାପକ ଯାଞ୍ଚ ଅଭିଯାନ ଆରମ୍ଭ କରିବେ। ସୁରକ୍ଷିତ ନିର୍ଗମନ ବ୍ୟବସ୍ଥା: ଜରୁରୀକାଳୀନ ପରିସ୍ଥିତିରେ ଜରୁରୀକାଳୀନ ନିର୍ଗମନ ପଥ ହିଁ ସୁରକ୍ଷାର ପ୍ରଥମ ମାଧ୍ୟମ ବୋଲି ଏହି ନିର୍ଦ୍ଦେଶନାମାରେ ଗୁରୁତ୍ୱ ଦିଆଯାଇଛି। ଦକ୍ଷତା ବୃଦ୍ଧି ଏବଂ ମକ୍ ଡ୍ରିଲ୍ ଆୟୋଜନ: ଶିକ୍ଷା ଏବଂ ପ୍ରଶିକ୍ଷଣ ଅନୁଷ୍ଠାନଗୁଡ଼ିକ କେବଳ କାଗଜପତ୍ରରେ ନିୟମ ପାଳନ ନକରି, ବାସ୍ତବିକ ଭାବେ ପ୍ରସ୍ତୁତ ରହିବା ପାଇଁ ଛାତ୍ରଛାତ୍ରୀ, ପ୍ରଶିକ୍ଷାର୍ଥୀ, ଶିକ୍ଷକ, ପ୍ରଶିକ୍ଷକ ଏବଂ ସହଯୋଗୀ କର୍ମଚାରୀମାନଙ୍କ ପାଇଁ ପ୍ରତି ତ୍ରୈମାସିକରେ ନିୟମିତ ଅଗ୍ନି ନିରାପତ୍ତା ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବେ। ଆନୁଷ୍ଠାନିକ ପ୍ରସ୍ତୁତି: ପ୍ରକୃତ ସୁରକ୍ଷା ବିପର୍ଯ୍ୟୟ ପୂର୍ବରୁ ବ୍ୟବସ୍ଥିତ ଯୋଜନା ଉପରେ ନିର୍ଭର କରେ। ବିଶେଷ ଧ୍ୟାନ ଦେବାକୁ ଥିବା କ୍ଷେତ୍ର: ଭଡ଼ା ଘରେ ଚାଲୁଥିବା ଅନୁଷ୍ଠାନ, ଜନଗହଳିପୂର୍ଣ୍ଣ ବ୍ୟବସାୟିକ ପ୍ରତିଷ୍ଠାନ, ବେସମେଣ୍ଟ ଏବଂ ଅଧିକ ଛାତ୍ରଛାତ୍ରୀ ଥିବା ଯେକୌଣସି ବିଲ୍ଡିଂକୁ ଜିଲ୍ଲା ଦଳଗୁଡ଼ିକ ସର୍ବୋଚ୍ଚ ଅଗ୍ରାଧିକାର ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରବର୍ତ୍ତନ ଏବଂ ଅନୁଧ୍ୟାନ: ରାଜସ୍ୱ, ଅଗ୍ନିଶମ ସେବା, ଗଣଶିକ୍ଷା, ଉଚ୍ଚଶିକ୍ଷା ଏବଂ ଦକ୍ଷତା ବିକାଶ ବିଭାଗର ବରିଷ୍ଠ ଅଧିକାରୀ ଓ ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ ନେଇ ଗଠିତ ଯୁଗ୍ମ ଯାଞ୍ଚ ଦଳ ଦ୍ୱାରା ଜିଲ୍ଲା ସ୍ତରୀୟ ଅନୁଧ୍ୟାନ କରାଯିବ ।




CMYK

# କଳିଯୁଗର ଅନ୍ତ

ହିନ୍ଦୁ ଧର୍ମର ପ୍ରାଚୀନ ଗ୍ରନ୍ଥ ଗରୁଡ଼ ପୁରାଣ, ବିଷ୍ଣୁ ପୁରାଣ ଏବଂ ଅଗ୍ନି ପୁରାଣରେ କଳିଯୁଗ ବିଷୟରେ ବହୁତ ବଡ଼ କଥା କୁହାଯାଇଛି । ସତ୍ୟ, ତ୍ରେତୟା, ଦ୍ୱାପର ଏବଂ କଳିଯୁଗ ମଧ୍ୟରେ ଏହି ଚତୁର୍ଥ ଯୁଗ ସବୁଠାରୁ ଛୋଟ କିନ୍ତୁ ସବୁଠାରୁ ଭୟଙ୍କର ଏବଂ ଦୁଃଖଦାୟକ ବୋଲି କୁହାଯାଇଛି । ହଜାର ହଜାର ବର୍ଷ ପୂର୍ବେ ଭଗବାନ ଶ୍ରୀକୃଷ୍ଣ କଳିଯୁଗର ଯେଉଁ ଲକ୍ଷଣଗୁଡ଼ିକ ବିଷୟରେ କହିଥିଲେ, ତାହା ଆଜି ଗୋଟି ଗୋଟି ହୋଇ ସତ ପ୍ରମାଣିତ ହେଉଛି । ପୁରାଣ ଅନୁସାରେ, କଳିଯୁଗରେ ଯେଉଁ ବ୍ୟକ୍ତି ପାଖରେ ବଳ ଏବଂ କ୍ଷମତା ଥିବ ସିଏ ହିଁ ସମାଜର ସ୍ୱାମୀ ହେବ । ସତ୍ୟ ଏବଂ ଶାସ୍ତ୍ରର ମହତ୍ତ୍ୱ ଶେଷ ହୋଇଯିବ । ଚାରିଆଡ଼େ କେବଳ ଦେଖାଣିଆ ବ୍ୟବହାର,କୁକର୍ମ,ବେଇମାନି ଏବଂ ଅନ୍ଧବିଶ୍ୱାସର ଦବଦବା ରହିବ । ଲୋକେ ପ୍ରକୃତ ଭଗବାନଙ୍କୁ ଛାଡ଼ି ଭଣ୍ଡ ବାବା ଓ ନକଲି ଧର୍ମଗୁରୁଙ୍କୁ ପୂଜା କରିବେ । ଧର୍ମ-କର୍ମ, ବ୍ରତ-ଉପବାସ କେବଳ ନିଜ ସୁବିଧା ଓ ଦେଖାଶିଖାରେ ସୀମିତ ରହିବ । ଅଳ୍ପ ଧନ ପାଇଲେ ହିଁ ମଣିଷ ଅହଂକାରୀ ହୋଇଯିବ । କଳିଯୁଗରେ ସ୍ତ୍ରୀ-ପୁରୁଷ ସମ୍ପର୍କ ଓ ବିବାହ ପରି ପବିତ୍ର ବନ୍ଧନ ଦୁର୍ବଳ ହୋଇଯିବ । ଟଙ୍କାରେ ଭର୍ତ୍ତି ପକେଟ୍ ଏବଂ ଭୌତିକ ସୁଖ ହିଁ ସମ୍ପର୍କର ଆଧାର ସାଜିବ । ଯେଉଁ ପୁରୁଷ ପାଖରେ ଧନ ନଥିବ ସ୍ତ୍ରୀ ତାକୁ ଛାଡ଼ି ଚାଲିଯାଇପାରେ । ଲୋକେ ଟଙ୍କା ପାଇଁ ପରସ୍ପର ଭିତରେ ଲଢ଼େଇ କରିବେ । ଅତିଥି ସତ୍କାର ଓ ଗୋ-ସେବା କେବଳ ଲାଭଖୋର ମନୋଭାବରେ ପରିଣତ ହେବ । ଭାଇ-ଭାଇ ଭିତରେ ଶତ୍ରୁତା ବଢ଼ିବ ଏବଂ ପରିବାର ଭାଙ୍ଗି ଚୁରମାର ହୋଇଯିବ । ମାନ୍ୟତା ଅନୁସାରେ, ପ୍ରାୟ ଖ୍ରୀଷ୍ଟପୂର୍ବ ୩୦୨ ରେ କଳିଯୁଗର ଆରମ୍ଭ ହୋଇଥିଲା । ଅର୍ଥାତ୍ ଏପର୍ଯ୍ୟନ୍ତ କଳିଯୁଗର ମାତ୍ର ୫,୧୨୦ ବର୍ଷ ବିତିଛି ଏବଂ ଏବେଠାରୁ ହିଁ ଏହାର ଭୟଙ୍କର ରୂପ ଦେଖିବାକୁ ମିଳିଲାଣି । କିନ୍ତୁ ପୁରାଣ କହେ, କଳିଯୁଗର ଅନ୍ତିମ ଚରଣରେ ପରିସ୍ଥିତି ସବୁଠାରୁ ଭୟାବହ ହେବ । ଯେମିତିକି କଳିଯୁଗର ଶେଷ ସମୟରେ ମଣିଷର ହାରାହାରି ଆୟୁଷ ମାତ୍ର ୧୩ ବର୍ଷ ହୋଇଯିବ ଏବଂ ତା'ର ଉଚ୍ଚତା କମି ପ୍ରାୟ ୪ ଇଞ୍ଚ ରହିଯିବ । ଲୋକେ ଶାରୀରିକ ଓ ମାନସିକ ସ୍ତରରେ ଅତ୍ୟନ୍ତ ଦୁର୍ବଳ ହେବେ । ସାମାନ୍ୟ କଥାରେ କ୍ରୋଧ ଜାତ ହେବ ଏବଂ ମନ ଅସ୍ଥିର ରହିବ । ପ୍ରଚୁର ସୁଖ-ସୁବିଧା ଥାଇ ମଧ୍ୟ ମଣିଷ ଭିତରୁ ଶୂନ୍ୟ ଓ ଦୁଃଖୀ ଅନୁଭବ କରିବ । ଅନ୍ୟାୟ ଓ ଅଧର୍ମ ବଢ଼ିବା ସହ ପ୍ରକୃତି ମଧ୍ୟ ରୁଦ୍ରରୂପ ଧାରଣ କରିବ । ବର୍ଷାର କୌଣସି ନିୟମ ରହିବ ନାହିଁ, କେଉଁଠି ମରୁଡ଼ି ତ କେଉଁଠି ବନ୍ୟାର ଆତଙ୍କ ଦେଖାଯିବ । ସମସ୍ତ ପବିତ୍ର ଓ ଜୀବନଦାୟୀ ନଦୀଗୁଡ଼ିକ ଶୁଖିଯିବେ । ଖାଦ୍ୟ ଓ ଶସ୍ୟର ଅଭାବ ଦେଖାଦେବ ଯାହାଫଳରେ ଲୋକେ ମୁଠେ ଭାତ ପାଇଁ ବି ସଂଘର୍ଷ କରିବେ । ହିଂସା ଏବଂ ଅପରାଧ ଚରମ ସୀମାରେ ପହଞ୍ଚିବ । ସେହି ସମୟରେ ଅଧର୍ମର ବିନାଶ ପାଇଁ ଏବଂ ସୃଷ୍ଟିର ପୁନରୁଦ୍ଧାର ପାଇଁ ମହାପ୍ରଳୟ ଘଟିବ ।








# ହରିଶଙ୍କର ମନ୍ଦିର

ପଶ୍ଚିମ ଓଡ଼ିଶାରେ ଅନେକ ଐତିହାସିକ ଓ ଧାର୍ମିକ ମନ୍ଦିର ରହିଛି, ଯାହା ସାଂସ୍କୃତିକ ଓ ସ୍ଥାପତ୍ୟ ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି ମନ୍ଦିରଗୁଡ଼ିକରେ ଶୈବ, ବୈଷ୍ଣବ ଓ ଶାକ୍ତ ପରମ୍ପରାର ସମନ୍ୱୟ ଦେଖିବାକୁ ମିଳେ । ଯାହା ଓଡ଼ିଶାର ଧାର୍ମିକ ବିବିଧତାକୁ ପ୍ରତିଫଳିତ କରିଥାଏ । ପର୍ଯ୍ୟଟକ ଓ ଶ୍ରଦ୍ଧାଳୁ ମନ୍ଦିର ଦର୍ଶନ କରି ପଶ୍ଚିମ ଓଡ଼ିଶାର ସମୃଦ୍ଧ ଐତିହ୍ୟ ଅନୁଭବ କରିପାରିବେ । ହରିଶଙ୍କର ମନ୍ଦିର ବଲାଙ୍ଗୀର ଜିଲା ଗନ୍ଧମାର୍ଦ୍ଦନ ପାହାଡ଼ ତଳେ ଅବସ୍ଥିତ । ଭଗବାନ ହରି (ବିଷ୍ଣୁ) ଓ ଶଙ୍କର (ଶିବ)ଙ୍କୁ ସମର୍ପିତ ଏହି ମନ୍ଦିର ହିନ୍ଦୁ ଧର୍ମର ସମନ୍ୱୟ ପରମ୍ପରାକୁ ଦର୍ଶାଏ । ପ୍ରାଚୀନ କାଳରୁ ଏହା ଏକ ତୀର୍ଥସ୍ଥାନ ରୂପେ ପରିଚିତ । ମନ୍ଦିରର ସ୍ଥାପତ୍ୟ ଓ ପ୍ରାକୃତିକ ସୌନ୍ଦର୍ଯ୍ୟ ଏହାର ମହତ୍ତ୍ୱ ବୃଦ୍ଧି କରେ । ମନ୍ଦିର ନିକଟରେ ଏକ ପ୍ରାକୃତିକ ଝରଣା ରହିଛି, ଯାହା ଭକ୍ତମାନଙ୍କ ପାଇଁ ପବିତ୍ର । ଶିବରାତ୍ରି ଓ ବୈଷ୍ଣବ ପର୍ବଗୁଡ଼ିକ ଏଠାରେ ବିଶେଷ ଭାବେ ପାଳନ ହୋଇଥାଏ । ଗନ୍ଧମାର୍ଦ୍ଦନ ପାହାଡ଼ର ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ଆଖପାଖରେ ଅନ୍ୟ ଦର୍ଶନୀୟ ସ୍ଥାନ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ ।



# ଦିବ୍ୟ ଚେତନାର ଅଭ୍ୟୁଦୟ

ପ୍ରତ୍ୟେକଙ୍କ ଅନ୍ତରରେ ବିରାଜମାନ ଆତ୍ମା ଅବିନାଶୀ- ସତ୍, ଚିତ୍, ଆନନ୍ଦର ପ୍ରତୀକ । ସ୍ୱାମୀ ଚିଦାନନ୍ଦଙ୍କ ଭାଷାରେ ଏହି ଭାବ ହିଁ ଆତ୍ମଚେତନା ଜାଗ୍ରତ କରାଏ । ପ୍ରେରଣାଦାୟୀ ଓ ସାତ୍ତ୍ୱିକ ବିଚାରବୋଧ ସୁପ୍ତ ଆତ୍ମତତ୍ତ୍ୱର ସ୍ୱାଭାବିକ ଅଂଶ ଅଟେ, ଯାହା ନିତ୍ୟ ସ୍ୱଭାବକୁ ପ୍ରକଟ କରେ । ସୁପ୍ତ ଆତ୍ମତତ୍ତ୍ୱରେ ଯଦି ଏହି ସୁବିଚାରର ଧାରାପ୍ରବାହ ଅବିରତ ହୁଏ, ତେବେ ଅଶୁଦ୍ଧ ବିଚାରବୋଧର ସ୍ଥୁଳ ଆବରଣ ଧୀରେଧୀରେ ଅପସରି ଯାଏ । ସାତ୍ତ୍ୱିକ ତଥା ଆଧାତ୍ମିକ ବିଚାରବୋଧ ଚେତନାର କେନ୍ଦ୍ରସ୍ଥଳରେ ପ୍ରବେଶ କରେ । ଏହି ଦିବ୍ୟ ଚେତନା ପ୍ରବେଶ କଲେ ନିଜଠାରେ ଏକ ବିଶେଷ ପରିବର୍ତ୍ତନ ଅନୁଭୂତ ହୁଏ । ଦିବ୍ୟ ଚେତନାର ଅଭ୍ୟୁଦୟ ସମ୍ପର୍କିତ ନିମ୍ନୋକ୍ତ ପ୍ରସଙ୍ଗ । ପାହାଡ଼ର ସମତଳ ଅଞ୍ଚଳରେ କିଛି ମେଣ୍ଢା ଚରୁଥିଲେ, ଏହି ସମୟରେ ଏକ ସିଂହୀ ଖାଦ୍ୟ ଅନ୍ୱେଷଣରେ ବୁଲୁବୁଲୁ ମେଣ୍ଢାପଲ ନିକଟରେ ପହଞ୍ଚି ଯାଇଥିଲା । ଗୋଟିଏ ମେଣ୍ଢା ଉପରକୁ ଲମ୍ଫ ପ୍ରଦାନ କଲା, ହେଲେ ଲକ୍ଷ୍ୟଭ୍ରଷ୍ଟ ହୋଇ ବିରାଟ ପଥରଖଣ୍ଡ ଦେହରେ ପିଟି ହୋଇଯାଇଥିଲା । ଆସନ୍ନ ପ୍ରସବା ସିଂହୀ ଆଘାତଜନିତ ଯନ୍ତ୍ରଣାରେ କିଛିକ୍ଷଣ ଛଟପଟ ହେବା ଭିତରେ ଏକ ଶାବକ ପ୍ରସବ କରି ସେହିଠାରେ ପ୍ରାଣତ୍ୟାଗ କରିଥିଲା । ମେଣ୍ଢା ଜଗୁଆଳ ସିଂହଛୁଆକୁ ଆଣି ମେଣ୍ଢାମାନଙ୍କ ସହ ପାଳିବାକୁ ଲାଗିଲା । ଧୀରେଧୀରେ ସିଂହଛୁଆଟି ବଡ଼ ହେଲା । ମେଣ୍ଢାପଲ ଭିତରେ ରହି ସେମାନଙ୍କ ସାଙ୍ଗରେ ବୁଲାବୁଲି କରେ, ସାମାନ୍ୟ କିଛି ଶବ୍ଦ ହେଲେ ଅନ୍ୟ ମେଣ୍ଢାମାନଙ୍କ ସଦୃଶ ଡରିଯାଏ । ସିଂହର ଚୈତନ୍ୟ ଶକ୍ତି ଲୋପ ପାଇଯାଇ ମେଣ୍ଢାମାନଙ୍କ ଚୈତନ୍ୟଶକ୍ତି ସହିତ ସମାନ ଥିଲା ଯେଉଁମାନଙ୍କ ଗହଣରେ ଜନ୍ମରୁ ବଢ଼ି ଆସିଥିଲା । ଦିନେ ଆଉ ଏକ ସିଂହକୁ ଦେଖି ମେଣ୍ଢାପଲ ଆସନ୍ନ ବିପଦ ଆଶଙ୍କାରେ ରଡ଼ି କରି ଦୌଡ଼ିବାକୁ ଲାଗିଲେ । ସେମାନଙ୍କ ପଛେପଛେ ସିଂହଛୁଆଟି ମଧ୍ୟ ଦୌଡୁଥାଏ ପ୍ରାଣବିକଳରେ । ଆକ୍ରମଣକାରୀ ସିଂହ ଆଶ୍ଚର୍ଯ୍ୟ ହୋଇଯାଇଥିଲା ଏହା ଦେଖି । ମନେମନେ ଭାବିଲା ମୋତେ ଦେଖି କ'ଣ ପାଇଁ ଭୟରେ ଦୌଡୁଛି ? ଇଏ ତ ମୋର ସମଧର୍ମୀ । ଦୌଡୁଥିବା ସିଂହଛୁଆ ନିକଟକୁ ଯାଇ ତା'ର ପଥରୋଧ କରି ପଚାରିଥିଲା ତୋର ଏଭଳି ଭୟାତୁର ଅବସ୍ଥା କେଉଁଥିପାଇଁ ? ତୁ ତ ମୋରି ଜାତୀୟ । ସିଂହଛୁଆଟି କିନ୍ତୁ ସଂସର୍ଗବଶତଃ କହିଥିଲା- ମୁଁ ତ ମେଣ୍ଢା । ଚେତନାଶକ୍ତିର ଅଭ୍ୟୁଦୟ ହୋଇନଥିବା କାରଣରୁ ସେ ନିଜକୁ ମେଣ୍ଢା ମଣୁଥିଲା ଯଦିଓ ପ୍ରକୃତରେ ଥିଲା ସିଂହ । ଆକ୍ରମଣକାରୀ ସିଂହଟି ତାକୁ ସ୍ଥିର ପାଣି ନିକଟକୁ ନେଇ କହିଥିଲା- ଏବେ ଦେଖ ତୋର ଅସଲ ଚେହେରା । ସିଂହଛୁଆଟି ପାଣିକୁ ଅନାଇ ଦେଖିଲା ସେ ଏକ ବଳବାନ ସିଂହ । ତା'ର ଚେହେରା ସହ ପାଖରେ ଠିଆ ହୋଇଥିବା ସିଂହର ସାଦୃଶ୍ୟ ରହିଛି । ଗର୍ଜନ କରି କହିଲା- ଏବେ ଏହି ଭଳି ଗର୍ଜନ କର ତ ! ମେଣ୍ଢା ପଲରେ ଥିବା ସିଂହଛୁଆ କଥାମାନି ଗର୍ଜନ କରିଥିଲା । ଏବେ ଅନୁଭବ କଲା ଯେ ସେ ମେଣ୍ଢା ନୁହେଁ ସିଂହ । ଚେତନା ଶକ୍ତି ଫେରିପାଇବାର ଦର୍ପରେ ଜଙ୍ଗଲ ଦିଗରେ ଆଗେଇଥିଲା ନୂଆ ପରିଚୟକୁ ନେଇ ।



# ଶକ୍ତିଠାରୁ ଶ୍ରେଷ୍ଠ

ବାମନ ପୁରାଣର ଏହି ପ୍ରସଙ୍ଗ । ଏକଦା ମହାତେଜସ୍ୱୀ ପ୍ରହ୍ଲାଦ, ଋଷି ଚ୍ୟବନଙ୍କୁ କହିଥିଲେ- ମୁନିବର ! ଆପଣ ପୃଥ୍ୱୀଲୋକର ଶ୍ରେଷ୍ଠ ଋଷିମାନଙ୍କ ମଧ୍ୟରୁ ଅନ୍ୟତମ । ମୋର ପରମ ସୌଭାଗ୍ୟ ଯେ ମୁଁ ଆପଣଙ୍କ ଦର୍ଶନ ଲାଭରେ ସମର୍ଥ ହେଲି । ପୃଥ୍ୱୀ ଲୋକର କୌଣସି ଶ୍ରେଷ୍ଠ ତୀର୍ଥ ପରିଦର୍ଶନର ଆକାଂକ୍ଷା ମନ ଭିତରେ ରହିଛି । ମୋତେ ସେ ବିଷୟରେ ଆପଣ ମାର୍ଗଦର୍ଶନ ଦିଅନ୍ତୁ । ଋଷି ଚ୍ୟବନ ପ୍ରହ୍ଲାଦଙ୍କୁ ନୈମିଷାରଣ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ଦୈତ୍ୟରାଜ ପ୍ରହ୍ଲାଦ ଦାନବମାନଙ୍କ ସହିତ ସେଠାକୁ ଯାତ୍ରା କରିଥିଲେ । ତୀର୍ଥ ସ୍ନାନ ପରେ ପ୍ରହ୍ଲାଦ ବନପ୍ରଦେଶରେ ଘୂରିବୁଲି ଏହାର ଶୋଭା ସନ୍ଦର୍ଶନ କରୁଥିଲାବେଳେ ଅକସ୍ମାତ୍ ଏକ ଅଦ୍ଭୁତ ଦୃଶ୍ୟ ଦେଖିବାକୁ ପାଇଥିଲେ- କୃଷ୍ଣ ମୃଗଚର୍ମ ଧାରଣ କରିଥିବା, ଜଟାଜୁଟଧାରୀ ଦୁଇ ମୁନି ତପସ୍ୟାରେ ବସିଛନ୍ତି । ତେବେ ଯେଉଁ ବିଶାଳକାୟ ଶାଳବୃକ୍ଷ ତଳେ ସେମାନେ ତପସ୍ୟାରତ ସେହି ବୃକ୍ଷ ଅନେକ ଦିବ୍ୟାସ୍ତ୍ର (ବାଣ) ଦ୍ୱାରା ପୂର୍ଣ୍ଣ ଭାବରେ ଆଚ୍ଛାଦିତ ଥିଲା । ମୁନି ଦ୍ୱୟଙ୍କର ପୃଷ୍ଠଦେଶରେ ମଧ୍ୟ ଦୁଇ ଦିବ୍ୟଧନୁ, ଅକ୍ଷୟ ତୂଣୀର ଥୁଆ ହୋଇଥିଲା । ପ୍ରହ୍ଲାଦ ଚକିତ ହୋଇ ପଚାରିଥିଲେ- ଦୁହିଁଙ୍କୁ ଦେଖିଲେ ମନେ ହେଉଛି ଦାମ୍ଭିକତାର ସହ ଧର୍ମ ବିନାଶକ କାର୍ଯ୍ୟ କରୁଛନ୍ତି । ଏକ ପକ୍ଷରେ ଜଟାଜୁଟଧାରୀ, ଭାର । ଅପର ପକ୍ଷରେ ଶ୍ରେଷ୍ଠ ଅସ୍ତ୍ର ସମୂହ ରଖିଛନ୍ତି । ଏହା ତ ବଡ଼ ବିଚିତ୍ର କଥା ! ତପସ୍ୱୀ କହିଥିଲେ- ଦୈତ୍ୟରାଜ ! ସାମର୍ଥ୍ୟବାନ ବ୍ୟକ୍ତି ଯାହା କିଛି ବି କାର୍ଯ୍ୟ କରିଥାନ୍ତି ତାହା ତାଙ୍କୁ ଶୋଭା ପାଇଥାଏ । ଏହାକୁ ଦାମ୍ଭିକତାପୂର୍ଣ୍ଣ ଉକ୍ତି ବୋଲି ଭାବି ପ୍ରହ୍ଲାଦ ପ୍ରତିଜ୍ଞା କଲେ ନିଜକୁ ସାମର୍ଥ୍ୟବାନ୍ କହୁଥିବା ଦୁହିଁଙ୍କୁ ଯୁଦ୍ଧରେ ପରାସ୍ତ କରି ତାଙ୍କର ଦର୍ପଚୂର୍ଣ୍ଣ କରିବେ । ବିଡ଼ମ୍ବନା ଏହା ଥିଲା ଯେ 'ଲୋକପତି-ନାରାୟଣ' (ମୁନିଦ୍ୱୟ)ଙ୍କ ଦ୍ୱାରା ପ୍ରହ୍ଲାଦ ପରାଜିତ ହୋଇ ପଛଘୁଞ୍ଚା ଦେଇଥିଲେ । ନିରାଶ ହୋଇ ବିଷ୍ଣୁଙ୍କ ଶରଣ ନେଇଥିଲେ । ବିଷ୍ଣୁ ଭଗବାନ କହିଥିଲେ- ପ୍ରହ୍ଲାଦ ! ନାରାୟଣଙ୍କୁ ତୁମେ ପରାସ୍ତ କରିପାରିବନି, ସେ ଅଜେୟ । ସକଳ ଦେବତା ଓ ରାକ୍ଷସମାନଙ୍କ ଦ୍ୱାରା ବି ଅଜେୟ ।' ପ୍ରହ୍ଲାଦ ନମ୍ରଭାବରେ କହିଥିଲେ- ହେଲେ ଭଗବାନ ! ମୁଁ ପ୍ରକୃତ କଥା ଜାଣି ନପାରି ଆବେଗରେ ଯେଉଁ ପ୍ରତିଜ୍ଞା କରିଥିଲି (ମୁନିଦ୍ୱୟଙ୍କୁ ପରାସ୍ତ କରି ଦର୍ପଚୂର୍ଣ୍ଣ କରିବା) ତାହା କ'ଣ ହେବ ? 'ଦାନବଶ୍ରେଷ୍ଠ ! ଯେଉଁଠାରେ ଶକ୍ତି ପରାଜିତ ହୋଇଥାଏ ସେଠି ତ ଭକ୍ତି ବିଜୟୀ ହୋଇଥାଏ'- କହିଥିଲେ ବିଷ୍ଣୁ । ଯଦି ନାରାୟଣଙ୍କ ଉପରେ ବିଜୟ ହାସଲ କରିବାକୁ ଚାହୁଁଥାଅ ତ ଭକ୍ତିରେ ତାଙ୍କର ଆରାଧନା କର । ଏହା ତୁମ ପାଇଁ ସୁସାଧ୍ୟ । ମୁନିଦ୍ୱୟ ରୂପରେ ସେ ହିଁ ତ ସେଠାରେ ବିଶ୍ୱମଙ୍ଗଳ କାମନାରେ ତପସ୍ୟାରତ ଥିଲେ । ପ୍ରହ୍ଲାଦ ବଦରିକାଶ୍ରମ ଯାଇ ବିଷ୍ଣୁଙ୍କ ପରାମର୍ଶ ଅନୁସାରେ ଭଗବାନ ନର-ନାରାୟଣଙ୍କୁ ଭକ୍ତି-ଶ୍ରଦ୍ଧା ବଳରେ ତପଶ୍ଚରଣ ପୂର୍ବକ ବଶ କରିଥିଲେ ।



# ମ୍ୟାଲେରିଆରୁ ମୁକ୍ତି

ସ୍ୱାସ୍ଥ୍ୟକୁ ସମ୍ପଦ ବୋଲି ଆମେ କହିଥାଉ । ମ୍ୟାଲେରିଆକୁ ରୋକି ଲୋକଙ୍କ ଜୀବନ ବଞ୍ଚାଇବା ଆବଶ୍ୟକ । ମାଇ ଆନୋଫେଲିସ ମଶା କାମୁଡିବା ଦ୍ୱାରା ମ୍ୟାଲେରିଆ ରୋଗ ବ୍ୟାପିଥାଏ । ମ୍ୟାଲେରିଆ ରୋଗ ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ନେଇଯାଏ । ଏହାକୁ ଏକ ମାରାତ୍ମକ ରୋଗ ଭାବେ ବିବେଚନା କରାଯାଇଥାଏ ।



### ମ୍ୟାଲେରିଆ ହେବାର କାରଣ:

ବର୍ଷା ପାଣି କୌଣସି ସ୍ଥାନରେ ଜମି ରହିବା ଦ୍ୱାରା ସେଠାରୁ ମଶା ଜନ୍ମ ନେଇଥାନ୍ତି । ବିଜ୍ଞାପନ ମାଧ୍ୟମରେ ଏହି ରୋଗ ପ୍ରତି ଲୋକଙ୍କୁ ସଚେତନ କରାଯାଇଥାଏ । ଏହି ରୋଗ ସାଧାରଣତଃ ଛୋଟ ପିଲାଙ୍କୁ ଶୀଘ୍ର ବ୍ୟାପିଯାଇଥାଏ । ମାରାତ୍ମକ ରୋଗରେ ଅନେକ ପ୍ରାଣ ଚାଲିଯାଇଥିଲା । ତେଣୁ ମ୍ୟାଲେରିଆ ରୋଗୀ ଖାଦ୍ୟପେୟ ଉପରେ ବିଶେଷ ଧ୍ୟାନ ଦେବା ଆବଶ୍ୟକ । ଡବ୍ଲ୍ୟୁଏଚଓ ସୂଚନାନୁଯାୟୀ, ମ୍ୟାଲେରିଆ ରୋଗ ୨ ସପ୍ତାହ ମଧ୍ୟରେ ଭଲ ହୋଇଯାଇଥାଏ କିନ୍ତୁ ଯଦି ଠିକ୍ ସମୟରେ ରୋଗର ଉପଚାର କରାନଯିବ ତେବେ ଜୀବନ ପ୍ରତି ବିପଦ ସୃଷ୍ଟି କରିପାରେ ।



### ମ୍ୟାଲେରିଆ ରୋଗର ଲକ୍ଷଣ:

ସଂକ୍ରମିତ ମଶା କାମୁଡିବାର ୧୦-୧୫ଦିନ ମଧ୍ୟରେ ରୋଗର ଲକ୍ଷଣ ଦେଖାଦେଇଥାଏ । ମ୍ୟାଲେରିଆ ରୋଗର ଲକ୍ଷଣ ହେଉଛି ଥଣ୍ଡା, ଜ୍ୱର, ମୁଣ୍ଡବିନ୍ଧା, ବାନ୍ତି, ଶରୀରରେ ବ୍ୟଥା ଅନୁଭବ ହେବା । ଅନେକାଂଶ ଲୋକ ଏହାକୁ ସାଧାରଣ ଭାବି ଅଣଦେଖା କରିଥାନ୍ତି । ଯାହାକି ତାଙ୍କ ପାଇଁ ବିପଦ ହୋଇପାରେ ।

### ମ୍ୟାଲେରିଆ ରୋଗୀ କ'ଣ ଖାଇବା ଆବଶ୍ୟକ:

ମ୍ୟାଲେରିଆ ରୋଗୀମାନେ ହାଇ କାର୍ବୋହାଇଡ୍ରେଟ୍, ଭିଟାମିନ୍, ପ୍ରୋଟିନଯୁକ୍ତ ଖାଦ୍ୟ ଖାଇବା ଉଚିତ୍ । ପୀଡିତ ଥିବା ସମୟରେ ଉପଯୁକ୍ତ ପାଣି ପିଇବା ଜରୁରୀ । ନିଜକୁ ଶୀଘ୍ର ସୁସ୍ଥ କରିବା ପାଇଁ ହେଲେ ନଡିଆ ପାଣି, ତଟକା ଫଳ ଜୁସ, ଲେମ୍ବୁ ପାଣି, ଆଖୁ ରସ, ଉଷୁମ ସୁପ ପିଇବା ଆବଶ୍ୟକ । ଗରମ ଜିନିଷ ଖାଇବା ଦ୍ୱାରା ମ୍ୟାଲେରିଆ ଭଳି ବ୍ୟାକ୍ଟେରିଆକୁ ମାରିଥାଏ ।

### କିପରି ଏହି ରୋଗରୁ ମୁକ୍ତି ପାଇବେ :

ମ୍ୟାଲେରିଆ ନହେବା ପାଇଁ ମଶାଙ୍କଠାରୁ ଦୂରେଇ ରୁହନ୍ତୁ । ମଶାଙ୍କଠାରୁ ରକ୍ଷା ପାଇବା ପାଇଁ ମଶାରିର ବ୍ୟବହାର କରନ୍ତୁ । ଘର ଆଖପାଖରେ ପାଣି ଜମା ହେବାକୁ ଦିଅନ୍ତୁ ନାହିଁ । ପାଣି ଜମା ହେବା ଦ୍ୱାରା ମଶା ବଂଶବିସ୍ତାର କରିଥାନ୍ତି । ଫଳରେ ରୋଗ ସଂକ୍ରମିତ ହୋଇଥାଏ । ମଶା ନହେବା ପାଇଁ ମଶା ସ୍ପ୍ରେ ବ୍ୟବହାର କରନ୍ତୁ । ମ୍ୟାଲେରିଆ ରୋକିବା ପାଇଁ ପରିମଳ ରକ୍ଷା ଉପରେ ଧ୍ୟାନ ଦିଆଯିବା ଦରକାର । ଯେଉଁ ସବୁ ସ୍ଥାନରେ ମଶା ଉପଦ୍ରବ ଘଟୁଛି ତାହା ପ୍ରତି ସଜାଗ ହୋଇ ପରିବେଶ ସଫେଇ ପ୍ରତି ଗୁରୁତ୍ୱ ଦେବାକୁ ହେବ ।

# ଯୁବପିଢ଼ିଙ୍କୁ ଜୀବନଶୈଳୀ ବୋଝ



ଆଜିର ବସ୍ତୁବାଦୀ ଦୁନିଆରେ କମରୁ କମ୍ ସମ୍ବଳରେ ବଞ୍ଚିବାର ବି ଏକ ଜୀବନଶୈଳୀ ରହିଛି । ଏହା ସରଳତା, ସଂଯମତା ଏବଂ ଭୌତିକ ସାମଗ୍ରୀର ସର୍ବନିମ୍ନ ଆବଶ୍ୟକତା କଥା କୁହେ । ଏହି ବିଚାରଧାରା କୁହେ ଯେ କମରେ ହିଁ ପ୍ରକୃତ ଖୁସି ରହିଛି । ଯେତେବେଳେ ଅନାବଶ୍ୟକ ସମ୍ପତ୍ତି, ଲାଳସା ଏବଂ ଦେଖେଇ ହେବାଠାରୁ ନିଜକୁ ମୁକ୍ତ କରୁ, ସେତେବେଳେ ଆମେ ଆନ୍ତରିକ ପରିପୂର୍ଣ୍ଣତା ପାଇପାରିବା । ତଥାପି, ଆଜିର ଯୁବପିଢ଼ି ଏହାକୁ ଗ୍ରହଣ କରିବାକୁ ଅନିଚ୍ଛୁକ । ସେମାନଙ୍କ ପାଇଁ କମ ସମ୍ବଳରେ ଜୀବନ ବିତାଇବାର କେବଳ ଏକ ଦାର୍ଶନିକ ଆଦର୍ଶ ପାଲଟିଛି । ହେଲେ କାହିଁକି ? ଆଜିର ଯୁବପିଢ଼ି ଏକ ନୂତନ ଦୁନିଆରେ ବାସ କରୁଛନ୍ତି । ଏକ ଏପରି ଦୁନିଆ, ଯାହା ବିକଳ୍ପରେ ପରିପୂର୍ଣ୍ଣ । ସୋସିଆଲ ମିଡିଆ, ଇ-କମର୍ସ, ଡିଜିଟାଲ୍ କାରବାର ଏବଂ ଅଗଣିତ ବ୍ରାଣ୍ଡ ସେମାନଙ୍କୁ ବିଶ୍ୱାସ କରାଏ ଯେ ଅଧିକ ହାସଲ କରିବା ହେଉଛି ସର୍ବୋଚ୍ଚ ସଫଳତା । ନୂଆ ଫୋନ୍, ନୂଆ ଫ୍ୟାଶନ୍, ନୂଆ ଚଳନ- ଏମାନଙ୍କ ମାନସିକତାର ଅଂଶ ହୋଇଗଲାଣି । ଯେତେବେଳେ କେହି ସେମାନଙ୍କୁ କମ୍‌ରେ ବଞ୍ଚିବା ପାଇଁ ଶିଖିବାକୁ କୁହନ୍ତି, ତାହା ସେମାନଙ୍କୁ ଅବାସ୍ତବ ପରି ମନେହୁଏ । ଆଜିର ଯୁବପିଢ଼ି ବୁଲିବାକୁ ଓ ଅନୁଭବ କରିବାକୁ ଚାହାନ୍ତି । ସେମାନଙ୍କ ବୟସ ଏବଂ ସମୟରେ ଘଟୁଥିବା ପ୍ରତ୍ୟେକ ଘଟଣା ସହିତ ଜଡିତ ହେବାକୁ ଚାହାନ୍ତି । ଡିଜିଟାଲ୍ ଯୁଗରେ, ଯୁବପିଢ଼ି ନିରନ୍ତର ଭାବେ ଏକ ଚମକୁଥିବା ଦୁନିଆ ସହ ଜଡ଼ିତ । ସୋସିଆଲ ମିଡିଆରେ ଅନ୍ୟମାନଙ୍କ ଜୀବନଶୈଳୀ ସେମାନଙ୍କୁ ନିଜର ଜୀବନ ପ୍ରତି ଅସନ୍ତୁଷ୍ଟ କରାଏ । ସମସ୍ତଙ୍କ ପାଖରେ କିଛି ନା କିଛି ନୂଆ, ଆକର୍ଷଣ ରହିଛି । ଏସ୍ଥିତିରେ, ଯଦି ସେମାନେ ନିଜକୁ ସୀମିତ ରଖନ୍ତି, ତେବେ ଅନ୍ୟଙ୍କଠାରୁ ପଛରେ ପଡ଼ିଯିବାର ଭୟ କରନ୍ତି । ଏହି ଭୟ ଯୁବ ପିଢିଙ୍କୁ ଅଧିକ ହାସଲ କରିବାକୁ ବାଧ କରେ । ଏହା ବ୍ୟତୀତ, ଆଧୁନିକ ସମାଜରେ ଭୌତିକ ବସ୍ତୁ ଆଉ କେବଳ ଏକ ଆବଶ୍ୟକତା ନୁହେଁ, ବରଂ ଏକ 'ଷ୍ଟାଟସ୍ ସିମ୍ବଲ୍' ପାଲଟିଛି । କେଉଁ ଗାଡ଼ି ଚଲାଉଛ, କେଉଁ ବ୍ରାଣ୍ଡର ପୋଷାକ ପିନ୍ଧୁଛ, କେଉଁଠାକୁ ବୁଲିବାକୁ ଯାଉଛି- ଏହି ସବୁ କଥାରୁ ଜଣେ ବ୍ୟକ୍ତିଙ୍କ ସଫଳତା ନିର୍ଣ୍ଣୟ କରାଯାଉଛି । ଏଇ ପରିବେଶରେ, ଯେତେବେଳେ ଜଣେ ଯୁବକ ନିଜକୁ ସୀମିତ ଭୌତିକ ସମ୍ପତ୍ତି ମଧ୍ୟରେ ରଖିବାକୁ ଚିନ୍ତା କରେ, ସେତେବେଳେ ସେ ନିଜ ପରିଚୟକୁ ହିଁ ଦୁର୍ବଳ କରୁଥିବା ଅନୁଭବ କରେ । ସରଳ ଜୀବନଯାପନ ପ୍ରଗତିରେ ବାଧା ସୃଷ୍ଟି କରିପାରେ ବୋଲି ଆଜିର ଯୁବପିଢି ମନେ କରନ୍ତି । ମିନିମାଲିଜିମର ଆଉ ଏକ ସମସ୍ୟା ହେଉଛି ଏହାକୁ 'ତ୍ୟାଗ' ଭାବରେ ଦେଖାଯାଏ । କିନ୍ତୁ ପ୍ରକୃତରେ ଏହାର ଉଦ୍ଦେଶ୍ୟ ହେଉଛି ଜୀବନରେ ସନ୍ତୁଳନ । ତଥାପି, ଆଜିର ଭାଷାରେ ତ୍ୟାଗକୁ ପ୍ରାୟତଃ ଅସହାୟତା କିମ୍ବା ଦାରିଦ୍ର୍ୟ ସହ ଯୋଡ଼ି ଦିଆଯାଏ । ଯୁବପିଢ଼ି ଭାବନ୍ତି ଯେ ଯେତେବେଳେ ଦୁନିଆ ସମସ୍ତ ସୁବିଧା ଦେଉଛି, ସେମାନେ କାହିଁକି ପଛରେ ରହିବେ ? କାହିଁକି ସେମାନେ ଏପରି ଏକ ବିଚାରଧାରାକୁ ଆପଣାଇବେ ଯାହା ସେମାନଙ୍କୁ କିଛି ନ କରିବା, ନ କିଣିବା ଓ ଇଚ୍ଛା ନକରିବାକୁ ପରାମର୍ଶ ଦିଏ ? ତଥାପି, ଏହା ସତ୍ୟ ଯେ ଆଜିର ଯୁବପିଢ଼ି ମାନସିକ ଭାବରେ କ୍ଲାନ୍ତ ।

## ଭଦ୍ରକରେ ଦୁଇଦିନିଆ ଅଣ-କ୍ୟାଡର ସରକାରୀ ଓକିଲଙ୍କ ପ୍ରଶିକ୍ଷଣ

ଭଦ୍ରକ,(ନିପ୍ର): ଆଇନ ବିଭାଗ, ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶକ୍ରମେ ଭଦ୍ରକ ଜିଲ୍ଲାର ଅଣ-କ୍ୟାଡର ସରକାରୀ ଓକିଲମାନଙ୍କ ପାଇଁ ଦୁଇ ଦିନିଆ ଇଣ୍ଡକ୍ସନ ଏବଂ ରିଫ୍ରେସର ଟ୍ରେନିଂ ପ୍ରୋଗ୍ରାମ ଆସନ୍ତା ୨୭ ଓ ୨୮ ଜୁନ ୨୦୨୬ ତାରିଖରେ ଆୟୋଜିତ ହେବ।ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପୂର୍ବାହ୍ନ ୧୦ଟାରୁ ଭଦ୍ରକ ଚାରିଘରିଆସ୍ଥିତ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେବ।

## ୪ ନମ୍ବର ୱାର୍ଡରେ ନୂତନ ରାସ୍ତା ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର

କଟକ,(ନିପ୍ର): କଟକ ମହାନଗର ନିଗମ ଅନ୍ତର୍ଗତ ୱାର୍ଡ ନମ୍ବର-୪ର କାଠଯୋଡ଼ି ବିହାର ଅଞ୍ଚଳରେ ଏକ ନୂତନ ରାସ୍ତା ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। ଏହି ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ କଟକ ମହାନଗର ନିଗମର ମେୟର ସୁବାସ ସିଂହ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାସ୍ତା ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ କରିଥିଲେ। କଟକ ମହାନଗର ନିଗମ ପକ୍ଷରୁ ପ୍ରାୟ ୫୫ ଲକ୍ଷ ଟଙ୍କା ବ୍ୟୟରେ ଏହି ରାସ୍ତା ନିର୍ମାଣ କରାଯିବାର ଯୋଜନା ରହିଛି। ଏହି ରାସ୍ତା ନିର୍ମାଣ ହେଲେ କାଠଯୋଡ଼ି ବିହାର ଅଞ୍ଚଳବାସୀଙ୍କ ଯାତାୟାତ ସୁବିଧାରେ ଉଲ୍ଲେଖନୀୟ ସୁଧାର ଆସିବ ବୋଲି ଆଶା କରାଯାଉଛି।

ଏହି ଅବସରରେ ସ୍ଥାନୀୟ କର୍ପୋରେଟର ପ୍ରିୟମ୍ବଦା ମହାନ୍ତିଙ୍କ ସମେତ ଅକ୍ଷୟ କୁମାର ମହାନ୍ତି, ଅର୍ଦ୍ଧେନ୍ଦୁ ଶେଖର ମାଝୀ, ପ୍ରେମାଂଶୁ ଭୂଷଣ ବେହେରା, ଧୀରେନ୍ଦ୍ର ପ୍ରତାପ, ବିଶ୍ୱନାଥ ଧୀର, ରାଜତ୍ୱ ସ୍ୱାଇଁ ଏବଂ ଜପୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହାଛଡ଼ା କାଠଯୋଡ଼ି ବିହାର ଅଞ୍ଚଳର ବରିଷ୍ଠ ନାଗରିକ, ଯୁବକ ଓ ମହିଳାମାନେ ବହୁ ସଂଖ୍ୟାରେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

## 'ନିଶାମୁକ୍ତ ଭାରତ ଅଭିଯାନ' ସଚେତନତା ରାଲି

ଭବାନୀପାଟଣା, (ନି.ପ୍ର)- ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ବିଭାଗ ଦ୍ୱାରା ନିର୍ଦ୍ଦେସିତ ନିଶାମୁକ୍ତ ଭାରତ ଅଭିଯାନ-୨୦୨୬ ର ପାରିପାଳନ ଅବସରରେ ଭବାନୀପାଟଣାରେ 'ନଶା ମୁକ୍ତ ଭାରତ ଅଭିଯାନ' ସଚେତନତା ରାଲି ଆୟୋଜିତ ହୋଇ ଯାଇଛି କ୍ଷ ଚଳିତ ବର୍ଷ ଏହି ଅଭିଯାନ ପାରିପାଳନ ତା-୧୭.୬.୨୦୨୬ ରୁ ଆରମ୍ଭ ହୋଇ ୨୬.୦୬.୨୦୨୬ ତାରିଖରେ 'ଆନ୍ତର୍ଜାତୀୟ ମାଦକ ଦ୍ରବ୍ୟ ଦୁର୍ବ୍ୟସନ ଓ ଅବୈଧ ଚାଲାଣ ବିରୋଧୀ ଦିବସ' ପାଳନ ସହ ପରିସମାପ୍ତି ହେବ। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଓଡିଶା ସରକାରଙ୍କ ଦ୍ୱାରା ୧୭.୦୬.୨୦୨୬ ରୁ ୨୬.୦୬.୨୦୨୬ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ସରକାରୀ ଓ ବେସରକାରୀ ଅନୁଷ୍ଠାନ ଗୁଡିକର ସମନ୍ୱୟରେ ବିଭିନ୍ନ ସଚେତନତା କାର୍ୟକ୍ରମ ଆୟୋଜନ କରାଯାଉଛି। ଏହି ବର୍ଷର ଥିମ୍ "ନଶା ମୁକ୍ତ ଭାରତ ଅଭିଯାନ, ବିକସିତ ଭାରତ କି ପହେଚାନ" ରହିଛି। ଏହି ପରିପ୍ରେକ୍ଷୀରେ ଭବାନୀପାଟଣାରେ 'ନଶା ମୁକ୍ତ ଭାରତ' ସଚେତନତା ରାଲି ଆୟୋଜିତ ହୋଇଥିଲା। ଏହି ରାଲିକୁ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ ମହୋଦୟ ଓ ଏକ୍ସାଇଜ୍ ସୁପରିଣ୍ଟେଣ୍ଡେଣ୍ଟ ରଞ୍ଜନ ନାୟକ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ସଚେତନତା ରାଲିରେ ୨୦୦




ରୁ ଅଧିକ ଛାତ୍ରଛାତ୍ରୀ ଯୋଗଦେଇ ମାଦକ ବିରୋଧୀ ସନ୍ଦେଶ ପ୍ରଚାର କରିଥିଲେ। କାର୍ଯ୍ୟକ୍ରମଟି ଜିଲ୍ଲା ସମାଜ ସୁରକ୍ଷା ଅଧିକାରୀ, କଳାହାଣ୍ଡି ଦିନେଶ କୁମାର କନ୍ହରଙ୍କ ଅଧକ୍ଷତାରେ ଆୟୋଜିତ ହୋଇଥିଲା।

## ନିଶାମୁକ୍ତ ସମାଜ ଗଠନ ପାଇଁ ନୂଆପଡ଼ାରେ ଯୁବ ରାଲି ଓ ମାନବ ଶୃଙ୍ଖଳ

ନୂଆପଡ଼ା,(ହି.ସ.)- ଅନ୍ତର୍ଜାତୀୟ ନିଶା ଅପବ୍ୟବହାର ଏବଂ ଅବୈଧ ଚାଲାଣ ବିରୋଧୀ ଦିବସ-୨୦୨୬ ପାଳନ ଅବସରରେ ଜିଲ୍ଲା ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଓ ଅବକାରୀ ବିଭାଗର ମିଳିତ ଆନୁକୂଲ୍ୟରେ ନୂଆପଡ଼ାରେ ଏକ ବିଶାଳ ଯୁବ ରାଲି ଏବଂ ମାନବ ଶୃଙ୍ଖଳ ଆୟୋଜିତ ହୋଇଯାଇଛି। ଜିଲ୍ଲାପାଳ କାର୍ଯ୍ୟାଳୟ ପରିସରରୁ ଆୟୋଜିତ ଏହି ଯୁବ ରାଲିକୁ ଜିଲ୍ଲାପାଳ ମଧୁସୂଦନ ଦାଶ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ରାଲିଟି ଜିଲ୍ଲାପାଳ ଅଫିସରୁ ବାହାରି ଏକତା ଛକ ପର୍ଯ୍ୟନ୍ତ ଯାଇଥିଲା। ଏକତା ଛକ ଠାରୁ ଜିଲ୍ଲାପାଳ ଅଫିସ ପର୍ଯ୍ୟନ୍ତ ମାନବ ଶୃଙ୍ଖଳ ଗଠନ କରି ନିଶା ବିରୋଧୀ ସଚେତନତାର ବାର୍ତ୍ତା ପ୍ରଦାନ କରାଯାଇଥିଲା। ରାଲି ସମୟରେ ନିଶାଦ୍ରବ୍ୟ ସେବନର କୁପ୍ରଭାବ, ଅବୈଧ ନିଶା କାରବାରର୦ ନିରାକରଣ ଏବଂ ନିଶାମୁକ୍ତ ସମାଜ ଗଠନ ନେଇ ବିଭିନ୍ନ ସଚେତନତାମୂଳକ ସ୍ଲୋଗାନ ଦିଆଯାଇଥିଲା। ଯୁବପିଢ଼ିଙ୍କୁ ନିଶା ଠାରୁ ଦୂରେଇ ରହି ସୁସ୍ଥ ଓ ସୁନ୍ଦର ସମାଜ ଗଠନରେ ସାମିଲ ହେବାକୁ ଆହ୍ୱାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଅନନ୍ତ ହେମ୍ବ୍ରମଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ଶିକ୍ଷକ, ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ । ସଂଗଠନର ପ୍ରତିନିଧିମାନେ ବହୁ ସଂଖ୍ୟାରେ ଯୋଗଦେଇଥିଲେ।

### ମେଗା ଜଳପ୍ରକଳ୍ପରେ ମହାଘୋଟାଲା !

# ଆରମ୍ଭରୁ ଓଭରହେଡ୍ ଟାଙ୍କିରୁ ଝରିଲାଣି

## ନିମ୍ନମାନର କାର୍ଯ୍ୟ ନେଇ ପଞ୍ଚାୟତବାସୀଙ୍କ ଅଭିଯୋଗ

ଗୋଲାମୁଣ୍ଡା,(ନିପ୍ର): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ନକଟିକାନୀ ପଞ୍ଚାୟତରେ ନିର୍ମାଣାଧୀନ ମେଗା ପାନୀୟ ଜଳ ପ୍ରକଳ୍ପର ଓଭରହେଡ୍ ପାଣି ଟାଙ୍କିରେ ପରୀକ୍ଷାମୂଳକ ଭାବେ ପାଣି ପୁରା ଯାଇଥିବା ବେଳେ ଟାଙ୍କିର ବିଭିନ୍ନ ସ୍ଥାନରୁ ପାଣି ଝରୁଥିବା ଅଭିଯୋଗ ଆଣିଛନ୍ତି ପଞ୍ଚାୟତ ବାସୀ। ଏହାକୁ ନେଇ ପ୍ରକଳ୍ପର କାର୍ଯ୍ୟ ଗୁଣବତ୍ତା ଉପରେ ପ୍ରଶ୍ନ ଉଠିଛି।

ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ପୂର୍ତ୍ତ ବିଭାଗ ଅଧୀନରେ ନିର୍ମାଣ ହେଉଥିବା ଏହି ପାଣି ଟାଙ୍କିର କାମ ନିମ୍ନମାନର ହୋଇଛି। ବାହାର ରାଜ୍ୟର ଠିକାଦାରଙ୍କ ଦ୍ୱାରା କାମ କରାଯାଇଥିବା ବେଳେ ନିର୍ମାଣରେ ଅନିୟମିତତା ହୋଇଥିବା ନେଇ ଚର୍ଚ୍ଚା ହେଉଛି। ଗୋଲାମୁଣ୍ଡା ବ୍ଲକରେ ପ୍ରାୟ ୨୭ ଟି ମେଗା ପ୍ରକଳ୍ପ ପ୍ରାୟ ୧୬ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେଉଥିବା ବେଳେ ସାଧାରଣ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ କାର୍ଯ୍ୟର ଗୁଣବତ୍ତାକୁ ନେଇ ପ୍ରଶ୍ନ ଉଠୁଛି। ନକଟିକାନୀର ପୂର୍ବତନ ସରପଞ୍ଚ ଜତିନ୍ଦ୍ର ସେନାପତିଙ୍କ କହିବା ଅନୁଯାୟୀ, ଉକ୍ତ ପ୍ରକଳ୍ପ ପାଇଁ ଗ୍ରାମ ପଞ୍ଚାୟତ ପକ୍ଷରୁ ମଧ୍ୟ ୧୦ ଲକ୍ଷ ଟଙ୍କା ଅବଦାନ ଦିଆଯାଇଛି। ଗୋଟିଏ ଓଭରହେଡ୍ ପାଣି ଟାଙ୍କି ପାଇଁ ୫୯,୨୫,୯୨୫ ଟଙ୍କା ଏବଂ ପଞ୍ଚାୟତର ୧୦ ଲକ୍ଷ ଟଙ୍କା ମିଶି ସମୁଦାୟ ୬୯,୨୫,୯୨୫ ଟଙ୍କା ବ୍ୟୟ ହୋଇଥିବା ସୂଚନା ମିଳିଛି। ତେବେ ପ୍ରାରମ୍ଭିକ ପରୀକ୍ଷଣରେ ହିଁ ଟାଙ୍କିରୁ ପାଣି ଝରିବା ଘଟଣା ସାଧାରଣ ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି କରିଛି। ଏନେଇ ଗୋଲାମୁଣ୍ଡା ଗ୍ରାମ୍ୟ ଜଳଯୋଗାଣ ବିଭାଗର କନିଷ୍ଠ ଯନ୍ତ୍ରୀ ସୁବାସ ପଣ୍ଡାଙ୍କ ପ୍ରତିକ୍ରିୟା ନେବାରୁ



ସେ କହିଛନ୍ତି ଯେ, ପରୀକ୍ଷାମୂଳକ ଭାବେ ପାଣି ଛଡ଼ାଯାଇଥିଲା। ଯେଉଁ ସ୍ଥାନ ଗୁଡ଼ିକରୁ ପାଣି ଝରୁଛି, ସେଗୁଡ଼ିକର ମରାମତି କରାଯାଇ ପୁଣିଥରେ ପରୀକ୍ଷା କରାଯିବ। ତେବେ ନୂତନ ଭାବେ ନିର୍ମିତ ଏକ ପାଣି ଟାଙ୍କିରୁ ପ୍ରଥମ ପରୀକ୍ଷଣ ରେ ହିଁ ପାଣି ଝରିବା ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ପଞ୍ଚାୟତବାସୀ ଦାବି କରିଛନ୍ତି ଯେ, ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦୋଷୀ ଠିକା ସଂସ୍ଥା ବିରୋଧରେ ଉଚିତ କାର୍ଯ୍ୟାନୁଷ୍ଠାନ ନିଆଯାଉ। ନଚେତ୍ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।ଏବେ ଦେଖିବାକୁ ବାକି ରହିଲା, କେବେ ଟାଙ୍କିର ତ୍ରୁଟି ସୁଧାର ହେଉଛି ଏବଂ କେବେ ନକଟିକାନୀ ପଞ୍ଚାୟତ ବାସୀ ବିଶୁଦ୍ଧ ପାନୀୟ ଜଳ ସୁବିଧା ପାଇପାରୁଛନ୍ତି।

## ଶିଶୁ ଶ୍ରମ ନିରାକରଣ ଅଭିଯାନ: 'ପ୍ରତ୍ୟେକ ଶିଶୁ ଶିଖୁ, ବଢୁ ଓ ସ୍ୱପ୍ନ ଦେଖୁ'

ଭଦ୍ରକ,(ନିପ୍ର): ଓଡ଼ିଶା ରାଜ୍ୟଶିଶୁଅଧିକାର ସୁରକ୍ଷା ଆୟୋଗ ଓ ଜିଲ୍ଲା ଶ୍ରମ ବିଭାଗର ମିଳିତ ଆନୁକୁଲ୍ୟରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ , ଭଦ୍ରକ ଠାରେ "ରାଜ୍ୟସ୍ତରୀୟ ଶିଶୁ ଶ୍ରମ ନିରାକରଣ ଅଭିଯାନ" ଅନ୍ତର୍ଗତ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଓ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି।ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଶିଶୁ ଅଧିକାର ସୁରକ୍ଷା ଆୟୋଗର ସଦସ୍ୟା ମନସ୍ମିତା ଖୁଣ୍ଟିଆ ଓ ସୁଜାତା ନାୟକ , ଅତିରିକ୍ତ ଜିଲ୍ଲାପାଳ ସରୋଜ ଦତ୍ତ, ଶ୍ରମ ବିଭାଗୀୟ କମିଶନର ସଚ୍ଚିଦାନନ୍ଦ ଜେନା ,ଜିଲ୍ଲା ଶ୍ରମ ଅଧିକାରୀ ପ୍ରେମ ମଞ୍ଜରୀ ନାୟକ, ୟୁନିସେଫ ରିସୋସର୍ ନେହା ସିଂ ପ୍ରମୁଖ ଉପସ୍ଥିତ ରହିଥିଲେ।

ପ୍ରତ୍ୟେକ ଶିଶୁ ଶିଖୁ , ବଢୁ ଓ ସ୍ୱପ୍ନ ଦେଖୁ" ଥିମ୍ ତଥା "ଶିଶୁ ଶ୍ରମ ମୁକ୍ତ ଓଡ଼ିଶା - ଆମର ସଂକଳ୍ପ" ଉଦ୍ଦେଶ୍ୟ ନେଇ ଆୟୋଜିତ ଏହି କର୍ମଶାଳାରେ ଶିଶୁ ଓ କିଶୋର ଶ୍ରମ (ନିଷେଧ ଓ ନିୟନ୍ତ୍ରଣ) ଆଇନ ୧୯୮୬ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ସମସ୍ତ ବିଭାଗୀୟ ଅଧିକାରୀ , ଅଣ ସରକାରୀ ଅନୁଷ୍ଠାନର ସଦସ୍ୟ ସଦସ୍ୟାଙ୍କୁ ଶିଶୁ ଶ୍ରମ ନିରାକରଣ ଅଭିଯାନର ସଚେତନ କରାଇବା ।୧୪ ବର୍ଷରୁ କମ୍ ଶିଶୁଙ୍କୁ କୌଣସି ପ୍ରକାର ବୃତ୍ତି ବା ପ୍ରକ୍ରିୟାରେ ନିୟୋଜିତ କରିବା ସମ୍ପୂର୍ଣ୍ଣ ନିଷେଧ ଓ ଏହା ଏକ ଦଣ୍ଡନୀୟ ଅପରାଧ। ୧୪ ରୁ ୧୮ ବର୍ଷର କିଶୋରଙ୍କୁ ବିପଦସଂକୁଳ ବୃତ୍ତି ଓ ପ୍ରକ୍ରିୟାରେ ନିୟୋଜିତ କଲେ ବ୍ୟକ୍ତିଙ୍କୁ ଦଣ୍ଡ ହୋଇପାରେ। ଶିଶୁ ଶ୍ରମ ଦେଖିଲେ ତୁରନ୍ତ ନିକଟସ୍ଥ ଥାନା,ଜିଲ୍ଲା ଶ୍ରମ କାର୍ଯ୍ୟାଳୟ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ/ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ କିମ୍ବା ଚାଇଲ୍ଡଲାଇନ୍ ନମ୍ବର ୧୦୯୮ ଓ ଶ୍ରମିକ ସହାୟତା ନମ୍ବର ୧୮୦୦-୩୪୫୬-୭୦୩ ରେ ଯୋଗାଯୋଗ କରନ୍ତୁ। ସମସ୍ତ ଅନୁଷ୍ଠାନ ,ଦୋକାନ ବଜାରରେ ସଚେତନତା ପୋଷ୍ଟର ଲଗେଇବା । ଶିଶୁକୁ କାମ ନୁହେଁ , ଶିକ୍ଷାରେ ସାମିଲ କରିବା ଆମ ସମସ୍ତଙ୍କ ଦାୟିତ୍ୱ ହେବା ଆବଶ୍ୟକ, ଶିଶୁକୁ ଶିକ୍ଷାର ଅଧିକାର ଦେବା, ଶିଶୁ ଶ୍ରମ ମୁକ୍ତ ସମାଜ ଗଢ଼ିବା ଏହି ସଂକଳ୍ପ ସହ ଭଦ୍ରକ ଜିଲ୍ଲାକୁ ଶିଶୁ ଶ୍ରମମୁକ୍ତ କରିବା ପାଇଁ ସମସ୍ତ ବିଭାଗକୁ ସମନ୍ୱିତ ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଦିଆଯାଇଥିଲା।

## ସ୍ୱତନ୍ତ୍ର ସଘନ ସଂଶୋଧନରେ ରାୟଗଡା ଜିଲ୍ଲାର ସଫଳତା

ରାୟଗଡ,(ନିପ୍ର): ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମରେ ରାୟଗଡ ଜିଲ୍ଲା ଏକ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଜିଲ୍ଲାରେ ସଂଗୃହୀତ ସମସ୍ତ ମତଦାତା ସମ୍ବନ୍ଧୀୟ ତଥ୍ୟର ଶତପ୍ରତିଶତ ଡିଜିଟାଇଜେସନ ସଫଳତାର ସହ ସମ୍ପନ୍ନ ହୋଇଥିବା ବେଳେ ସମଗ୍ର ଓଡ଼ିଶାରେ ଏହି ଲକ୍ଷ୍ୟ ହାସଲ କରିବାରେ ରାୟଗଡ ଦ୍ୱିତୀୟ ଜିଲ୍ଲା ଭାବେ ସ୍ଥାନ ଅଧିକାର କରିଛି।

ଏସ୍ଆଇଆର୍ କାର୍ଯ୍ୟକ୍ରମ ଅନ୍ତର୍ଗତ ଜିଲ୍ଲାରେ ୩୦ ମଇରୁ ଘରକୁ ଘର ପରିଦର୍ଶନ ଏବଂ ଏନ୍ୟୁମେରେସନ୍ ଫର୍ମ ବଣ୍ଟନ କାର୍ଯ୍ୟ ଆରମ୍ଭ ହୋଇଥିଲା। ବୁଥସ୍ତରୀୟ ଅଧିକାରୀମାନେ ମତଦାତାଙ୍କ ଘରକୁ ଯାଇ ତଥ୍ୟ ସଂଗ୍ରହ, ଯାଞ୍ଚ ଏବଂ ଫର୍ମ ବଣ୍ଟନ କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଫର୍ମ ସଂଗ୍ରହ, ଡିଜିଟାଇଜେସନ ଓ ଭେରିଫିକେସନ କାର୍ଯ୍ୟ ତ୍ୱରିତ ଗତିରେ ସମ୍ପାଦନ କରାଯାଇଥିଲା।

ଜିଲ୍ଲାର ତିନୋଟି ବିଧାନସଭା କ୍ଷେତ୍ରରେ ମୋଟ ୮୯୫ ଜଣ ବିଏଲ୍ଓ ନିୟୋଜିତ ହୋଇଥିବା ବେଳେ ୭,୧୪,୫୦୦ଟି ଏନ୍ୟୁମେରେସନ୍ ଫର୍ମ ବଣ୍ଟନ କରାଯାଇଥିଲା। ସଂଗୃହୀତ ସମସ୍ତ ଫର୍ମର ଶତପ୍ରତିଶତ ଡିଜିଟାଇଜେସନ ସମ୍ପୂର୍ଣ୍ଣ ହୋଇଥିବାବେଳେ ଭେରିଫିକେସନ କାର୍ଯ୍ୟ ମଧ୍ୟ ସଫଳତାର ସହ ଅଗ୍ରସର ହେଉଛି। ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ନିରନ୍ତର ତଦାରଖ ଓ ମାର୍ଗଦର୍ଶନ, ନିର୍ବାଚନ ଶାଖାର ସୁଚାରୁ ପରିଚାଳନା, ସୁପରଭାଇଜର, ତଥା ଅନ୍ୟାନ୍ୟ ନିର୍ବାଚନ କର୍ମଚାରୀଙ୍କ ସମନ୍ୱିତ ପ୍ରୟାସ ଫଳରେ ଏହି ସଫଳତା ସମ୍ଭବ ହୋଇପାରିଛି।

ବର୍ତ୍ତମାନ ଡିଜିଟାଇଜେସନ ପର୍ଯ୍ୟାୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ ୦୫ ଜୁଲାଇରୁ ୦୪ ଅଗଷ୍ଟ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଦାଖଲ କାର୍ଯ୍ୟ ଚାଲିବ। ଏହାପରେ ୦୨ ସେପ୍ଟେମ୍ବର ସୁଦ୍ଧା ଦାବି ଓ ଆପତ୍ତିଗୁଡ଼ିକର ନିଷ୍ପତ୍ତି ଗ୍ରହଣ କରାଯିବ ଏବଂ ୦୬ ସେପ୍ଟେମ୍ବର ୨୦୨୬ ରେ ଚୂଡ଼ାନ୍ତ ମତଦାତା ତାଲିକା ପ୍ରକାଶ କରାଯିବ।

ଏହି ସଫଳତା ମତଦାତା ତାଲିକାର ସଠିକତା, ସ୍ୱଚ୍ଛତା ଓ ବିଶ୍ୱସନୀୟତାକୁ ଆହୁରି ସୁଦୃଢ଼ କରିବା ସହିତ ଆଗାମୀ ନିର୍ବାଚନ ପରିଚାଳନାକୁ ଅଧିକ କାର୍ଯ୍ୟକ୍ଷମ ଓ ନିର୍ଭୁଲ କରିବାରେ ସହାୟକ ହେବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରକାଶ କରାଯାଇଛି।

## ଭିଜିଲାନ୍ସ ଜାଲରେ ରାୟଗଡା ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀଯନ୍ତ୍ରୀ

ରାୟଗଡା,(ନି:ପ୍ର): ରାୟଗଡା ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀଯନ୍ତ୍ରୀ ପ୍ରସନ୍ନ କୁମାର ପଟ୍ଟନାୟକ ଏକ ବିଲ ପାସ୍ କରାଇଦେବା ବାବଦରେ ୨ ଲକ୍ଷ ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ଜୁନ ୨୩ ତାରିଖ ବିଳମ୍ବିତ ରାତ୍ରିରେ ଭିଜିଲାନ୍ସ ଟିମ ଏହି ଚଢ଼ାଉ କରି ତାଙ୍କୁ ରଙ୍ଗେହାତ ଧରିବାରେ ସଫଳ ହୋଇଛି।

ସୂଚନା ଅନୁସାରେ ଜଣେ ଠିକାଦାରଙ୍କ ୫୦ ଲକ୍ଷ ଟଙ୍କାର ବକେୟା ବିଲ ମଞ୍ଜୁର କରିବା ପାଇଁ ଏବଂ ଏକ ନୂତନ ଟେଣ୍ଡର ପ୍ରକ୍ରିୟାରେ ଅଂଶ ଗ୍ରହଣ କରିବା ପାଇଁ ଆବଶ୍ୟକ କାଗଜପତ୍ର ସହ ଅଭିଜ୍ଞତା ପ୍ରମାଣପତ୍ର ପ୍ରଦାନ କରିବା ପାଇଁ ନିର୍ବାହୀ ଯନ୍ତ୍ରୀ ପ୍ରସନ୍ନ କୁମାର ପଟ୍ଟନାୟକ ଲାଞ୍ଚ ଦେବା ପାଇଁ ଚାପ ପକାଇଥିଲେ। ପ୍ରଥମେ ସେ ସେ ବିଲ ଅର୍ଥର ୫ ପ୍ରତିଶତ ଅର୍ଥାତ ୨.୫ ଲକ୍ଷ ଟଙ୍କା ଦେବା ପାଇଁ କହିଥିଲେ, ତାପରେ ପରସ୍ପର ମଧ୍ୟରେ ବୁଝାମଣା କରାଯାଇ ତାହା ୨ ଲକ୍ଷ ଟଙ୍କାରେ କଥା ଛିଣ୍ଡି ଥିଲା। ଠିକାଦାର ଜଣଙ୍କ ଏତେ ପରିମାଣର ଅର୍ଥ ଦେବା ପାଇଁ ଅସମର୍ଥ ହୋଇ ଥିବାରୁ ସେ ଅନ୍ୟ କୌଣସି ବାଟ ନପାଇ ଶେଷରେ ସେ ଭିଜିଲାନ୍ସ ବିଭାଗର ଦ୍ୱାରସ୍ତ ହୋଇଥିଲେ। ଠିକାଦାରଙ୍କ ଅଭିଯୋଗ ଆଧାରରେ ଭିଜିଲାନ୍ସ ପକ୍ଷରୁ ଏକ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଜୁନ ୨୩ ତାରିଖ ରାତ୍ରିରେ ଶ୍ରୀ ପଟ୍ଟନାଇକ ଲାଞ୍ଚ ଟଙ୍କା ଗ୍ରହଣ କରୁଥିବା ବେଳେ ପୂର୍ବରୁ ଯୋଜନା ମୁତାବକ ପୂର୍ବରୁ ଲୁଚି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ କାବୁ କରିନେଇଥିଲା ବେଳେ ଉକ୍ତ ଲାଞ୍ଚ ସମ୍ବନ୍ଧୀୟ ୨ ଲକ୍ଷ ଟଙ୍କା ଜବତ କରିଥିଲେ। ଏହି ଘଟଣା ପରେ ଶ୍ରୀ ପଟ୍ଟନାୟକଙ୍କ ବିଭିନ୍ନ ଠିକଣାରେ ଏକକାଳୀନ ଚଢ଼ାଉ କରାଯାଇଥିଲା। ଭୁବନେଶ୍ୱର ସ୍ଥିତ ନନ୍ଦନ ବିହାର ବସୁନ୍ଧରା କଲୋନୀ ପ୍ଲଟ ନମ୍ବର ୨୮୬/୧୧, ତାଙ୍କ ପୈତୃକ ଗ୍ରାମ ନୟାଗଡ଼ର ଉଦୟନାଥ ଲେନ, ଏବଂ ରାୟଗଡା ସ୍ଥିତ ତାଙ୍କ କାର୍ଯ୍ୟାଳୟ

ଓ ସରକାରୀ ବାସ ଭବନରେ ବ୍ୟାପକ ଚଢ଼ାଉ ଏବଂ ତାଲାସୀ ଚାଲିଥିବା ବେଳେ ସେଠାରୁ ଅତିରିକ୍ତ ୩ ଲକ୍ଷ ୩୯ ହଜାର ଟଙ୍କା ନଗଦ କରାଯାଇଛି। ସର୍ବୋମୋଟ ତାଙ୍କ ନିକଟରୁ ୫ ଲକ୍ଷ ୩୯ ହଜାର ଟଙ୍କା ଜବତ ହୋଇଛି। ଏଠାରେ ପ୍ରକାଶଯୋଗ୍ୟ ଯେ, ନିର୍ବାହୀ ଯନ୍ତ୍ରୀ ପ୍ରସନ୍ନ ପଟ୍ଟନାଇକ ଆସନ୍ତା ଜୁନ ୩୦୨୦୨୬ରେ ଚାକିରିରୁ ଅବସର ନେଇଥାନ୍ତେ। ମାତ୍ର ଅବସର କିଛିଦିନ ପୂର୍ବରୁ ସେ ଦୁର୍ନୀତି ଅଭିଯୋଗରେ ଭିଜିଲାନ୍ସ ହାତରେ ବନ୍ଧା ହୋଇଛନ୍ତି। ଏହି ମାମଲାରେ କୋରାପୁଟ ଭିଜିଲାନ୍ସ ଥାନାରେ ଦୁର୍ନୀତି ନିବାରାଣ (ସଂଶୋଧନ) ଆଇନ ୨୦୧୮ ର ଧାରା ୭ଅଧୀନରେ କେସ ନମ୍ବର ୧୨/୨୦୨୬ ରଜୁ ହୋଇଥିବା ବେଳେ ଏ ସଂକ୍ରାନ୍ତରେ ଅଧିକ ତଦନ୍ତ ଜାରୀ ରହିଛି।

## ପୌରାଞ୍ଚଳରୁ ଉଦ୍‌ବୃତ୍ତ ଜଳ ନିଷ୍କାସନ ନିମନ୍ତେ ପଦକ୍ଷେପ

ନିମାପଡ଼ା,(ନି.ପ୍ର.): ନିମାପଡ଼ା ପୌରାଂଚଳରୁ ଜଳ ନିଷ୍କାସନ ସମସ୍ୟା ଉପ-ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଫଳରେ ସମାଧାନ ହେବାକୁ ଯାଉଛି । ଦୀର୍ଘ ୫୦ ବର୍ଷ ହେଲା ନିମାପଡ଼ାରେ ଡ୍ରେନେଜ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବେଳେ ଜନସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ । ପ୍ରତିବର୍ଷ ବର୍ଷା ଦିନେ ଉଦ୍‌ବୃତ ଜଳ ନିଷ୍କାସିତ ହୋଇ ନପାରି



ବିଭିନ୍ନ ୱାର୍ଡ଼ ବାସିନ୍ଦାଙ୍କ ବାସଭବନରେ ପଶିଯିବା ଦୃଷ୍ଟାଂ ରହିଛି । ଦୀର୍ଘ ଦିନର ଏହି ସମସ୍ୟାକୁ ହୃଦୟଙ୍ଗମ କରି ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ାଙ୍କ ହସ୍ତକ୍ଷେପ ଏବଂ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ପ୍ରଦାନ ପରେ ନିମାପଡ଼ା ପୌରାଂଚଳର ଚତୁଃପାର୍ଶ୍ୱରେ ଡ୍ରେନ ନିର୍ମାଣ ପାଇଁ କାର୍ଯ୍ୟାରମ୍ଭ ହୋଇଛି । ଗଡ଼ଅଣ୍ଟିଆ ଏବଂ ଦିପିରେଂଟା ଗ୍ରାମ ଦେଇ ଯାଇଥିବା ସଫେଇକୁ ଦଳମୁକ୍ତ କରାଯାଇ ଉଦ୍‌ବୃତ ଜଳ ନିଷ୍କାସନ ନିମନ୍ତେ କାମ ଆରମ୍ଭ ହୋଇ ଥିବାରୁ ପୌରବାସୀଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳି ଯାଇଛି। ଜନସାଧାରଣଙ୍କ ଦୀର୍ଘ ଦିନର ଆବଶ୍ୟକତାକୁ ବିଜେପି ସରକାର ପ୍ରାଥମିକତା ଦେଇ ଥିବାରୁ ଅଂଚଳବାସୀ ଦଳର ନେତ୍ରୀଙ୍କୁ ସାଧୁବାଦ ଜଣାଇଛନ୍ତି ।


## 'ବିକାଶ ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ

ନିମାପଡ଼ା,(ନି.ପ୍ର.): ସୁସ୍ଥ ଓଡ଼ିଶା ସୁସ୍ଥ ନିମାପଡ଼ା ଗଠନ ଦିଗରେ ରାଜ୍ୟ ସରକାରଙ୍କ ଉଦ୍ୟମକୁ ସଫଳ କରାଇବା ଲକ୍ଷ୍ୟରେ ନିମାପଡ଼ା ବ୍ଲକ୍ ଅନ୍ତର୍ଗତ ୩୨ଟି ଗ୍ରାମ ପଂଚାୟତ କାର୍ଯ୍ୟାଳୟ ସମେତ ସମସ୍ତ ଆୟୁଷ୍ମାନ୍ ଆରୋଗ୍ୟ କେନ୍ଦ୍ର ପରିସରରେ 'ବିକାଶ ଧାରା-ଓଡ଼ିଶା ସାରା' କାର୍ଯ୍ୟକ୍ରମ ସମାରୋହରେ ଅନୁଷ୍ଠିତ ହୋଇଯାଇଛି । ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ଼ଃ ପି.କେ. ସାମନ୍ତରାୟଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ୍ ଜନସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ସଂଯୁକ୍ତା ପ୍ରଧାନ ସରକାରଙ୍କ ବିଭିନ୍ନ ଯୋଜନା ଯଥା ଆୟୁଷ୍ମାନ ଆରୋଗ୍ୟ କାର୍ଡ୍, ବୟୋବନ୍ଦନା କାର୍ଡ଼ ବଂଟା ସହିତ ବ୍ୟୟୋବୃଦ୍ଧ ମାନଙ୍କୁ



ମାଗଣା ଚିକିତ୍ସା ଯୋଗାଇ ଦିଆଯାଇଥିଲା । ଗ୍ରାମବାସୀଙ୍କୁ ସଚେତନ କରାଯିବା ସହିତ ଅଣ ସଂକ୍ରାମକ ରୋଗ, ରକ୍ତହୀନତା, ମ୍ୟାଲେରିଆ ରୋଗର ଚିହ୍ନଟ ସହିତ ଆବଶ୍ୟକୀୟ ଔଷଧ ବିତରଣ କରାଯାଇଥିଲା । ସମସ୍ତ ପୁରୁଷ ଓ ମହିଳା ସ୍ୱାସ୍ଥ୍ୟକର୍ମୀ, ପରିଦର୍ଶକ, ମହିଳା ପରିଦର୍ଶିକା, ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସରକାରଙ୍କ ୨ ବର୍ଷ ପୂର୍ତ୍ତି ଅବସରରେ ଗ୍ରହଣ କରାଯାଇଥିବା ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ସଂପର୍କରେ ଗ୍ରାମବାସୀଙ୍କୁ ବୁଝାଇ ଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୂରଦର୍ଶୀ ନେତୃତ୍ୱ ଯୋଗୁଁ ପ୍ରତି ଗ୍ରାମରେ ଏକ ନୂଆ ଯୁଗ ଆରମ୍ଭ ହୋଇଛି ବୋଲି ଗ୍ରାମବାସୀମାନେ ମତବ୍ୟକ୍ତ କରି ରାଜ୍ୟ ସରକାରଙ୍କୁ ସାଧୁବାଦ ଜଣାଇ ଥିଲେ ।

**ବେଲଗୁଣ୍ଠା,(ନିପ୍ର):** ବେଲଗୁଣ୍ଠା ବ୍ଲକ୍ କାର୍ଯ୍ୟାଳୟ ପଡ଼ିଆରେ ବିକାଶ ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ସରକାରଙ୍କ ଦ୍ୱାରା ନିଆଯାଇଥିବା ବହୁ ଜନ ହିତକର କାର୍ଯ୍ୟକୁ ପ୍ରଶଂସା କରିବା ସହ ବର୍ତ୍ତମାନ ମୋହନ ସରକାର ରାଜ୍ୟରେ ବହୁ ଜନହିତକର କାର୍ଯ୍ୟ ଜାରି ରଖିଥିବା ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମକୁ ବେଲଗୁଣ୍ଠା ବିପିସି ଦେବାଶିଷ ସାହୁ ପରିଚାଳନା କରିଥିବା ବେଳେ ବିଡ଼ିଓ ସିଙ୍ଗାପୁର ହରି ସ୍ୱାଗତ ଭାଷଣ ଦେଇଥିଲେ। ଏଥିରେ ଅନ୍ୟତମ ଅତିଥି ରୂପେ ବେଲଗୁଣ୍ଠା ତହସିଲଦାର କଳାକୃଷ୍ଣ ପ୍ରଧାନ, ବ୍ଲକ୍ ଉପାଧ୍ୟକ୍ଷା ପ୍ରମିଳା ପ୍ରଧାନ ଯୋଗ ଦେଇଥିବା ବେଳେ କାର୍ଯ୍ୟକ୍ରମରେ ଏବିଡ଼ିଓ ସନ୍ତୋଷ ମନ୍ତ୍ରୀ ଧନ୍ୟବାଦ ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ ପଚିଶି ଜଣ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ ରାସନ୍ କାର୍ଡ ଯୋଗାଇ ଦିଆଯାଇଥିବା ବେଳେ ୨୨ ଜଣ ହିତାଧିକାରୀଙ୍କୁ ଅନ୍ତୋଦୟ ଗୃହ କାର୍ଯ୍ୟାଦେଶ, ୨୭ ଜଣଙ୍କୁ ମଧୁବାବୁ ପେନସନ ପ୍ରଦାନ କରାଯାଇଥିଲା। ସେହିପରି ଏସଆଇଆର୍ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ସଂପାଦନ କରିଥିବା ୧୨ ଜଣ ବିଏଲ୍ଓ ସୁପରଭାଇଜର୍ଙ୍କୁ ସମ୍ମାନିତ କରାଯିବା ସହ ୧୪ ଅଙ୍ଗନୱାଡ଼ି କର୍ମୀଙ୍କୁ ସରକାରଙ୍କ ତରଫରୁ ମୋବାଇଲ୍ ଫୋନ୍ ପ୍ରଦାନ କରାଯାଇଥିଲା। ସେହିପରି ପୂର୍ବରୁ ତହସିଲ କାର୍ଯ୍ୟାଳୟରେ ପ୍ରସ୍ତୁତ ହୋଇ ରହିଥିବା ୩୭ ବିଦ୍ୟାଳୟର ସ୍ଥାୟୀ ପଟ୍ଟା ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ



ସରକାରଙ୍କ ଉଦ୍ୟାନ ଓ କୃଷି,ମତ୍ସ୍ୟ ଓ ପ୍ରାଣୀ ସମ୍ପଦ , ପଞ୍ଚାୟତିରାଜ, କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ,କର୍ମ ନିୟୋଜନ ବିଭାଗ ତରଫରୁ ବିଭିନ୍ନ ଷ୍ଟଲ୍ ମାଧ୍ୟମରେ ଜନ ସଚେତନତା କରାଯାଇଥିଲା।

**କୃଷ୍ଣପ୍ରସାଦ,(ନିପ୍ର):** ଓଡିଶା ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ପଞ୍ଚାୟତ ସମିତି ସ୍ତରୀୟ ସମ୍ମିଳନୀ କୃଷ୍ଣପ୍ରସାଦ ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । କୃଷ୍ଣପ୍ରସାଦ ବିଡ଼ିଓଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମକୁ ବ୍ଲକ ଅଧ୍ୟକ୍ଷା ଆନୁଷ୍ଠାନିକ ଭାବେ ଉଦଘାଟନ କରି ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ମୁଖ୍ୟ ଅତିଥି ଭାବେ ବ୍ରହ୍ମଗିରି ବିଧାୟିକାଙ୍କ ପ୍ରତିନିଧି ଉତ୍ତମ କୁମାର ତରେଇ,ସମ୍ମାନିତ ଅତିଥି ଭାବେ ବ୍ଲକ ଆତ୍ମା କମିଟି ଅଧକ୍ଷ ସଞ୍ଜୟ କୁମାର ସେଠୀ, ପୁରୀ ସାଂସଦଙ୍କ ପ୍ରତିନିଧି ହରିହର ଦାଶ, ନୂଆପଡା ସରପଞ୍ଚ କବିତା ଜେନା, ପିରିଜିପୁର ସରପଞ୍ଚ ଇଂ ମଳୟ କୁମାର ଜେନା, ବଡ଼ଅଁଳ ସରପଞ୍ଚ ବୀଣାପାଣି ପ୍ରଧାନ, ଗମ୍ଭାରୀ ସରପଞ୍ଚ ସୁଶାନ୍ତ ପରିଡା, ସିଆଳ ସମିତିସଭ୍ୟ ଭୀମସେନ ସେଠୀ,ସାତପଡ଼ା ସରପଞ୍ଚ ରଶ୍ମିତା ସାମନ୍ତରାୟ, ବରିଷ୍ଠ ନେତା ନବ କିଶୋର ଜେନା, ଯୁବନେତା ଗୋପାଳ କୃଷ୍ଣ ପଲେଇ ପ୍ରମୁଖ



ଯୋଗଦେଇଥିଲେ । ଏହି ଅବସରରେ ବିଭିନ୍ନ ଯୋଜନାର ହିତାଧିକାରୀଙ୍କୁ ଗୃହ କାର୍ଯ୍ୟାଦେଶ, ଅର୍ଥ ରାଶି, ମୋବାଇଲ, ଅନ୍ନପୂର୍ଣ୍ଣା ଯୋଜନା କାର୍ଡ ଆଦି ବଣ୍ଟନ କରାଯାଇଥିଲା ।

## ବେଦବ୍ୟାସ ମଞ୍ଚ ପକ୍ଷରୁ ନଦୀବନ୍ଧ ଓ ଜଳଭଣ୍ଡାର ଦାବି

ରାଉରକେଲା,(ନିପ୍ର): ବେଦବ୍ୟାସ ବିକାଶ ମଞ୍ଚ ତରଫରୁ ବ୍ୟାସକ୍ଷେତ୍ର ସଙ୍ଗମ ସ୍ଥଳରେ ଶଙ୍ଖ ସେତୁ, ନିର୍ମାଣଧୀନ କୋଇଲି ସେତୁ ଏବଂ ଦ୍ୱିତୀୟ ବ୍ରାହ୍ମଣୀ ସେତୁ ପରିମିତ ଅଞ୍ଚଳରେ ଏକ ଜଳ ଭଣ୍ଡାର ସୃଷ୍ଟି ସହିତ ନଦୀର ଉଭୟ ପାର୍ଶ୍ୱରେ ନଦୀବନ୍ଧ, ନଦୀବନ୍ଧ ରାସ୍ତା, ପଥର ବନ୍ଧ ଏବଂ ପାହାଚ ନିର୍ମାଣ ପାଇଁ ଗତ୨୦୨୪ ମସିହା ନଭେମ୍ବର ୫ ତାରିଖ ଏବଂ ୨୦୨୫ ମସିହା ମାର୍ଚ୍ଚ ୩୦ ତାରିଖରେ ଦୁଇଥର ମୁଖ୍ୟମନ୍ତ୍ରୀ ମୋହନ କୁମାର ମାଝୀଙ୍କର ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଏହି ପ୍ରକଳ୍ପ ପାଇଁ ସର୍ଭେ କରିବା ନିମନ୍ତେ ଅନୁଷାଙ୍ଗିକ ଅର୍ଥ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଅନୁମୋଦିତ ହୋଇଥିବା କଥା ୦୫.୦୬.୨୦୨୬ ତାରିଖରେ ଅଧିକ୍ଷଣଯନ୍ତ୍ରୀ, ଆଇ. ବି. ଇନଭେଷ୍ଟିଗେସନ ଡିଭିଜନ, ସୁନ୍ଦରଗଡ଼ ଇଂ ଦାମୋଦର ଦେହୁରୀ ସଂଗଠନର ସାଧାରଣ ସମ୍ପାଦକ ବିଭୂତି ଭୂଷଣ ଦାସଙ୍କୁ ସୂଚନା ପ୍ରଦାନ କରିଥିଲେ। ଏହା ସହିତ ଇଂ ଦେହୁରୀ ପ୍ରତିଶ୍ରୁତି ଦେଇ କହିଥିଲେ ଯେ ସର୍ଭେ କାର୍ଯ୍ୟ ଯଥାଶୀଘ୍ର ଆରମ୍ଭ ହେବ । ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ବେଦବ୍ୟାସ ବିକାଶ ମଞ୍ଚର ପରିଚାଳନା କମିଟି ବୈଠକରେ ସ୍ଥିରୀକୃତ ହୋଇ ତୃତୀୟ ପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଇମେଲ କରାଯାଇଛି। ପତ୍ରରେ ସଭାପତି ବଦ୍ରୀନାରାୟଣ ପାଢ଼ୀ, ଉପସଭାପତି ହୃଷିକେଶ ବଳିୟାର ସିଂହ, ରମାକାନ୍ତ ପାଣ୍ଡେ, ଇଂ ନରେନ୍ଦ୍ର କୁମାର ଦାଶ, ସାଧାରଣ ସମ୍ପାଦକ ବିଭୂତି ଭୂଷଣ ଦାସ, ସମ୍ପାଦକ ଶ୍ରୀକାନ୍ତ କୁମାର ନାୟକ, କୋଷାଧକ୍ଷ ମଧୁସୂଦନ ସାହୁ, କେଦାରନାଥ ପାଢ଼ୀ, ଲକ୍ଷ୍ମୀନାରାୟଣ ମିଶ୍ର, ଦିବାକର ନନ୍ଦ, କିଶୋର କୁମାର ଓଝା, ଶ୍ୟାମ ସୁନ୍ଦର ଜେନା, ଅର୍ଜୁନ ଚନ୍ଦ୍ର ସାହୁ, ନୀଳାଞ୍ଚଳ ପାଢ଼ୀ, ଟିକେଶ୍ୱର ପ୍ରଧାନ, ଅନ୍ତର୍ଯ୍ୟାମୀ ଓଝା, ଧନଞ୍ଜୟ ପଣ୍ଡା, ମନୋଜ କୁମାର ପାଢ଼ୀ ଏବଂ ଅର୍ପୁ କୁଣ୍ଡୁ ପ୍ରମୁଖ ସଦସ୍ୟମାନେ ସ୍ୱାକ୍ଷର କରିଥିଲେ।




ସମସ୍ତଙ୍କର ଜ୍ଞାତସାରରେ ରହିଛି, ବେଦବ୍ୟାସ ପୀଠ ସଙ୍ଗମ ସ୍ଥଳରେ ଶଙ୍ଖ, କୋଇଲି ଓ ସରସ୍ୱତୀ ନଦୀ ମିଳିତ ହୋଇଛନ୍ତି, ଯେଉଁଠାରୁ ପୁଣ୍ୟତୋୟା ବ୍ରାହ୍ମଣୀ ନଦୀର ଉତ୍ପତ୍ତି ହୋଇଛି । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, କେବଳ ବର୍ଷା ଦିନ ବ୍ୟତୀତ ସଙ୍ଗମ ସ୍ଥଳରେ ଜଳ ପ୍ରବାହ ନାମକୁ ମାତ୍ର ହୋଇଥାଏ । ପ୍ରତିବର୍ଷ ବର୍ଷା ଜଳ ଯୋଗୁଁ ନଦୀର ଉଭୟ ପାର୍ଶ୍ୱରେ ମୃତ୍ତିକା କ୍ଷୟ ହୋଇଚାଲିଛି । ତେଣୁ ନଦୀର ଉଭୟ ପାର୍ଶ୍ୱରେ ନଦୀବନ୍ଧ, ନଦୀବନ୍ଧ ଉପରେ ରାସ୍ତା, ପଥର ବନ୍ଧ ଏବଂ ପାହାଚ ନିର୍ମାଣ ସହିତ ଏକ ଜଳଭଣ୍ଡାର ସୃଷ୍ଟି ହେଲେ ବେଦବ୍ୟାସ ପୀଠର ସୌନ୍ଦର୍ଯ୍ୟକରଣ, ପରିବେଶ ସନ୍ତୁଳନ, ପର୍ଯ୍ୟଟକଙ୍କ ପାଇଁ ନୌକା ବିହାର ଏବଂ ମତ୍ସ୍ୟଜୀବିଙ୍କ ପାଇଁ ଅର୍ଥ ଉପାର୍ଜନର ସୁଯୋଗ ସୃଷ୍ଟି ହେବ। ଏହି ସନ୍ଦର୍ଭରେ ପୂର୍ବତନ୍ତ୍ରୀ, ସୁନ୍ଦରଗଡ଼ ଜିଲ୍ଲାପାଳ, ମୁଖ୍ୟଯନ୍ତ୍ରୀ ତଥା ଅବବାହିକା ପରିଚାଳକ, ରାଉରକେଲା ଜଳସେଚନ ବିଭାଜନ ଅଧୀକ୍ଷଣଯନ୍ତ୍ରୀ ଏବଂ ସୁନ୍ଦରଗଡ଼ ଜଳସେଚନ (ଆଇ. ବି.) ଅଧୀକ୍ଷଣଯନ୍ତ୍ରୀଙ୍କ ନିକଟକୁ ସ୍ମାରକ ପତ୍ର ପ୍ରଦାନ ମାଧ୍ୟମରେ ଦୃଷ୍ଟି ଆକର୍ଷଣ କରାଯାଇଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ୧୨.୧୧.୨୦୨୪ ତାରିଖରେ ରାଉରକେଲା ଜଳସେଚନ ବିଭାଜନ ଅଧିକ୍ଷଣଯନ୍ତ୍ରୀ ଇଂ ଧନଞ୍ଜୟ କଳହ ଏବଂ ୦୩.୦୯.୨୦୨୫ ତାରିଖରେ ପାନପୋଷ ଜଳସେଚନ (ଆଇ. ବି.) ସହାୟକ ନିର୍ବାହୀ ଯନ୍ତ୍ରୀ ଚନ୍ଦ୍ରମଣି ବାବୁଙ୍କ ତତ୍ତ୍ୱାବଧାନରେ ସହାୟକ ଯନ୍ତ୍ରୀ ଶେଷଦେବ ସେଠୀ ଏବଂ କନିଷ୍ଠ ଯନ୍ତ୍ରୀ ବିଷ୍ଣୁପ୍ରିୟା ସା ତ୍ରିବେଣୀ ଘାଟ (ହାଡ଼ପକା ଘାଟ ), ସର୍କିଟ ହାଉସ ନିକଟସ୍ଥ ଶ୍ରୀଜଗନ୍ନାଥ ମନ୍ଦିର ଏବଂ ଦ୍ୱିତୀୟ ବ୍ରାହ୍ମଣୀ ସେତୁ ଅଂଚଳ ପରିଦର୍ଶନ କରିଥିଲେ।

ତିଥି :(ଏକାଦଶୀ): (ସ୍ୱାତୀ ତୁଳା)

ଅମୃତ ବେଳା: ଦିବା ଘ ୨।୪୯ ଗତେ ଘ ୫।୧୩ ମଧ୍ୟେ

## ଆଜିର ଅନୁଚିନ୍ତନ

ସେହି ଭକ୍ତମାନଙ୍କ ପ୍ରତି କୃପା କରିବା ପାଇଁ ସେମାନଙ୍କ ସ୍ୱରୂପରେ ସ୍ଥିତ ମୁଁ ସେମାନଙ୍କ ଅଜ୍ଞାନଜନିତ ଅନ୍ଧକାରକୁ ଦେଦୀପ୍ୟମାନ ଜ୍ଞାନଦୀପ ଦ୍ୱାରା ନଷ୍ଟ କରିଦିଏ।। - ଶ୍ରୀମଦ୍ ଭଗବଦ୍ ଗୀତା

# ଚାଷୀ ସ୍ୱାର୍ଥରକ୍ଷା କେତେ ଦୂରେ ?

ଅର୍ଥନୀତିର ବିଭିନ୍ନ ଦିଗ ମଧ୍ୟରେ ଅନ୍ୟତମ କୃଷି। ସଦାକାଳେ ଏହାର ରହିଆସିଛି ଗୁରୁତ୍ୱ ଏବଂ ଆଗାମୀ ଦିନରେ ମଧ୍ୟ ରହିବ। ସହଜେ ଚାଷଜମି ଦିନକୁ ଦିନ କମୁଥିବା ଓ ଯୁବପିଢି ଏଥିପ୍ରତି ବିଶେଷ ଆଗ୍ରହ ପ୍ରକାଶ କରୁନଥିବାବେଳେ ଯେଉଁମାନେ ଚାଷ କରୁଛନ୍ତି ପୂର୍ବାପେକ୍ଷା ବ୍ୟୟବହୁଳ ହେଉଥିବା ଅଙ୍ଗେ ନିଭାଉଛନ୍ତି। ପୁଣି କୃଷି ଶ୍ରମିକଙ୍କୁ ଖୋଜି ପାଇବା ଆଜିକାଲି ମୁସ୍କିଲ ହେଲାଣି। ଚାଷୀଟି ଯେତେବେଳେ ଚାଷ କରେ ତାହା ପ୍ରକୃତିର ଦୟା-ରୋଷ ଉପରେ ନିର୍ଭରଶୀଳ ରହୁଥିବା ଜଣାଶୁଣା। ଯେବେ ପ୍ରାକୃତିକ ବିପର୍ଯ୍ୟୟ ହେତୁ ଚାଷ କ୍ଷତିଗ୍ରସ୍ତ ହୁଏ ଚାଷୀର ଯେପରି ଛାତି ଫାଟିଯାଏ। ଅଧିକାଂଶ ଧାର କରଜ ପୂର୍ବକ ଚାଷ କରିଥାନ୍ତି ଓ ଆନୁଷଙ୍ଗିକ କୃଷି ଉପକରଣ ବା ଯନ୍ତ୍ର ଭଡ଼ାରେ ଆଣିବାବେଳେ ପ୍ରାପ୍ୟ ସବୁ ସମୟରେ ପୈଠ କରିପାରିନଥାନ୍ତି। ଅନେକଙ୍କର ବାକିଆ ରହିଥାଏ। ତାହା ସାଙ୍ଗକୁ ଋଣ ଶୁଝିବାର ଚାପ ଥାଏ। ଘରେ ଚଳିବା ଓ ପିଲାଙ୍କ ପଢା ଖର୍ଚ୍ଚ ସାଙ୍ଗକୁ ମାନମହତ, ବେଭାର ଆଦି ଖର୍ଚ୍ଚ ମଧ୍ୟ ଲୋଡ଼ା ପଡ଼ିଥାଏ।

ନିକଟରେ ନୂଆପଡ଼ା କୋମନା ବ୍ଲକର ଜଣେ ୪୫ ବର୍ଷୀୟ ଚାଷୀ କୀଟନାଶକ ପିଇ ଜୀବନ ହାରିଦେଲେ। ଧାନ ବିକି ନ ପାରି ସେ ଏଭଳି ଚରମ ପଦକ୍ଷେପ ନେଲେ ବୋଲି ଅଭିଯୋଗ ହେଉଛି। ଏହି ଚାଷୀ ନିଜର ୨.୭୫ଏକର ଜମିରେ ରବିଫସଲ କରିଥିଲେ। ୩୬.୯୬ କୁଇଣ୍ଟାଲ ଧାନ ମେ ୩୦ ସୁଦ୍ଧା ବିକ୍ରି କରିବାକୁ ଟୋକନ ପାଇଥିଲେ। ମେ ୩୦ ଗଲାଣି। ୩ ସପ୍ତାହରୁ ଅଧିକ ହେଲାଣି । ମଣ୍ଡିରୁ ଧାନ ଉଠିପାରିଲାନାହିଁ। ଅନ୍ୟ ଚାଷୀଙ୍କ ସହ ଯାଇ ଜିଲ୍ଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ନିରାଶ ହୋଇଥିଲେ। ଜୀବନ ହାରିବା ଆଦୌ ଭଲ ଦିଗ ନୁହେଁ। କୌଣସି ଚାଷୀ ହୁଅନ୍ତୁ, କି ସାଧାରଣ ବ୍ୟକ୍ତି ହୁଅନ୍ତୁ। ଏପରି ଚରମ ପଦକ୍ଷେପ ନେବା କେବେ ବି ଉଚିତ ନୁହେଁ। ଜୀବନରେ ସଂଘର୍ଷ ଅନିବାର୍ଯ୍ୟ। ସଂଘର୍ଷ ଭିତରେ ସମାଧାନ ଲାଗି ଅହରହ ଉଦ୍ୟମ କରିବା ଦରକାର। ଯେଉଁଠି ଆବଶ୍ୟକ ସରକାରଙ୍କ ପାଖରେ ସ୍ୱର ପହଞ୍ଚାଇବା ନେଇ ଗଣମାଧ୍ୟମ ହେଉ ଅବା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଜରିଆରେ ହେଉ ଅବହେଳା କରାଯିବ ଅନୁଚିତ।

ଜୀବନ ହାରିଦେଲେ ସମସ୍ୟା ଛାଡ଼ି ପଳାଏନାହିଁ। ସମସ୍ୟାର ସମାଧାନ ଲାଗି ବାର ବାର ଚେଷ୍ଟାରେ ବିରତ ରହିବା ଉଚିତ ନୁହେଁ। ଅପରପକ୍ଷେ କାହିଁକି ମଣ୍ଡିବାଲା ଧାନ ନେଲେ ନାହିଁ। ସେନେଇ ଆଗକୁ ସରକାରୀ ଘାଣ୍ଟଚକଟ ହୋଇପାରେ। ତେବେ ଆଲୋଚ୍ୟ ଚାଷୀ କେବଳ ଉକ୍ତ ସମସ୍ୟାର ସମ୍ମୁଖୀନ ହୋଇନାହାନ୍ତି। ଏପରି ଦେଖିଲେ ଅନେକ ଚାଷୀ ରହିଥିବା ଅନୁମାନ କରାଯାଉଛି । ଏକ ରିପୋର୍ଟ ମୁତାବକ ଉକ୍ତ ଜିଲ୍ଲାର ବିଭିନ୍ନ ମଣ୍ଡିରେ ପ୍ରାୟ ୩ ଲକ୍ଷ ବସ୍ତା ଧାନ ବିକ୍ରି ନ ହୋଇ ପଡ଼ିରହିଥିବା ଅଭିଯୋଗ ଆସୁଛି। ଆଗକୁ ବର୍ଷା ଆସୁଥିବାରୁ ଚାଷୀମାନେ ଏନେଇ ଚିନ୍ତାରେ ରହିବା ସ୍ୱାଭାବିକ। ଏଭଳି ପରିସ୍ଥିତିରେ ବିଭାଗୀୟ ବାବୁମାନେ ତତ୍ପର ହେବା କଥା । ତତ୍ପର ହେଲେ ଧାନ ବିକ୍ରି ହୋଇଯାଆନ୍ତା। ଯଦି ତତ୍ପର ସତ୍ତ୍ୱେ ନ ହେଉଛି ତେବେ ବୁଝାଯିବ ଯେ ବ୍ୟବସ୍ଥାରେ କେଉଁଠି ନା କେଉଁଠି ତ୍ରୁଟି ରହିଛି। ଚାଷୀର ସ୍ୱାର୍ଥ ରକ୍ଷା ହେଉ ଏହା ସଭିଏଁ ଚାହିଁବେ। ଏପରି ସମସ୍ୟା ସାମ୍ନା କରୁଥିବା ଚାଷୀଙ୍କ କ୍ଷେତ୍ରରେ କାହିଁକି ଉଦାସୀନତା ଓ କେଉଁସ୍ତରରେ ତ୍ରୁଟି ରହୁଛି ବିଭାଗୀୟ ବଡ଼ବାବୁମାନେ ତନଖି କରି ପଦକ୍ଷେପ ନେବା ଜରୁରୀ। 'ଲୋକଙ୍କ ସରକାର' ଉଚ୍ଚାରଣ ବେଳେ ଚାଷୀ ବର୍ଗର ସ୍ୱାର୍ଥ ଉପେକ୍ଷିତ ନ ହେଉ, ଏକଥା ସରକାରଙ୍କୁ ବୁଝାଇ କହିବା ଅନାବଶ୍ୟକ।

# ଇରାନ ଯୁଦ୍ଧ ଦ୍ୱାରା ବହୁଧ୍ରୁବୀୟ ବିଶ୍ୱର ମାର୍ଗ ସୁଦୃଢ଼

**ସଞ୍ଜୀୟ ପାଣ୍ଡେ**

ଭିତ୍ତିଭୂମି କ୍ଷେତ୍ରରେ ଚାବାହାର ବନ୍ଦର ଏବଂ ମାକ୍ରାନ ତୈଳ ଶୋଧନ ପ୍ରକଳ୍ପ ଦୁଇଟି ମହତ୍ତ୍ୱାକାଂକ୍ଷୀ ପ୍ରକଳ୍ପ। ଖଣି ଓ ଖଣିଜ ଆୟୋଗ ୩୭ଟି ପ୍ରକଳ୍ପ ଚିହ୍ନଟ କଲେ, ଯାହା ମଧ୍ୟରୁ ଚାବାହାର ବନ୍ଦରକୁ ରପ୍ତାନି କେନ୍ଦ୍ର ରୂପେ ବିକାଶ, ଦୁର୍ଲଭ ଖଣିଜର ଅନୁସନ୍ଧାନ, ଗଭୀର ଖଣି ଉତ୍ ଖନନ ଏବଂ ୨୫,୦୦୦ ଖଣି ଯନ୍ତ୍ରର ଯୋଗାଣ – ଏହି ଚାରୋଟି ଗୁରୁତ୍ୱପୂର୍ଣ୍ଣ ଅଟେ।

ହରମୁଜ ପ୍ରଣାଳୀ ଦେଇ ଅନ୍ତର୍ଜାତୀୟ ସାମୁଦ୍ରିକ ପରିବହନର ସୁରକ୍ଷିତ ଓ ଅବାଧ ମାର୍ଗ ସୁନିଶ୍ଚିତ କରିବା ଲୋଡ଼ା। ବିଭିନ୍ନ ଘଟଣାକ୍ରମ ଫଳରେ ଆମେରିକାର ଏକଧ୍ରୁବୀୟ ପ୍ରାଧାନ୍ୟର ଭବିଷ୍ୟତ କଣ, ଏପରି ପ୍ରଶ୍ନ ସ୍ୱତଃ ଉପୁଜେ। ଇରାନ-ଚୀନ-ରୁଷର ଏହି ନୂତନ ରଣନୀତିକ ତ୍ରିକୋଣୀୟ ମୋର୍ଚ୍ଚା ଆମେରିକୀୟ ପ୍ରାଧାନ୍ୟର ପତନର ଏକ ପ୍ରବଳ ସଙ୍କେତ। ସର୍ବପ୍ରଥମେ, ଡଲାରର ଅସ୍ତ୍ର ବ୍ୟବହାର ଏବେ ପୂର୍ବ ପରି ପ୍ରଭାବଶାଳୀ ନାହିଁ। ଆମେରିକା ଡଲାରକୁ ଅର୍ଥନୈତିକ ଅସ୍ତ୍ର ରୂପେ ବ୍ୟବହାର କରି ଅନେକ ଦେଶକୁ କୋଣଠେସା କରିସାରିଛି। ୬

ଇସଲାମାବାଦ ଚୁକ୍ତିରେ ଆମେରିକାକୁ ଇରାନର ଜବତ ସମ୍ପତ୍ତି ଛାଡ଼ିବାକୁ ଏବଂ ବନ୍ଦରଗୁଡ଼ିକ ଉପରେ ଥିବା ନାକାବନ୍ଦୀ ହଟାଇବାକୁ ବ୍ୟବସ୍ଥା ମାନିବାକୁ ପଡ଼ିଲା, ଯାହା ଏକ ପ୍ରକାର ପଛଘୁଞ୍ଚା। ଅନ୍ୟପଟେ, ସାଙ୍ଘାଇ ସହଯୋଗ ସଙ୍ଗଠନ, ବ୍ରିକ୍ସ, ବେଲ୍ଟ ଆଣ୍ଡ ରୋଡ – ଏଗୁଡ଼ିକ ଆମେରିକୀୟ ନାଟୋ ଏବଂ ଜି-୭ର ବିକଳ୍ପ ରୂପେ ଉଭା ହୋଇଥିବା ବହୁଧ୍ରୁବୀୟ ସଂସ୍ଥା – ମଜଭୁତ ହେଉଛନ୍ତି। ଇରାନ ଏହି ସବୁ ସଙ୍ଗଠନର ସକ୍ରିୟ ସଦସ୍ୟ ହୋଇଛି, ଏବଂ ବ୍ରିକ୍ସ ଫ୍ୟୁଚର ନେଟୱର୍କ ଫୋରମରେ ଚୀନର ନେତୃତ୍ୱରେ ଡିଜିଟାଲ ଭିତ୍ତିଭୂମିର ରୂପରେଖ ପ୍ରସ୍ତୁତ କରିବା ଆମେରିକୀୟ ପ୍ରଯୁକ୍ତି ପ୍ରାଧାନ୍ୟ ପାଇଁ ପ୍ରତ୍ୟକ୍ଷ ଆହ୍ୱାନ।

ସାମରିକ ମୋର୍ଚ୍ଚାରେ ମଧ୍ୟ ଆମେରିକୀୟ ଅପରାଜେୟତାର ଭ୍ରମ ଭାଙ୍ଗିଛି। ଇରାନ ଡ୍ରୋନ ଓ କ୍ଷେପଣାସ୍ତ୍ର ଆକ୍ରମଣ ଦ୍ୱାରା ଇସ୍ରାଏଲର ବାୟୁ ପ୍ରତିରକ୍ଷା ପ୍ରଣାଳୀ ଭେଦ କଲା, ସେତେବେଳେ ଆମେରିକୀୟ ଅସ୍ତ୍ର ଉପରେ ନିର୍ମିତ ଇସ୍ରାଏଲର ଅଭେଦ୍ୟତାର ଦବଦବା ଭାଙ୍ଗିଗଲା। ପାଶ୍ଚାତ୍ୟ ପ୍ରଯୁକ୍ତି ଅନ୍ତିମ ନୁହେଁ, ଏହା ଚୀନର ସହଯୋଗ ଦ୍ୱାରା ପ୍ରମାଣିତ ହେଲା। ଯୁଦ୍ଧବିରତି ଚୁକ୍ତିରେ ଆମେରିକାକୁ ଇସ୍ରାଏଲ ଲେବାନନ ଉପରେ ଆକ୍ରମଣ ବନ୍ଦ କରିବା ପାଇଁ ବାଧ୍ୟ କରିବାର ଇରାନୀ ସର୍ତ୍ତ ମାନିବାକୁ ପଡ଼ିଲା, ଯାହା ଆମେରିକୀୟ କୂଟନୀତିର ସୀମା ଦର୍ଶାଉଛି।

ଅର୍ଥନୈତିକ ଓ ପ୍ରଯୁକ୍ତି କେନ୍ଦ୍ର ମଧ୍ୟ ଏବେ ସ୍ଥାନାନ୍ତରିତ ହେଉଛି। ବିଶ୍ୱର ସବୁଠାରୁ ବଡ଼ ଉତ୍ପାଦନ କେନ୍ଦ୍ର ଚୀନ, ଏବଂ ଏଆଇ, ବୈଦ୍ୟୁତିକ ଯାନ, କ୍ୱାଣ୍ଟମ ପ୍ରଯୁକ୍ତିରେ ଚୀନ ଅଗ୍ରଣୀ ହୋଇଛି। ଇରାନ ଭଳି ଦେଶ ଏବେ ପୁଞ୍ଜି, ପ୍ରଯୁକ୍ତି ଏବଂ ଭବିଷ୍ୟତ ରୋଜଗାର ପାଇଁ ଆମେରିକା ଆଡ଼କୁ ନ ଚାହିଁ ଚୀନ ଆଡ଼କୁ ଚାହୁଁଛନ୍ତି।

ଆମେରିକୀୟ ଏକଧ୍ରୁବୀୟ ଶାସନକୁ ଅସ୍ୱୀକାର କରି ବହୁଧ୍ରୁବୀୟ, ନିୟମ-ଆଧାରିତ କିନ୍ତୁ ପଶ୍ଚିମର ଏକାଧିକାର ନଥିବା ବିଶ୍ୱ ବ୍ୟବସ୍ଥାର ଭିତ୍ତି ପଡୁଛି। ଅବଶ୍ୟ, ଆମେରିକୀୟ ପ୍ରାଧାନ୍ୟ ଏକ ରାତି ଭିତରେ ସମ୍ପୂର୍ଣ୍ଣ ଇତିହାସ ହୋଇଯିବ, ତାହା ନୁହେଁ। ଆମେରିକା ପାଖରେ ତଥାପି ବିଶାଳ ସାମରିକ ବେସ, ପ୍ରଯୁକ୍ତିଗତ କ୍ଷମତା ଏବଂ ଡଲାରକୁ ରିଜର୍ଭ ମୁଦ୍ରା ରୂପେ ସ୍ଥାନ ରହିଛି। କିନ୍ତୁ ଏକଧ୍ରୁବୀୟ ଦୁନିଆର ଯୁଗ ନିଶ୍ଚିତ ଭାବେ ଶେଷ ହେଉଛି, ଏବଂ ଏକାଧିକ ଧ୍ରୁବ ଥିବା ଏକ ନୂତନ ବ୍ୟବସ୍ଥାର ଉଦୟ ହେଉଛି, ଏହା ଏହି ଘଟଣାବଳୀ ପ୍ରମାଣ କରେ। ସ୍ୱୟଂ ଆମେରିକାକୁ ଏବେ ପାକିସ୍ତାନର ମଧ୍ୟସ୍ଥତାରେ ଚୁକ୍ତି କରିବାକୁ ପଡୁଛି ଏବଂ ଯୁଦ୍ଧବିରତି ପରେ ୬୦ ଦିନ ମଧ୍ୟରେ ସର୍ବଗ୍ରାହୀ ଅନ୍ତିମ ସମାଧାନ ବାହାର କରିବାକୁ ପ୍ରତିଶ୍ରୁତି ଦେବାକୁ ପଡୁଛି, ଏହି ବାସ୍ତବତା ଆମେରିକୀୟ ପ୍ରାଧାନ୍ୟର ସାପେକ୍ଷ ଅବକ୍ଷୟର ସ୍ପଷ୍ଟ ନିଦର୍ଶନ।

ଅନ୍ତତଃ, ଆମେରିକା-ଇସ୍ରାଏଲ ବିରୋଧୀ ଯୁଦ୍ଧରେ ଇରାନ ପାଇଥିବା ଶ୍ରେଷ୍ଠତା ଏବଂ ତା'ପରେ ଇସଲାମାବାଦ ଚୁକ୍ତି ଦ୍ୱାରା ହାସଲ ହୋଇଥିବା ରାଜନୈତିକ ଫାଇଦା, ଚୀନର ଦୃଢ଼ ଓ ବହୁଆୟାମୀ ସମର୍ଥନ ବିନା ସମ୍ଭବ ନଥିଲା। ଆମେରିକୀୟ ପ୍ରାଧାନ୍ୟ ଏବେ ବି ସମ୍ପୂର୍ଣ୍ଣ ଇତିହାସରେ ପରିଣତ ହୋଇ ନ ଥିଲେ ମଧ୍ୟ, ଇରାନ-ଚୀନ-ରୁଷର ଏହି ନୂତନ କୌଶଳିକ ମୋର୍ଚ୍ଚା, ଗ୍ଲୋବାଲ ସାଉଥର ବଢୁଥିବା ସ୍ୱର ଏବଂ ବହୁଧ୍ରୁବୀୟ ସଂସ୍ଥାଗୁଡ଼ିକର ସଶକ୍ତୀକରଣ ତାହାର ଭିତ୍ତି ଖୋଲୁଛି, ଏହା ନିର୍ବିବାଦ।(ଶେଷଭାଗ)

ଓକିଲ, ଉଚ୍ଚ ନ୍ୟାୟାଳୟ, ମୁମ୍ବାଇ

ମୋ-୯୨୨୧୬୩୩୨୬୭

# ନ୍ୟାୟିକ ବିଳମ୍ବର କାରଣ ଓ ସମାଧାନ

**ମହାମେଘବାହନ ଐର ଖାରବେଳ ସ୍ୱାଇଁ**

> “ ସୁପ୍ରିମକୋର୍ଟ କହିଥିଲେ ଯେ, ପୋଷ୍ଟାଲ୍ ବାଲାଟ୍‌ଗୁଡ଼ିକ ଆଉଥରେ ଗଣତି ହେବ । ଏହି ରାୟ ଉପରେ ଦୀର୍ଘକାଳ ଧରି ବିଚାରାଳୟ ବସି ରହିଥିଲା ଏବଂ ଏହା ଉପରେ ଦିଆଯାଇଥିବା ରହିତାଦେଶକୁ ଉଠାଯାଇନଥିଲା । ତେଣୁ ପୁଣି ମାଡ୍ରାସ୍ ହାଇକୋର୍ଟକୁ ଏହି ରାୟକୁ ପଠାଇ ଦିଆଯାଇଥିଲା । କୌତୂହଳ ଭାବରେ ସୁପ୍ରିମ କୋର୍ଟ ମଧ୍ୟ ଏ ପ୍ରଶ୍ନକୁ ଏହି ବିବାଦର ମୁଖ୍ୟ କଥା ରୂପେ ଧରିଥିଲା, ଯାହାକି ନିଷ୍ପତ୍ତି ହୋଇନଥିଲା । ଜଣେ ମିଡିଲ୍ ସ୍କୁଲ୍‌ର ହେଡ୍‌ମାଷ୍ଟର ଗେଜେଟେଡ୍ ଅଫିସର ହିସାବରେ ସ୍ୱୀକୃତି ପାଇବ କି ଏବଂ କୋଷ୍ଟାଲ୍ ବାଲାଟ୍‌କୁ ଆଟେଷ୍ଟ କରିପାରିବ କି ?

ନିକଟ ଅତୀତରେ ସୁପ୍ରିମ କୋର୍ଟର ମୁଖ୍ୟ ବିଚାରପତି କହିଛନ୍ତି ନ୍ୟାୟ ଦେବା କ୍ଷେତ୍ରରେ ଲୋକମାନଙ୍କର ବିଚାର ବିଭାଗ ପ୍ରତି ବିଶ୍ୱାସ ନିର୍ଭର କରେ ଯେ, କେତେ ଶୀଘ୍ର ନ୍ୟାୟ ଦିଆଯାଉଛି ତାହା ଉପରେ । ଚଳିତ ବର୍ଷ ଜୁନ୍ ୩ ତାରିଖରେ ମାଡ୍ରାସ୍ ହାଇକୋର୍ଟର ବିଚାରପତି ଜି.ଜୟଚନ୍ଦ୍ରନ ଭାରତୀୟ ନ୍ୟାୟ ଦେବା ପଦ୍ଧତି ସମ୍ପର୍କରେ ଗୋଟିଏ ଅତି ଗୁରୁତ୍ୱପୂର୍ଣ୍ଣ ଘଟଣା ସମ୍ପର୍କରେ ଲେଖିଥିଲେ । ଲୋକମାନଙ୍କର ଏହି ସମୟ ଭିତରେ ବିଚାର ବିଭାଗ ପ୍ରତି ଧାରଣା ଭଲ ରହିବ କି କ'ଣ ସେ ସମ୍ପର୍କରେ ଏହି ରାୟରେ କୁହାଯାଇଛି । ଏହି ରାୟକୁ ଡିଏମ୍‌କେର ନେତା ଏମ୍.ଅପ୍ପାଭୁ ୨୦୦୬ରେ ଏଆଇଏଡିଏମ୍‌କେ ଠାରୁ ହାରିଯିବା ପରେ ହାଇକୋର୍ଟରେ ଆଗତ କରିଥିଲେ । ଏଆଇଏଡିଏମ୍‌କେର ଆଇ.ଏସ୍.ଇନ୍‌ବାଦୁରାଇ ଅଳ୍ପ ଭୋଟ୍ ଅର୍ଥାତ୍ ୪୯ ଖଣ୍ଡ ଭୋଟ୍‌ରେ ରାଧାପୁରମ୍ ବିଧାନସଭା କ୍ଷେତ୍ରରୁ ଯାହା ଥିରନେଲଭେଲି ଜିଲ୍ଲାରେ ଅଛି ୧୦ ବର୍ଷ ପୂର୍ବରୁ ହାରିଥିଲେ। ସେତେବେଳେ ଏହା ଗୋଟିଏ ପାଠ୍ୟକ୍ରମର ବିଷୟ ଥିଲା । ଏହା ଦୁଇଟି ବିଧାନସଭା କ୍ଷେତ୍ରର କଥା ନୁହେଁ । ଏହା ମଧ୍ୟରେ ଅନେକ କଥା ମଧ୍ୟ ଘଟିଛି । ସୁପ୍ରିମକୋର୍ଟ ଏହି ରାୟ ଉପରେ ରହିତାଦେଶ ଦେଇଥିଲେ। ସୁପ୍ରିମକୋର୍ଟ କହିଥିଲେ ଯେ, ପୋଷ୍ଟାଲ୍ ବାଲାଟ୍‌ଗୁଡ଼ିକ ଆଉଥରେ ଗଣତି ହେବ । ଏହି ରାୟ ଉପରେ ଦୀର୍ଘକାଳ ଧରି ବିଚାରାଳୟ ବସି ରହିଥିଲା ଏବଂ ଏହା ଉପରେ ଦିଆଯାଇଥିବା ରହିତାଦେଶକୁ ଉଠାଯାଇନଥିଲା । ତେଣୁ ପୁଣି ମାଡ୍ରାସ୍ ହାଇକୋର୍ଟକୁ ଏହି ରାୟକୁ ପଠାଇ ଦିଆଯାଇଥିଲା । କୌତୂହଳ ଭାବରେ ସୁପ୍ରିମ କୋର୍ଟ ମଧ୍ୟ ଏ ପ୍ରଶ୍ନକୁ ଏହି ବିବାଦର ମୁଖ୍ୟ କଥା ରୂପେ ଧରିଥିଲା, ଯାହାକି ନିଷ୍ପତ୍ତି ହୋଇନଥିଲା । ଜଣେ ମିଡିଲ୍ ସ୍କୁଲ୍‌ର ହେଡ୍‌ମାଷ୍ଟର ଗେଜେଟେଡ୍ ଅଫିସର ହିସାବରେ ସ୍ୱୀକୃତି ପାଇବ କି ଏବଂ କୋଷ୍ଟାଲ୍ ବାଲାଟ୍‌କୁ ଆଟେଷ୍ଟ କରିପାରିବ କି ?

ଗୁରୁତ୍ୱପୂର୍ଣ୍ଣ ଭାବରେ ଗୋଟିଏ ସୁପ୍ରିମ କୋର୍ଟର ଖଣ୍ଡପୀଠ ଏ ବିଷୟକୁ ମାର୍ଚ୍ଚ ୨୩, ୨୦୨୧ରେ ଶୁଣାଣି କରିଥିଲେ । କିନ୍ତୁ ଏହାର ରାୟକୁ ଦେଇନଥିଲେ । ଏଥିପାଇଁ ଗୋଟିଏ ସମ୍ଭାବ୍ୟ କାରଣ ହେଉଛି ଯେ, ଏଥିରେ ମୂଳ ଆଇନଗତ ପ୍ରସଙ୍ଗଟିକୁ ଦେଖାଯାଇଥିଲା । ହେଡ୍‌ମାଷ୍ଟରଙ୍କ ସମ୍ପର୍କରେ ଅଭିଯୋଗ ଥିଲା ଯେ, ଖଣ୍ଡପୀଠ ଉଭୟ ପକ୍ଷର ଯୁକ୍ତି ୨୦୨୧ରେ ଶୁଣିନଥିଲା ଏବଂ ସେହି ଖଣ୍ଡପୀଠର ସଦସ୍ୟମାନେ ବଦଳି ଯାଇଥିଲେ । ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ ଏ ସମ୍ପର୍କରେ ମନ୍ତବ୍ୟ ଦେଇଥିଲେ ଯେ, ବର୍ତ୍ତମାନର ମାମଲା ଏତେ ବର୍ଷ ଭିତରେ ପାର୍ଥକ୍ୟ ରହିଛି ଏବଂ ବର୍ତ୍ତମାନ ଯେଉଁ ରାୟ ଦିଆଯିବ ତାହା ପ୍ରଶାସନର ଗୁଣକୁ ନ୍ୟୁନ କରିବ । କାରଣ ରାୟ ଯୁକ୍ତିତର୍କର ନିର୍ଯାସ ବୋଲି କୁହାଯାଏ ଏବଂ ଯିଏ ଏହି ରାୟକୁ ଦେଇଛି ତାହା ସମ୍ପର୍କରେ ମଧ୍ୟ କହିଥାଏ । ଏହାକୁ ଯେଉଁମାନେ ଅତ୍ୟନ୍ତ ବିଶ୍ୱସ୍ତତାର ସହ ଦେଖନ୍ତି ସେମାନେ ଏହାକୁ ମଧ୍ୟ ଅନୁସରଣ କରିବା ଉଚିତ । ଏ କଥାକୁ ସହମତି କରୁଥିବା ରାୟ ଗୋଟିଏ କାହାଣୀ ନୁହେଁ । କେବଳ ବିବାଦୀୟ ନିର୍ବାଚନର କଥା ନୁହେଁ । କିନ୍ତୁ ଏହା ହେଉଛି ଗୋଟିଏ ଦର୍ପଣ, ଯାହାକି ପଦ୍ଧତିକୁ ଠିକ୍ ଭାବରେ ଦେଖେଇଥାଏ । ଏହି ବିଚାର ପଦ୍ଧତି ଏତେ ମନ୍ଥର ଗତିରେ ଚାଲିଥାଏ ଯେ, ଏହା ରାୟ ଦେବାର ଉଦ୍ଦେଶ୍ୟକୁ ଶେଷରେ ନଷ୍ଟ କରେ । ସ୍ୱାଭାବିକ ନ୍ୟାୟ ଡାଟା ଗ୍ରୀଡ୍‌ରେ ଲେଖାଅଛି ଯେ, ୪୩ ଲକ୍ଷ ମୋକଦ୍ଦମା ହାଇକୋର୍ଟମାନଙ୍କରେ ବିଚାର ନ ହୋଇ ପଡ଼ିରହିଛି ଏବଂ ତାହା ୧୦ ବର୍ଷ ଧରି ପଡ଼ିରହିଛି । ସବୁ ହାଇକୋର୍ଟରେ ଯେତେ ବିଚାରାଧୀନ ମାମଲା ପଡ଼ିରହିଛି ତାହା ମଧ୍ୟରୁ ମାଡ୍ରାସ୍ ହାଇକୋର୍ଟରେ ୧୦% ମାମଲା ବିଚାର ନ ହୋଇ ପଡ଼ିରହିଛି । ଦେଖାଯାଇଛି ମାତ୍ର ୪୯ ଖଣ୍ଡ ଭୋଟ୍‌ର ବ୍ୟବଧାନର ବିଜୟ ପାଇଁ ଗୋଟିଏ ଦଶନ୍ଧି ଲାଗିଛି ବିଚାର ହୋଇନାହିଁ । ହାପାଭୁ ମାମଲା ଗୋଟିଏ ମନ୍ଥର ଗତିରେ ଚାଲିଥିବା ଥ୍ରିଲର୍ ସିନେମା ପରି ଲାଗେ । କାରଣ ୨୦୨୬ ତାମିଲନାଡୁ ବିଧାନସଭା ନିର୍ବାଚନ ପରେ ରିଟର୍ଣ୍ଣିଂ ଅଫିସର୍ ସ୍ଥିର କରିଥିଲେ ଯେ, ୪୯ ଖଣ୍ଡ ଭୋଟ୍‌ର ବିଜୟ ଯାହା ଘୋଷଣା କରାଯାଇଥିଲା, ଏହାକୁ ହାପାଭୁ ଚ୍ୟାଲେଂଜ କରିଥିଲେ ଏବଂ ଅଭିଯୋଗ କରିଥିଲେ ଯେ, ୨୦୩ କୋଷ୍ଟାଲ ବାଲାଟ୍ ଯେଉଁଗୁଡ଼ିକ ମିଡିଲ୍ ସ୍କୁଲ୍‌ର ହେଡ୍‌ମାଷ୍ଟରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ହୋଇଥିଲା ସେମାନଙ୍କୁ ସବୁ ଖାରଜ କରିଦିଆଯାଇଛି । ଏହି କାରଣରେ ଯେ, ହେଡ୍‌ମାଷ୍ଟରମାନେ ଗେଜେଟେଡ୍ ଅଫିସର୍ ନୁହନ୍ତି । ସେ ମଧ୍ୟ ଅଭିଯୋଗ କରିଥିଲେ ୧୯ତମ, ୨୦ତମ ଏବଂ ୨୧ତମ ରାଉଣ୍ଡର ଭୋଟ୍ ଗଣତିରେ ଇଭିଏମ୍ ମେସିନ୍‌ରେ ଭୁଲ୍ ପରିଲକ୍ଷିତ ହୋଇଥିଲା ।

ଏହି ମୋକଦ୍ଦମା ବିଚାରପତି ଜୟଚନ୍ଦ୍ରନଙ୍କ ପାଖକୁ ଗଲା, ଯିଏକି ସେପ୍ଟେମ୍ବର ୨୪, ୨୦୧୯ରେ ତାଙ୍କର ରାୟକୁ ସଂରକ୍ଷିତ ରଖିଲେ । ଗୋଟିଏ ସପ୍ତାହ ପରେ ଅକ୍ଟୋବର ୧, ୨୦୧୯ରେ ସେ ତାଙ୍କର ସ୍ପଷ୍ଟ ରାୟ ଦେଇଥିଲେ । ୨୦୩ଟି କୋଷ୍ଟାଲ୍ ବାଲାଟ୍‌ମାନଙ୍କୁ ହେଡ୍‌ମାଷ୍ଟର ବେଆଇନ୍ ଭାବରେ ଖାରଜ କରିଦେଇଛନ୍ତି । କିନ୍ତୁ ଯେଉଁମାନଙ୍କର କୋଷ୍ଟାଲ୍ ବାଲାଟ୍ ଖାରଜ ହୋଇଥିଲା ସେମାନେ ନିଜେ ଗେଜେଟେଡ୍ ଅଫିସର୍ । ଏଥିପାଇଁ କୋଷ୍ଟାଲ୍ ବାଲାଟ୍‌ମାନଙ୍କର ପୁଣି ପୁନଃଗଣନା ପାଇଁ ଆଦେଶ ଦିଆଯାଇଥିଲା । ଇନ୍‌ବାଦୁରାଇ ଗତ ଅକ୍ଟୋବର ୪, ୨୦୧୯ରେ ସୁପ୍ରିମ କୋର୍ଟକୁ ଗଲେ । ସେ କହିଲେ ଯେ, ଭୋଟ୍ ଗଣତି ପ୍ରକ୍ରିୟା ଚାଲୁ ରହିବା ଉଚିତ । କିନ୍ତୁ ଏ ବିଷୟରେ ଆଲୋଚନାର ଫଳକୁ ରହିତାଦେଶରେ ରଖିବା ପାଇଁ ସେ କହିଲେ । ଏହା ପରେ ଏହା ଉପରେ ବାରମ୍ବାର ମୁଲତବୀ ଦିଆଗଲା ଏବଂ ଶୁଣାଣି ପାଇଁ ଏହାକୁ ବାରମ୍ବାର ତାଲିକାଭୁକ୍ତ କରାଗଲା । କିନ୍ତୁ ଏ ସମ୍ପର୍କରେ ଦାୟିତ୍ୱହୀନ ରାୟମାନ ଦିଆଗଲା ଏବଂ ଏ ଘଟଣା ୩ ସପ୍ତାହ ଧରି ମେ' ମାସ ପର୍ଯ୍ୟନ୍ତ ଚାଲିଲା । ବିଚାରପତି ଜୟଚନ୍ଦ୍ରନ ପରିଶେଷରେ ମନ୍ତବ୍ୟ ଦେଲେ ଯେ, ଏହା ହେଉଛି ବିଚାରର ଗୋଟିଏ ପ୍ରହସନ । ସୁପ୍ରିମ କୋର୍ଟ ଏହା ପରେ ଏହି ମାମଲାରୁ ଆଗ୍ରହ ହଟାଇନେଲେ । କାରଣ ସେତେବେଳକୁ ୨୦୨୧ରେ ବିଧାନସଭାର କାର୍ଯ୍ୟକାଳ ପୂରଣ ହୋଇଯାଇଥିଲା । ଫେବୃଆରୀ ୨୦୨୩ରେ ସୁପ୍ରିମ କୋର୍ଟ ସ୍ୱୀକାର କଲା ଯେ, ଏଥିରେ ବଡ଼ ଅଡୁଆଜନକ ସ୍ଥିତି ସୃଷ୍ଟି ହୋଇଛି । ସୁପ୍ରିମ କୋର୍ଟ କହିଥିଲା ଯେ, ଆସନ୍ତା ନିର୍ବାଚନ ପରେ ମଧ୍ୟ ଏ ବିଚାର ଚାଲିଥିବ ଏବଂ ବର୍ତ୍ତମାନ ଅନ୍ୟ ମାମଲା ଯାହାକି ଅତ୍ୟନ୍ତ ଭଲ ଏବଂ ଏତେବେଶି ଗୁରୁତ୍ୱପୂର୍ଣ୍ଣ ଯେ, ସେଗୁଡ଼ିକ ଶୀଘ୍ର ବିଚାର କରାଯିବା ଉଚିତ । କିନ୍ତୁ ଏହି ମାମଲାଟି ନୁହେଁ । ତେଣୁ ଏହି ମାମଲାଟି ଭବିଷ୍ୟତର ଗୋଟିଏ ତାରିଖ ପାଇଁ ରଖାଗଲା । ଚଳିତ ବର୍ଷ ଏହି ମାମଲା ସହ ଆଉ ଦୁଇଟି ବିଧାନସଭାର ନିର୍ବାଚନ ମାମଲା ବିଚାର କରାଗଲା, ସେଗୁଡ଼ିକ ୨୦୨୧ ଓ ୨୦୨୬ର । ଯେତେବେଳେ ମେ' ୨୧ରେ ଏହି ରହିତାଦେଶ ଉଠାଇଦିଆଗଲା ସୁପ୍ରିମକୋର୍ଟ ଆଇନଗତ ପ୍ରଶ୍ନ ଖୋଲା ରଖିଲା ।

ଏଥିରେ କୁହାଗଲା ଯେ, କୋଷ୍ଟାଲ ବାଲାଟ୍‌ମାନଙ୍କର ହେଡ୍‌ମାଷ୍ଟରଙ୍କ ଦ୍ୱାରା ଏଟେଷ୍ଟେସନ ଠିକ୍ ଅଛି କି ନାହିଁ । ରାୟରେ କୁହାଯାଇଥିଲା ୨୦୩ ଭୋଟ୍ ଗୋଟିଏ ଅତି ତୀକ୍ଷ୍ଣ ଲଢ଼ା ଯାଉଥିବା ଭୋଟ୍ ଅଟେ । ତା'ପରେ ସେହି ବର୍ଷ କୋଷ୍ଟାଲ୍ ବାଲାଟ୍‌କୁ ପୁଣି ଗଣାଯାଇଥିଲା । ଆପାଭୁ ୧୬୩ଟି ଭୋଟ୍ ପାଇଥିଲେ । ଇନ୍‌ବାଦୁରାଇ କେବଳ ଖଣ୍ଡିଏ ଭୋଟ୍ ପାଇଥିଲେ । ବାସ୍ତବରେ ଦେଖିବାକୁ ଗଲେ ଆପାଭୁ ୨୦୧୬ ନିର୍ବାଚନ ୧୦୩ ଭୋଟ୍‌ରେ ଜିତିଥିଲେ । କିନ୍ତୁ ସୁପ୍ରିମ କୋର୍ଟର ରହିତାଦେଶ ଏହି ଘୋଷଣାକୁ ରୋକିକରି ରଖିଥିଲା । ପରିଶେଷରେ ହାଇକୋର୍ଟ ଘୋଷଣା କରିଥିଲେ ଯେ, ୨୦୧୬ରୁ ୨୦୨୧ ପର୍ଯ୍ୟନ୍ତ ଜଣେ ବିଧାୟକ ସେଠୁ ନିର୍ବାଚିତ ହୋଇଥିଲେ, ଯାହା ଜୁନ୍ ୩ ସେହି ବର୍ଷ ଘୋଷଣା କରାଯାଇଥିଲା । ଏହି ବିବାଦ ହୁଏତ ଏ ପର୍ଯ୍ୟନ୍ତ ତୁଟିନାହିଁ । କାରଣ ଇନ୍‌ବାଦୁରାଇ ସୁପ୍ରିମକୋର୍ଟକୁ ଅପିଲ୍ କରିବାକୁ ଯିବାକୁ ଚାହାନ୍ତି । ଏହି ଘଟଣା ଗୋଟିଏ ବିରଳ ଘଟଣା ନୁହେଁ । ଏ କଥା ବିଚାରପତି ଜୟଚନ୍ଦ୍ରନ ଲେଖିଛନ୍ତି । ସେ ଲେଖିଛନ୍ତି ଯେ, ଅଦାଲତର ମତ ଅନୁସାରେ ଏଥିରେ ନ୍ୟାୟର ପ୍ରହସନ ଘଟିଛି ।

ରାୟ ଦେବା ନାଁରେ ବର୍ତ୍ତମାନ ଯାହା ଘଟୁଛି ତାହା ଲୋକଙ୍କୁ ପ୍ରବଞ୍ଚିତ କରାଯାଉଛି, ବିଶେଷ କରି ରାଧାପୁରମ ବିଧାନସଭାର ଲୋକଙ୍କ ପ୍ରତି ପ୍ରବଞ୍ଚନା କରାଯାଉଛି ଏବଂ ଏଠାରେ ଯିଏ ନିର୍ବାଚିତ ହେଇଥିଲେ ତାଙ୍କୁ ବିଧାୟକ ହିସାବରେ ସ୍ୱୀକୃତି ଦିଆଯାଇନାହିଁ।

**ରାୟକୁ ସଂରକ୍ଷିତ କରି ରଖିବା**

ଯଦିଓ ଏକ ସମସ୍ୟା ଝାଡ଼ଖଣ୍ଡର ହାଇକୋର୍ଟର ବ୍ୟବହାର ସୁପ୍ରିମ କୋର୍ଟର ମୁଖ୍ୟ ବିଚାରପତିଙ୍କୁ ଗୋଟିଏ କାରଣ ଦେଇଛି ଚିନ୍ତା କରିବା ପାଇଁ । ସେ ତାଙ୍କର ଶେଷ ରିଟ୍ ପିଟିସନ୍‌ମାନଙ୍କୁ ବିଚାର କରି ଦେଖିଛନ୍ତି ଏବଂ ଯେଉଁମାନେ ଝାଡ଼ଖଣ୍ଡର ବିଚାରପତିମାନଙ୍କର ରାୟ ବିରୋଧରେ ରିଟ୍ ଆଗତ କରିଛନ୍ତି, ସେମାନଙ୍କ ଭିତରକୁ କେତେକ ଜେଲ୍‌ରେ ମଧ୍ୟ ଅନେକ ଦିନ ହେଲା ରହିଛନ୍ତି ଏବଂ ରାୟ ଶୁଣିବା ପାଇଁ ବ୍ୟଗ୍ର ଅଛନ୍ତି । କାରଣ ରାୟଗୁଡ଼ିକ ସଂରକ୍ଷିତ ହୋଇ ରହିଛି, ଯାହା ହାଇକୋର୍ଟ କରିଛି । ମାସ ମାସ ଧରି ବା ବର୍ଷ ବର୍ଷ ଧରି ଅପିଲ୍ କରାଯାଇଥିଲେ ମଧ୍ୟ ତାହାକୁ ଶୁଣାଯାଇନାହିଁ । ଯେତେବେଳେ ସୁପ୍ରିମ କୋର୍ଟ ଏହି ଧରଣର ମାମଲାଗୁଡ଼ିକୁ ଉପର ଠାଉରିଆ ଭାବରେ ପ୍ରଥମେ ଦେଖିଲେ, ସେଥିରୁ ସେମାନେ ପାଇଲେ ଯେ, ଝାଡ଼ଖଣ୍ଡ ହାଇକୋର୍ଟର ଡିଭିଜନ୍ ବେଞ୍ଚ ୫୬ଟି ମୋକଦ୍ଦମା ଶୁଣିଛନ୍ତି, ଯେଉଁମାନଙ୍କ ମଧ୍ୟରେ ଅପରାଧୀକ ଅପିଲ୍ ଅଛି । ଏହାକୁ ଜାନୁଆରୀ ୪, ୨୦୨୨ ଏବଂ ଡିସେମ୍ବର ୧୦, ୨୦୨୪ ଭିତରେ ଶୁଣାଯାଇଛି । କିନ୍ତୁ କୌଣସି ଗୋଟିଏ ମାମଲାରେ ଅନ୍ତିମ ରାୟ ଘୋଷଣା କରାଯାଇନାହିଁ । ଯେତେବେଳେ ହାଇକୋର୍ଟ ଜାଣିବାକୁ ପାଇଲେ ଯେ, ତା' ସମ୍ପର୍କରେ ସୁପ୍ରିମ କୋର୍ଟ ଯାଞ୍ଚ କରୁଛନ୍ତି ୭୫ଟି ପୂର୍ବରୁ ଅଟକି ରହିଥିବା ମୋକଦ୍ଦମାରେ ରାୟଗୁଡ଼ିକ ଗୋଟିଏ ସପ୍ତାହ ଭିତରେ ଘୋଷଣା କରିଦିଆଗଲା । ଗୋଟିଏ ରାୟ ଉପରେ ବସି ରହିବା ହେଉଛି ଦୀର୍ଘକାଳରୁ ଚାଲିଆସିଥିବା ଗୋଟିଏ ପୁରୁଣା ଅଭ୍ୟାସ । ସାରା ଦେଶରେ ଏ ଧରଣର ଅଭ୍ୟାସ ଚାଲୁ ରହିଛି । ସେଥିପାଇଁ ମୁଖ୍ୟ ବିଚାରପତି ଗୋଟେ ମାମଲାର ବିଚାର କେବେ ହେବ ଏବଂ ରାୟ କେବେ ଦିଆଯିବ ସେଥିପାଇଁ ଗୋଟିଏ ସମୟ ନିର୍ଘଣ୍ଟ ଜାରି କରିଛନ୍ତି ଏବଂ ଅତିଶୀଘ୍ର କିପରି ଏଥିରେ ବିଚାର ଚାହୁଁଥିବା ଲୋକମାନଙ୍କୁ ଶୀଘ୍ର ନ୍ୟାୟ ମିଳିବ, ସେଥିପାଇଁ ନିଷ୍ପତ୍ତି ନେବାକୁ କହିଛନ୍ତି । ସାରା ଭାରତବର୍ଷରେ ନ୍ୟାୟପାଳିକାକୁ ନେଇ ଏହିଭଳି ଗଭୀର ଭାବରେ ପ୍ରୋଥିତ ବ୍ୟବହାର ବଡ଼ ଅସ୍ଥିରତାର ସୂଚନା ଦିଏ । କାରଣ ପ୍ରତ୍ୟେକ ବିଳମ୍ବିତ ରାୟ ହେଉଛି ଗୋଟିଏ ମୁଦାଲାକୁ ଅନ୍ତର୍ଭୁକ୍ତ କରେ, ଯାହାର ମାମଲା ଶୁଣାଯାଇଛି କିନ୍ତୁ ସେ ସମ୍ପର୍କରେ ରାୟ ଦିଆଯାଇନାହିଁ ।

**ମୋଟର ଦୁର୍ଘଟଣା ମାମଲା**

ଏଥିସହିତ ଚିନ୍ତାର ବିଷୟ ହେଉଛି ଯେ, ଏହି ପ୍ରସ୍ତାବରେ ମୋଟର ଦୁର୍ଘଟଣାର ମାମଲା ଅନେକ ଅଛି । ସୁପ୍ରିମକୋର୍ଟର ଗୋଟିଏ ବେଞ୍ଚରେ ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ ଏବଂ ଏନ୍.କୋଟେଶ୍ୱର ସିଂ ନିକଟ ଅତୀତରେ ମନ୍ତବ୍ୟ ଦେଇଥିଲେ ମୋଟର ଭେଇକିଲ୍ ଆଇନ୍ ୧୯୮୮ ଅନୁସାରେ ଅନେକ ମାମଲା ପଡ଼ିରହୁଛି, ଯାହା ଘଟଣାକ୍ରମେ ୮ ବର୍ଷ ପର୍ଯ୍ୟନ୍ତ ପଡ଼ିରହୁଛି । ଏହା ହାଇକୋର୍ଟରେ ପଡ଼ିରହୁଛି । ମୋଟର ଦୁର୍ଘଟଣା କ୍ଲେମ୍‌ସ ଟ୍ରିବ୍ୟୁନାଲକୁ ମାମଲା ଯିବା ପୂର୍ବରୁ ୬ ବର୍ଷ କାଳ ପଡ଼ିରହୁଛି । ଖଣ୍ଡପୀଠ ଗୋଟିଏ ୨୫ ବର୍ଷର ପୁରୁଣା ମାମଲାକୁ ବିଚାର କରୁଥିଲା, ଯେଉଁଥିରେ ଗୋଟିଏ ବ୍ୟକ୍ତି ରାସ୍ତା ଦୁର୍ଘଟଣାରେ ନଭେମ୍ବର ୨୫, ୨୦୦୧ରେ ମୃତ୍ୟୁବରଣ କରିଥିଲା । ଅନ୍ୟ ବ୍ୟକ୍ତି ଜଣକ ଦ୍ରୁତ ଗତିରେ ଗାଡ଼ି ଚଲାଉଥିବାରୁ ମୃତ୍ୟୁବରଣ କରିଥିଲା । ଏହା ହରିଆଣାର ଶୀର୍ଷାରେ ଘଟିଥିଲା । ମୋଟର ଦୁର୍ଘଟଣା କ୍ଲେମ୍‌ସ ଟ୍ରିବ୍ୟୁନାଲ୍ ସେ ବ୍ୟକ୍ତିକୁ ୨ ଲକ୍ଷ ୪୨ ହଜାର ଟଙ୍କା ମିଳିବ ବୋଲି ଘୋଷଣା କରିଥିଲା। ଏ ଘଟଣା ଡିସେମ୍ବର ୨୦୦୩ରେ ଘଟିଥିଲା । କିନ୍ତୁ ଏତିକି କ୍ଷତିପୂରଣ ପାଇଁ ଅସନ୍ତୁଷ୍ଟ ହୋଇ ପରିବାର ୨୦୦୪ରେ ହାଇକୋର୍ଟକୁ ଯାଇଥିଲା, ଯିଏକି ଏହି ଅପିଲ୍ ଉପରେ ୨୦ ବର୍ଷ ଧରି ବସିକି ରହିଲା ଏବଂ ୨୦୨୪ ପର୍ଯ୍ୟନ୍ତ ଏହାର କୌଣସି ସମାଧାନ କଲାନାହିଁ । ତେଣୁ ନ୍ୟାୟ ଦେବା ନ୍ୟାୟପାଳିକାର ହାତରେ ଅଛି ଏବଂ ନ୍ୟାୟ ଦ୍ୱରିତ ବେଗରେ ଦେବା ଉଚିତ । ମୁଖ୍ୟ ବିଚାରପତି ଯେହେତୁ ଏ ଧରଣର ମନ୍ତବ୍ୟ ଦେଇଛନ୍ତି ଖୁବ୍‌ଶୀଘ୍ର ନ୍ୟାୟ ଦିଆଯିବାର ଆବଶ୍ୟକତା ଅଛି । ଏଥିପାଇଁ ପଦ୍ଧତିଗତ ବିଳମ୍ବକୁ ସହ୍ୟ କରାଯାଇନପାରେ ଏବଂ ପ୍ରଶାସନର ସୁବିଧା ଦୃଷ୍ଟିରୁ ନ୍ୟାୟକୁ ବିଳମ୍ବିତ କରାଯାଇନପାରେ । ଏହା ହେଉଛି ଏପରି ସମୟ ଯେତେବେଳେ ନାଗରିକମାନଙ୍କର ବିଶ୍ୱାସକୁ ରକ୍ଷା କରାଯିବା କଥା ଏବଂ ନ୍ୟାୟ ଦାନ କ୍ଷେତ୍ରରେ ମର୍ଯ୍ୟାଦା ରହିବା ଉଚିତ ।

ମୋ-୯୪୩୭୦୨୦୨୯୦

# ପୁଞ୍ଜିପତିଙ୍କ ହାତରେ ଖାଦ୍ୟ ସୁରକ୍ଷା

**ଗୋପାଳ ମହାପାତ୍ର**

> “ ଭାରତୀୟ ଖାଦ୍ୟ ନିଗମ ସ୍ଥାପନାର ଉଦ୍ଦେଶ୍ୟ ଥିଲା ଯେ କୃଷକମାନଙ୍କଠାରୁ ଖାଦ୍ୟ ଶସ୍ୟ ନ୍ୟୁନତମ ସମର୍ଥନ ମୂଲ୍ୟରେ କ୍ରୟ କରିବା, ସୁରକ୍ଷିତ ଭାବେ ଏହାର ଭଣ୍ଡାରଣ କରି ଆବଶ୍ୟକ ଅନୁସାରେ ଲୋକଙ୍କ ପାଖରେ ପହଞ୍ଚାଇବା। ଏହି ପୂରାପୂରି ବ୍ୟବସ୍ଥାରେ ପ୍ରତିସ୍ପର୍ଦ୍ଧା ଏବଂ ବିବିଧତା ଥିଲା ଗୁରୁତ୍ୱପୂର୍ଣ୍ଣ ତତ୍ତ୍ୱ।

ଭାରତର ଖାଦ୍ୟ ସୁରକ୍ଷା ବ୍ୟବସ୍ଥା ଭାରତର କୃଷକ, ସରକାରୀ କ୍ରୟ ବ୍ୟବସ୍ଥା ଏବଂ ଭାରତୀୟ ଖାଦ୍ୟ ନିଗମ (ଏଫସିଆଇ)ର ମଜଭୁତ ନେଟୱାର୍କ ଉପରେ ଆଧାରିତ ଥିଲା। ମରୁଡ଼ି, ମହାମାରୀ, ଏବଂ ଆର୍ଥିକ ସଙ୍କଟ ସମୟରେ ଏହି ବ୍ୟବସ୍ଥା କୋଟି କୋଟି ଲୋକଙ୍କ ପାଖରେ ଖାଦ୍ୟଶସ୍ୟ ପହଞ୍ଚାଇ ପାରୁଥିଲା। କିନ୍ତୁ ଏବେ ଭଣ୍ଡାରଣ (ଗଚ୍ଛିତ ରଖିବା) ଏବଂ ଯୋଗାଣ ବ୍ୟବସ୍ଥାରେ ଘରୋଇ କ୍ଷେତ୍ରର ଭାଗିଦାରୀ ବଢ଼ିବାରେ ଲାଗିଛି। ଖାଦ୍ୟ ସୁରକ୍ଷା ବ୍ୟବସ୍ଥା ଘରୋଇ କ୍ଷେତ୍ରକୁ ଚାଲିଯିବା ଘଟଣାକୁ ନେଇ ଅନେକ ପ୍ରଶ୍ନ ମଧ୍ୟ ଉଠୁଛି। ତଥ୍ୟ ଅନୁସାରେ ଭାରତୀୟ ଖାଦ୍ୟ ନିଗମର ଓ୍ୱାରହାଉସିଙ୍ଗ୍ ଏବଂ ପରିବହନ ଯୋଜନା ବା ବ୍ୟବସ୍ଥାର ଏକ ବଡ଼ ଅଂଶ ଆଦାନୀ ଗ୍ରୁପ୍ ଏବଂ ତାର ସହଯୋଗୀ କମ୍ପାନୀ ହାତକୁ ଚାଲିଯାଇଛି। ଅଭିଯୋଗ ଅନୁସାରେ ଟେଣ୍ଡରର ସର୍ତ୍ତରେ ଏଭଳି ପରିବର୍ତ୍ତନ କେନ୍ଦ୍ର ସରକାର କରିଛନ୍ତି ଯାହା ଫଳରେ ପୂର୍ବରୁ ଥିବା 'ଏକାଧିକାର ବିରୋଧ' ସୁରକ୍ଷା ପ୍ରାବଧାନକୁ ଦୁର୍ବଳ କରି ଦିଆଯାଇଛି ଓ ପରିଣାମ ସ୍ୱରୂପ କିଛି ଘରୋଇ କମ୍ପାନୀଙ୍କୁ ଓ୍ୱାରହାଉସିଙ୍ଗ (ଭଣ୍ଡାରଣ) ଏବଂ ଯୋଗାଣ ପାଇଁ ଠିକା ମିଳିଯାଇଛି। ପାଖାପାଖି ୨୦ ହଜାର କୋଟି ଟଙ୍କାର ଏହି ଭଣ୍ଡାରଣ ଓ ଯୋଗାଣ ପରିଯୋଜନା ମଧ୍ୟରୁ ୧୬୫୦୦ କୋଟି ଟଙ୍କାରୁ ଅଧିକ ଠିକାକାମ ଆଦାନୀ ଗ୍ରୁପ୍ ଏବଂ ଲିପ ଇଣ୍ଡିଆ କମ୍ପାନୀ ସହ ଜଡିତ ସଂସ୍ଥା ମାନଙ୍କୁ ମିଳିଛି। ଏହା କେବଳ ଏକ ବ୍ୟବସାୟୀ ଗୋଷ୍ଠୀଙ୍କୁ ଦିଆଯାଇଥିବା ଟେଣ୍ଡର ବା ଠିକାର ପ୍ରସଙ୍ଗ ନୁହେଁ ବରଂ ଅସଲ ପ୍ରଶ୍ନ ହେଉଛି ଯେ କ'ଣ ଦେଶର ଖାଦ୍ୟ ସୁରକ୍ଷା ବ୍ୟବସ୍ଥା କିଛି ପୁଂଜିପତିଙ୍କ ଉପରେ ନିର୍ଭରଶୀଳ ହେବାକୁ ଯାଉଛି କି ? ଯଦି ଏଭଳି ହୁଏ ତେବେ ଏହାର ଆର୍ଥିକ, ସାମାଜିକ ଏବଂ ରାଜନୈତିକ ପରିଣାମ କ'ଣ ହେବ ?

ଭାରତୀୟ ଖାଦ୍ୟ ନିଗମ ସ୍ଥାପନାର ଉଦ୍ଦେଶ୍ୟ ଥିଲା ଯେ କୃଷକ ମାନଙ୍କଠାରୁ ଖାଦ୍ୟ ଶସ୍ୟ ନ୍ୟୁନତମ ସମର୍ଥନ ମୂଲ୍ୟରେ କ୍ରୟ କରିବା, ସୁରକ୍ଷିତ ଭାବେ ଏହାର ଭଣ୍ଡାରଣ କରି ଆବଶ୍ୟକ ଅନୁସାରେ ଲୋକଙ୍କ ପାଖରେ ପହଞ୍ଚାଇବା। ଏହି ପୂରାପୂରି ବ୍ୟବସ୍ଥାରେ ପ୍ରତିସ୍ପର୍ଦ୍ଧା ଏବଂ ବିବିଧତା ଥିଲା ଗୁରୁତ୍ୱପୂର୍ଣ୍ଣ ତତ୍ତ୍ୱ। ଯଦି ଭଣ୍ଡାରଣ ବା ଓ୍ୱାରହାଉସମାନଙ୍କର ଗଚ୍ଛିତ ରଖିବା, ପରିବହନ ଏବଂ ବିତରଣର ବଡ଼ ଅଂଶ କିଛି ଘରୋଇ କମ୍ପାନୀଙ୍କ ହାତକୁ ଚାଲିଯାଏ ତେବେ ଭବିଷ୍ୟତରେ ଏହି ବ୍ୟବସ୍ଥା ଉପରୁ ସରକାରୀ ନିୟନ୍ତ୍ରଣ କମ୍ ହୋଇପାରେ ଏବଂ ଖାଦ୍ୟ ଯୋଗାଣ ବ୍ୟବସ୍ଥା ସମ୍ବେଦନଶୀଳ ହୋଇପାରେ। ଏହି ବ୍ୟବସ୍ଥାକୁ ଘରୋଇ କମ୍ପାନୀ ହାତକୁ ଟେକି ଦିଆଯିବା ଉପରେ ଗୁରୁତର ଚର୍ଚ୍ଚା ଓ ଅଭିଯୋଗ ଉଠିବାର କାରଣ ହେଉଛି ଜଳବାୟୁ ସଙ୍କଟ କାରଣରୁ କୃଷିକ୍ଷେତ୍ର ଅବ୍ୟବସ୍ଥାରେ ଥିବାବେଳେ ଭଣ୍ଡାରଣ ଓ ଯୋଗାଣ ବ୍ୟବସ୍ଥାର ଅଧିକ ଭାଗ ଘରୋଇ କମ୍ପାନୀକୁ ଦିଆଯାଇଛି। ପଞ୍ଜାବ, ହରିଆଣା, ଉତ୍ତରପ୍ରଦେଶ, ରାଜସ୍ଥାନ, ମଧ୍ୟପ୍ରଦେଶ ଏବଂ ମହାରାଷ୍ଟ୍ରର ଅନେକ ଅଞ୍ଚଳରେ ଅଳ୍ପ ବୃଷ୍ଟି, ଝଡ଼ତୋଫାନ, ଅସମୟରେ ବର୍ଷା ଏବଂ ହିଟ୍‌ୱେଭ ବା ଉତ୍ତାପ ବୃଦ୍ଧି କାରଣରୁ ଫସଲ ଉତ୍ପାଦନ ହ୍ରାସ ପାଇଛି।

ଭାରତର ପାଣିପାଗ ବିଭାଗ ଏବଂ କୃଷି ବିଶେଷଜ୍ଞମାନେ ଜଳବାୟୁ ପରିବର୍ତ୍ତନ କାରଣରୁ ପାଣିପାଗର ଅନିଶ୍ଚିତତାକୁ ନେଇ ଅନେକ ବାର ଚେତାବନୀ ଦେଇଛନ୍ତି। କେତେବେଳେ ଅଚାନକ ବର୍ଷା ତ ପୁଣି କେତେବେଳେ ଅନାବୃଷ୍ଟି ପୁଣି ଅତ୍ୟଧିକ ଗରମ କୃଷକଙ୍କ ପାଇଁ ସଙ୍କଟ ପାଲଟିଛି, ଏହି କାରଣରୁ ଉତ୍ପାଦନ ଖର୍ଚ୍ଚ ବଢୁଛି ଓ ଉତ୍ପାଦକତା ଉପରେ ଚାପ ପଡୁଛି।

ଭାରତରେ ଏବେ ଖାଦ୍ୟାନ୍ନ ସଙ୍କଟ ଓ ମରୁଡ଼ି ଭଳି ସ୍ଥିତି ହେବ ବୋଲି ଆକଳନ ହୁଏତ ଭୁଲ ହୋଇପାରେ। ଭାରତ ପାଖରେ ଏବେ ବି ପର୍ଯ୍ୟାପ୍ତ ପରିମାଣର ଖାଦ୍ୟଶସ୍ୟ ମହଜୁଦ ରହିଛି। ଭାରତୀୟ ଖାଦ୍ୟନିଗମର ଗୋଦାମ ମାନଙ୍କରେ କୋଟି କୋଟି ଟନ ଖାଦ୍ୟଶସ୍ୟ ସୁରକ୍ଷିତ ଭାବେ ରହିଛି। କିନ୍ତୁ ଚିନ୍ତାର ବିଷୟ ହେଉଛି ଯଦି ପାଣିପାଗ କାରଣରୁ କ୍ରମାଗତ ଭାବେ ଉତ୍ପାଦନ ପ୍ରଭାବିତ ହୁଏ ତେବେ ଅବ୍ୟବସ୍ଥା ସୃଷ୍ଟି ହେବ ନିଶ୍ଚୟ। ବିଶେଷଜ୍ଞମାନଙ୍କ ମତରେ ଖାଦ୍ୟଶସ୍ୟର ସଂପୂର୍ଣ୍ଣ ଭାବେ ଅଭାବ ପୂର୍ବରୁ ଦରଦାମ ବୃଦ୍ଧିର ପ୍ରଭାବ ଦେଖାଯାଇଥାଏ। ଉତ୍ପାଦନ କମିବା ସମୟରେ ଯଦି ଯୋଗାଣ ବ୍ୟବସ୍ଥା ଘରୋଇ ସଂସ୍ଥା ମାନଙ୍କ ଦ୍ୱାରା ନିୟନ୍ତ୍ରିତ ହୁଏ ତେବେ ଖାଦ୍ୟଶସ୍ୟର ମୂଲ୍ୟ ବଢ଼ିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନପାରେ। ଏହା ଫଳରେ ଗରିବ ଏବଂ ନିମ୍ନ ମଧ୍ୟମ ବର୍ଗ ଅଧିକ ଭାବେ ପ୍ରଭାବିତ ହେବେ।

ଖାଦ୍ୟଶସ୍ୟ ସଙ୍କଟ ବେଳେ ଭାରତୀୟ ଖାଦ୍ୟ ନିଗମର ଭୂମିକା ମହତ୍ତ୍ୱପୂର୍ଣ୍ଣ ହୋଇଥାଏ। ଦେଶକୁ ଭବିଷ୍ୟତର ଖାଦ୍ୟ ସଙ୍କଟରୁ ବର୍ତ୍ତିବା ପାଇଁ କେବଳ ଗୋଦାମ (ଓ୍ୱାରହାଉସ) ନିର୍ମାଣ ପର୍ଯ୍ୟାପ୍ତ ନୁହେଁ। ଆବଶ୍ୟକ ହେଉଛି କ୍ରୟ ପ୍ରଣାଳିରେ ପାରଦର୍ଶିତା, ଗଚ୍ଛିତ ବା ଭଣ୍ଡାରଣ ବ୍ୟବସ୍ଥା ପ୍ରତିସ୍ପର୍ଦ୍ଧି ହେବା ଉଚିତ। କୃଷକଙ୍କୁ ସେମାନଙ୍କ ଉତ୍ପାଦର ମୂଲ୍ୟ ଠିକ୍ ସମୟରେ ମିଳିବା ଏବଂ ବିତରଣ ପ୍ରଣାଳି ସୁନିୟୋଜିତ ହେବା ମଧ୍ୟ ଆବଶ୍ୟକ। ଘରୋଇ କମ୍ପାନୀ ହାତରେ ଏହି ବ୍ୟବସ୍ଥାକୁ ଟେକି ଦେବା ପ୍ରସଙ୍ଗରେ ସରକାରଙ୍କ ଯୁକ୍ତି ହେଉଛି ଘରୋଇ ନିବେଶ ଫଳରେ ଅତ୍ୟାଧୁନିକ ଗୋଦାମ, ଉତ୍ତମ ପରିବହନ ବ୍ୟବସ୍ଥା ମିଳିବା ସହ ଖାଦ୍ୟଶସ୍ୟର କ୍ଷୟ କ୍ଷତି କମ୍ ହେବ। ଏହି ଯୁକ୍ତି ସଂପୂର୍ଣ୍ଣ ଭୁଲ ନୁହେଁ। ଦେଶରେ ପ୍ରତିବର୍ଷ ହଜାର ହଜାର ଟନ ଖାଦ୍ୟ ଶଷ୍ୟ ନଷ୍ଟ ହୋଇଯାଉଛି ଏଣୁ ଆତ୍ୟାଧୁନିକ ଭଣ୍ଡାରଣ ବ୍ୟବସ୍ଥାର ଆବଶ୍ୟକତା ରହିଛି। କିନ୍ତୁ ଘରୋଇ କମ୍ପାନୀଙ୍କ ପ୍ରଭୁତ୍ୱ ବଢ଼ିଲେ ପାରଦର୍ଶିତା ଏବଂ ଉତ୍ତରଦାୟିତ୍ୱକୁ ନେଇ ପ୍ରଶ୍ନ ଉଠିବା ନିଶ୍ଚୟ। ଯଦି ଉତ୍ପାଦନ ହ୍ରାସ ହୁଏ ଏବଂ ଭଣ୍ଡାରଣ ଏବଂ ବିତରଣ ବ୍ୟବସ୍ଥା ଘରୋଇ ନିୟନ୍ତ୍ରଣରେ ରହେ ତେବେ ଅବ୍ୟବସ୍ଥା ଅଧିକ ହେବ ନିଶ୍ଚୟ।

ରାମଚନ୍ଦ୍ରପୁର, ରଣପୁର

ମୋ:୯୪୩୮୪୮୫୦୯୪

# ବରିଷ୍ଠ ସାମ୍ବାଦିକ ନବକିଶୋର ମହାପାତ୍ରଙ୍କ ପରଲୋକ

ଦେବଗଡ଼,୨୪ ।୬ (ନିପ୍ର): ଓଡ଼ିଶା ଗଣମାଧ୍ୟମ ଜଗତରୁ ଆସିଛି ଏକ ଦୁଃଖଦ ଖବର। ବରିଷ୍ଠ ସାମ୍ବାଦିକ ନବକିଶୋର ମହାପାତ୍ରଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୧ ବର୍ଷ ବୟସ ହୋଇଥିଲା। ସେ କିଛି ଦିନ ହେବ ଅସୁସ୍ଥ ଥିବା ବେଳେ ବ୍ରହ୍ମପୁରଠାରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କ ପାଖରେ ସ୍ତ୍ରୀ, ଝିଅ ମଧ୍ୟ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷ କୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କ ବିୟୋଗସାମ୍ବାଦିକତା ଜଗତରେ ଅପୂରଣୀୟ କ୍ଷତି। ଦୀର୍ଘ ବର୍ଷର ସେବା ନିଜର ସାମ୍ବାଦିକତା କ୍ୟାରିୟର ମଧ୍ୟରେ ଅନେକ ପ୍ରତିଷ୍ଠିତ ଖବର କାଗଜ 'ଦିନଲିପି' ଓ ଅନ୍ୟାନ୍ୟ ଗଣମାଧ୍ୟମରେ ସଫଳତାର ସହ କାର୍ଯ୍ୟ କରି ଆସୁଥିଲେ। ଜଣେ ନିର୍ଭୀକ, ସ୍ପଷ୍ଟବାଦୀ ଏବଂ ଆଦର୍ଶବାଦୀ ସାମ୍ବାଦିକ ଭାବେ ଓଡ଼ିଶା ଗଣମାଧ୍ୟମ ଜଗତରେ ତାଙ୍କର ସ୍ୱତନ୍ତ୍ର ପରିଚୟ ଥିଲା।



ଅନେକ ଯୁବ ସାମ୍ବାଦିକଙ୍କ ପାଇଁ ସେ ସର୍ବଦା ଜଣେ ଦିଗଦର୍ଶକ ଓ ପ୍ରେରଣାର ଉତ୍ସ ସଦୃଶ ଥିଲେ। ତାଙ୍କର ବିୟୋଗରେ ଗଣମାଧ୍ୟମ ଜଗତରେ ଶୋକର ଛାୟା ଖେଳି ଯାଇଛି। ବିଭିନ୍ନ ଗଣମାଧ୍ୟମ ପ୍ରତିଷ୍ଠାନ ଓ ସାମ୍ବାଦିକ ସଂଘ ପକ୍ଷରୁ ତାଙ୍କ ଅମର ଆତ୍ମାର ସଦଗତି କାମନା କରାଯିବା ସହ ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି। ତାଙ୍କର ନିଷ୍ଠାପର ସାମ୍ବାଦିକତା ଓ ସମାଜ ପ୍ରତି ଥିବା ଅବଦାନ ସର୍ବଦା ସ୍ମରଣୀୟ ହୋଇ ରହିବ। 'ଦିନଲିପି'ଖବର କାଗଜ ପକ୍ଷରୁ ତାଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି।

# 'ବିକାଶର ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ

କୁଚିଣ୍ଡା,୨୪ ।୬ (ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ଅନ୍ତର୍ଗତ ବକ୍ସମା ପଞ୍ଚାୟତ ତରଫରୁ ସ୍ଥାନୀୟ ଖେଳପଡିଆରେ ରାଜ୍ୟ ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଉପଲକ୍ଷେ 'ବିକାଶର ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ ତିନିଦିନ ଧରି ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ପ୍ରଥମ ଦିନ ଆୟୋଜିତ ସଭାରେ କୁଚିଣ୍ଡା ବ୍ଲକର ଯୋଗାଣ ନିରୀକ୍ଷକ ସୁଧୀର ପାତ୍ର,ଆଇସିଡ଼ିଏସ ସୁପରଭାଇଜର ଯମୁନା ବାଘ, ସରପଞ୍ଚ ସରସ୍ୱତୀ ଠାକୁର, ସମିତିସଭ୍ୟା ରଶ୍ମି କୁସୁମ, ସାମାଜିକ କର୍ମୀ ସଞ୍ଜୟ ମିଶ୍ର ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଲୋକଙ୍କୁ ସୂଚନା ଦେବାସହ ଏହାର ସଫଳ କାର୍ଯ୍ୟକାରିତା ପାଇଁ ସହଯୋଗ କାମନା କରିଥିଲେ। ପଞ୍ଚାୟତର ପିଇଓ ରାକେଶ ପଟେଲ ସଭା ପରିଚାଳନା କରିଥିବା ବେଳେ ଏଡିଇଓ ସରୋଜ ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ ସହ ଧନ୍ୟବାଦ ଅର୍ପଣ କରିଥିଲେ। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ବିଭିନ୍ନ ଷ୍ଟଲ ପ୍ରଦର୍ଶିତ ହୋଇଥିଲା। ଏହି ଅବସରରେ ଅତିଥିମାନେ ୭ ଜଣ ନୂତନ ହିତାଧିକାରୀଙ୍କୁ ଭତ୍ତା ଓ ୨୦ ଜଣଙ୍କୁ ନୂତନ ରାସନ କାର୍ଡ ପ୍ରଦାନ କରିଥିଲେ। ପରେ ଆଭାସି ମାଧ୍ୟମରେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଭାଷଣ ଲୋକଙ୍କୁ ପ୍ରଦର୍ଶିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ଦ୍ୱିତୀୟ ଦିନ ସୁସ୍ଥ ଶରୀର ଓ ସୁସ୍ଥ ମନ ପାଇଁ ଯୋଗ ଶିକ୍ଷା ଦିଆ ଯାଇଥିଲା।ସେହିପରି ତୃତୀୟ ଦିନ ମଙ୍ଗଳବାର କାର୍ଯ୍ୟକ୍ରମର ଅନ୍ତିମ ଦିବସରେ ମିଶନ ଶକ୍ତି ଓ ଓଡ଼ିଶା ଜୀବିକା ମିଶନ ପକ୍ଷରୁ ବିଭିନ୍ନ ଯୋଜନା ବାବଦରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଯାଇଛି।

# ୧କୋଟି ୨୧ ଲକ୍ଷ ସୁଧମୁକ୍ତ ଋଣ ୧୫ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପ୍ରଦାନ

ଶେରଗଡ,୨୪ ।୬(ନିପ୍ର): ଶେରଗଡ଼ ବ୍ଲକ ପରିସରରେ ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ଥିଲା ଜୀବିକା ମିଶନ ତଥା ମିଶନ ଶକ୍ତି ଦୁଇ ବର୍ଷ ସଫଳତା କାର୍ଯ୍ୟକ୍ରମ। ଶେରଗଡ଼ ବ୍ଲକ ରେ ୧୮୦୦ ସ୍ୱୟଂସହାୟକ ଦଳ ଅଛନ୍ତି। ଜୀବିକା ମିଶନ ସେଲ ଜରିଆରେ ସେମାନଙ୍କ କାର୍ଯ୍ୟ କଳାପ ଓ ସଫଳତା ପରିଚାଳନା କରାଯାଉଅଛି। ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷ କୃଷ୍ଣଚନ୍ଦ୍ର ନାୟକ, ସିଡ଼ିପିଓ ମମତାଞ୍ଜଳି ପଣ୍ଡା,ଏବିଡିଓ ନିରାକାର ଜେନା , ଜିଲ୍ଲା ପ୍ରକଳ୍ପ ପରିଚାଳକ ସନ୍ତୋଷ କୁମାର ରଥ ଯୋଗଦେଇ ଥିଲେ। ବ୍ଲକ ପ୍ରକଳ୍ପ ପରିଚାଳକ ସଦାଶିବ ସେଠୀ ସଂଯୋଜନାରେ ଗ୍ରାମସେବକ ଅରୁଣ କୁମାର ପ୍ରଧାନ ଓ କବିରାଜ ଗୈାଡ଼ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଭଲ କାର୍ଯ୍ୟ ଭଲ ପ୍ରକଳ୍ପ ପରିଚାଳନା କରୁଥିବା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଋଣ ପ୍ରଦାନ କରିଥିଲେ।୧୫ ଟି ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ୪ଟି ବ୍ୟାଙ୍କ ଜରିଆରେ ସୁଧ ମୁକ୍ତ ଋଣ ୧କୋଟି୨୧ ଲକ୍ଷ ୨୦ହଜାର ଟଙ୍କା ପ୍ରଦାନ କରାଯାଇଛି। ବ୍ୟକ୍ତିଗତ ରୁଣ ୭ଟି ୧୪ ଲକ୍ଷ ଅତିଥିମାନେ ପ୍ରଦାନ କରିଥିଲେ। ଏଥି ସହିତ ୪୦ଟି ଦଳକୁ ଆଣ୍ଡ୍ରଏଡ ମୋବାଇଲ ଫୋନ ପ୍ରଦାନ କରିଥିଲେ। ଖାଦ୍ୟ,ପୋଷଣ , ସ୍ୱାସ୍ଥ୍ୟ ସଚେତନତା ଏକ ନଥି ପ୍ରଦାନ କରାଯାଇଥିଲା।ପରି ଶେଷରେ ସାଇ କ୍ରିଷ୍ଣା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଜଡ଼ିବୁଟି ଏବଂ ଆୟୁର୍ବେଦ ଔଷଧ ପ୍ରଦର୍ଶନୀକୁ ବୁଲି ଦେଖିଥିଲେ, କିଣିଥିଲେ ମଧ୍ୟ। ବ୍ଲକ ପ୍ରକଳ୍ପ ପରିଚାଳକ ଶ୍ରୀ ସେଠୀ ଧନ୍ୟବାଦ ପ୍ରଦାନ କରିଥିଲେ।

# ବ୍ଲାକମେଲ ଜାଲରେ ନାବାଳିକା, ପୋକ୍ସୋ ମାମଲାରେ ନାବାଳକ

ପାରଳାଖେମୁଣ୍ଡି,୨୪ ।୬ (ନିପ୍ର); ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡିରେ ଜଣେ ନାବାଳିକାଙ୍କୁ ବ୍ଲାକମେଲ କରି ଦୀର୍ଘଦିନ ଧରି ଶୋଷଣ କରାଯାଇଥିବା ଅଭିଯୋଗକୁ ନେଇ ଏକ ଗୁରୁତର ପୋକ୍ସୋ ମାମଲା ସାମ୍ନାକୁ ଆସିଛି। ନାବାଳିକାଙ୍କ ଲିଖିତ ଅଭିଯୋଗ ଆଧାରରେ ପାରଳାଖେମୁଣ୍ଡି ଆଦର୍ଶ ଥାନା ପୋଲିସ ମାମଲା ରୁଜୁ କରି ଘଟଣାରେ ସମ୍ପୃକ୍ତ ଜଣେ ୧୭ ବର୍ଷୀୟ ନାବାଳକଙ୍କୁ ବାଳ ନ୍ୟାୟ ବୋର୍ଡରେ ହାଜର କରାଇବା ପରେ ବ୍ରହ୍ମପୁରସ୍ଥିତ ବାଳ ସୁଧାର ଗୃହକୁ ପଠାଇଛି। ସୂଚନା ପ୍ରକାରେ ଉଭୟ ନାବାଳକ ଓ ନାବାଳିକା ପାରଳାଖେମୁଣ୍ଡି ସହରର ବାସିନ୍ଦା। ନାବାଳିକାଙ୍କ ଅଭିଯୋଗ ଅନୁସାରେ, ପରିଚୟର ସୁଯୋଗ ନେଇ ନାବାଳକ ଜଣକ ତାଙ୍କର କିଛି ବ୍ୟକ୍ତିଗତ ଫଟୋ ଓ ଭିଡିଓ ସଂଗ୍ରହ କରିଥିଲେ। ପରବର୍ତ୍ତୀ ସମୟରେ ସେହି ଫଟୋ ଓ ଭିଡିଓକୁ ଆଧାର କରି ତାଙ୍କୁ ବ୍ଲାକମେଲ କରାଯାଉଥିଲା ଏବଂ ବିଭିନ୍ନ ପ୍ରକାର ଚାପ ସୃଷ୍ଟି କରି ଶୋଷଣ କରାଯାଉଥିବା ନେଇ ସେ ଅଭିଯୋଗ କରିଛନ୍ତି। ଦୀର୍ଘ ସମୟ ଧରି ନାବାଳିକା ଭୟ ଓ ମାନସିକ ଚାପ ମଧ୍ୟରେ ରହୁଥିଲେ। ତେବେ ଉକ୍ତ ଫଟୋ ଓ ଭିଡିଓ କିଛି ଅନ୍ୟ ବ୍ୟକ୍ତିଙ୍କ ମୋବାଇଲକୁ ପହଞ୍ଚିବା ପରେ ଘଟଣା ସମ୍ପର୍କରେ ତାଙ୍କ ପରିବାର ଅବଗତ ହୋଇଥିଲେ। ଏହାପରେ ନାବାଳିକା ପାରଳାଖେମୁଣ୍ଡି ଆଦର୍ଶ ଥାନାରେ ଲିଖିତ ଅଭିଯୋଗ ଦାଖଲ କରିଥିଲେ। ଅଭିଯୋଗକୁ ଗୁରୁତ୍ୱର ସହ ଗ୍ରହଣ କରି ପୋଲିସ ମାମଲା ରୁଜୁ ପରେ ପୋଲିସ ଘଟଣାର ତଦନ୍ତ କରି ମୋବାଇଲ ଫୋନ, ଡିଜିଟାଲ ପ୍ରମାଣ ଓ ଅନ୍ୟାନ୍ୟ ସମ୍ପୃକ୍ତ ତଥ୍ୟ ସଂଗ୍ରହ କରିଥିଲା। ପ୍ରାଥମିକ ତଦନ୍ତରେ ଅଭିଯୋଗର ସତ୍ୟତା ସମ୍ପର୍କରେ ତଥ୍ୟ ମିଳିବା ପରେ ପୋଲିସ ନାବାଳକଙ୍କୁ ହେପାଜତକୁ ନେଇଥିଲା। ପରେ ତାଙ୍କୁ ବାଳ ନ୍ୟାୟ ବୋର୍ଡ ସମ୍ମୁଖରେ ହାଜର କରାଯାଇଥିଲା। ବୋର୍ଡଙ୍କ ନିର୍ଦ୍ଦେଶକ୍ରମେ ତାଙ୍କୁ ବ୍ରହ୍ମପୁର ବାଳ ସୁଧାର ଗୃହକୁ ପଠାଯାଇଛି।

# ଏସଆଇଆର କାର୍ଯ୍ୟରେ ୮୯.୬୯% ଇଲେକ୍ଟର ଫର୍ମ ଡିଜିଟାଇଜ୍

ଭଦ୍ରକ,୨୪ ।୬ (ନିପ୍ର): ଭଦ୍ରକ ଜିଲ୍ଲାର ପାଞ୍ଚଟି ବିଧାନସଭା ନିର୍ବାଚନମଣ୍ଡଳୀରେ ଚାଲିଥିବା ସ୍ୱତନ୍ତ୍ର ସଂଘନ ସଂଶୋଧନ କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ ଅଗ୍ରଗତି ହୋଇଛି। ୨୩ ଜୁନ ୨୦୨୬ ଅପରାହ୍ନ ସୁଦ୍ଧା ପ୍ରକାଶିତ ରିପୋର୍ଟ ଅନୁଯାୟୀ ଜିଲ୍ଲାର ସମସ୍ତ ୧୩୨୬ ଜଣ ବିଏଲଓ ପ୍ରଶିକ୍ଷିତ ହୋଇ କ୍ଷେତ୍ରସ୍ତରରେ କାର୍ଯ୍ୟରତ ଅଛନ୍ତି।ଜିଲ୍ଲାରେ ମୋଟ ୧୨,୮୪,୬୧୮ ଜଣ ମତଦାତାଙ୍କ ମଧ୍ୟରୁ ୧୨,୮୪,୪୭୫ଟି ଇଲେକ୍ଟର ଫର୍ମ ଡାଉନଲୋଡ୍ କରାଯାଇଥିବା ବେଳେ ସମସ୍ତ ୧୨,୮୪,୬୧୮ଟି ଫର୍ମ ବଣ୍ଟନ କରାଯାଇଛି। ଏପର୍ଯ୍ୟନ୍ତ ୧୧,୫୨,୨୦୮ଟି ଫର୍ମ ଡିଜିଟାଇଜ୍ ହୋଇଥିବାରୁ ଜିଲ୍ଲାର ଡିଜିଟାଇଜେସନ୍ ହାର ୮୯.୬୯ ପ୍ରତିଶତରେ ପହଞ୍ଚିଛି।ବିଧାନସଭା ଭିତ୍ତିକ ତଥ୍ୟ ଅନୁଯାୟୀ, ଧାମନଗର ନିର୍ବାଚନମଣ୍ଡଳୀରେ ସର୍ବାଧିକ ୯୦.୯୭ ପ୍ରତିଶତ ଫର୍ମ ଡିଜିଟାଇଜ୍ ହୋଇଥିବାବେଳେ ବାସୁଦେବପୁରରେ ୯୦.୨୬ ପ୍ରତିଶତ, ଭଣ୍ଡାରିପୋଖରୀରେ ୯୦.୭୪ ପ୍ରତିଶତ, ଭଦ୍ରକରେ ୮୯.୩୩ ପ୍ରତିଶତ ଏବଂ ଚାନ୍ଦବାଲିରେ ୮୭.୨୩ ପ୍ରତିଶତ ଫର୍ମ ଡିଜିଟାଇଜ୍ କରାଯାଇଛି। ରିପୋର୍ଟ ଅନୁଯାୟୀ, ଜିଲ୍ଲାରେ ୧୧,୫୧,୯୮୫ଟି ଫର୍ମ ବିଏଲଓ ମାନଙ୍କ ଦ୍ୱାରା ଯାଞ୍ଚ କରାଯାଇଥିବାବେଳେ କେବଳ ୨୦୭ଟି ଫର୍ମ ମତଦାତାଙ୍କ ଦ୍ୱାରା ଦାଖଲ ହୋଇ ଯାଞ୍ଚ ଅପେକ୍ଷାରେ ରହିଛି। ଏସଆଇଆର କାର୍ଯ୍ୟକ୍ରମକୁ ଏଇଆରଓମାନଙ୍କ ତତ୍ତ୍ୱାବଧାନରେ ତ୍ୱରାନ୍ୱିତ ଭାବେ ଆଗେଇ ନିଆଯାଉଛି।

# କେସିଙ୍ଗା ଏନ୍‌ଏସିରେ ଜବରଦଖଲ ଉଚ୍ଛେଦ

## ପ୍ରଥମେ ନଗରପାଳ ଭାଙ୍ଗିଲେ ନିଜ ଘର, ୱାର୍ଡବାସୀଙ୍କ ପ୍ରଶଂସା

କେସିଙ୍ଗା,୨୪ ।୬ (ନିପ୍ର); କଳାହାଣ୍ଡି ଜିଲା କେସିଙ୍ଗା ବିଜ୍ଞାପିତ ଅଞ୍ଚଳ ପରିଷଦ ଭାବରେ ୧୯୬୫ ରେ ଗଠିତ ହୋଇଥିଲା। ବଗାଡ଼ର ୱାର୍ଡ ନ.୧ ଓ ୨ରେ ବୁଲଡୋଜର ଦ୍ୱାରା ରାସ୍ତା ଉଚ୍ଛେଦ କାର୍ଯ୍ୟକ୍ରମ ମଙ୍ଗଳବାର ଠାରୁ ଆରମ୍ଭ ହୋଇଛି। ପ୍ରଥମେ ନ୍ୟାୟ ଦୃଷ୍ଟିରୁ ଏନଏସିର ଅଧକ୍ଷ ନିଜେ ତାଙ୍କର ଘର ଭାଙ୍ଗିଦେଇ ଥିଲେ। କେସିଙ୍ଗା ଏନ୍‌ଏସି ବଗାଡ଼ର ୱାର୍ଡ ନଂ ୧ ଓ ୨ରେ ରାସ୍ତା ଉଭୟ ପାର୍ଶ୍ୱରେ ସଙ୍କୁଚିତ ହୋଇ ଥିବାରୁ ଯାନବାହାନ ଗମନାଗମନ କ୍ଷେତ୍ରରେ ଘୋର ସମସ୍ୟା ଦେଖା ଦେଉଥିଲା।ରାସ୍ତା ଉଚ୍ଛେଦ ପାଇଁ ଏନଏସି ପକ୍ଷରୁ ୮୦ଜଣଙ୍କୁ ନୋଟିସ ହୋଇଥିଲା। ଏନଏସି ପକ୍ଷରୁ ରାସ୍ତା ପ୍ରଶସ୍ତି କରଣ ପାଇଁ ମଙ୍ଗଳବାରଠାରୁ ଜବରଦାଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ



ହୋଇଛି। ନଗରପାଳ ନୃପରାଜ ଯାଦବଙ୍କ ପ୍ରତ୍ୟକ୍ଷ ଉଦ୍ୟମ ରେ ତହସିଲ ଦାରଙ୍କ ନିର୍ଦ୍ଦେଶ କ୍ରମେ ବର୍ଷେ ଆଗରୁ ଡିମାରକେଶନ ଓ ରାସ୍ତା ଚିହ୍ନଟ ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇଥିଲା। ଦୀର୍ଘ ଦିନ ଧରି ୮୦ଟି ପରିବାର ଲୋକେ କେହି ବି ଘର ଭାଙ୍ଗି ନ ଥିଲେ। କିନ୍ତୁ ନୋଟିସକୁ ଅପେକ୍ଷା ନ କରି ନିଜେ ନଗରପାଳ ନୃପରାଜ ଯାଦବ ଏବଂ ପ୍ରେମ ବନଛୋରଙ୍କ ଘର ନିଜସ୍ୱ ଇଚ୍ଛାରେ ଘର ଭାଙ୍ଗି ୱାର୍ଡ ରେ ଉଦାହରଣ ସୃଷ୍ଟି କରିଥିଲେ। ପରେ ନୋଟିସ ମିଳିବା ପରେ ସମସ୍ତ ୱାର୍ଡବାସୀଙ୍କ ନିଜ ସହମତିରେ କେତେକ ସ୍ୱଇଛାରେ ଜବରଦଖଲ ଉଚ୍ଛେଦ କରିଥିଲେ। ସରକାରୀ ବୋଲଡୋଜର ସହ ନଗରପାଳ ନୃପରାଜ ଯାଦବ, ଏନ୍ ଏ ସି କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଆଚାର୍ଯ୍ୟ, ନିର୍ବାହୀ ଯନ୍ତ୍ରୀ ନାରାୟଣ ମହାରଣାଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ରହି ଜବରଦଖଲ ଉଚ୍ଛେଦ ଅଭିଯାନରେ ସହଯୋଗ କରିଥିଲେ। ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ କେସିଙ୍ଗା ଅତିରିକ୍ତ ତହସିଲଦାର ବିବେକାନନ୍ଦ ସାମଲ ମାଜିଷ୍ଟ୍ରେଟ ଦାୟିତ୍ୱରେ ଉପସ୍ଥିତ ଥିବା ବେଳେ ଶାନ୍ତି ଶୃଙ୍ଖଳା ରୋକିବା ପାଇଁ ପୋଲିସ ମୁତୟନ ହୋଇଥିଲା। ନଗରପାଳଙ୍କ ଉଦ୍ୟମକୁ ୱାର୍ଡ ବାସୀ ପ୍ରଶଂସା କରିଥିବା ବେଳେ ଜବର ଦଖଲ ଉଚ୍ଛେଦ ପରେ ରାସ୍ତା ମଝିରେ ଥିବା ବିଦ୍ୟୁତ୍ ଖୁଣ୍ଟ , ପକ୍କା ରାସ୍ତା , ଡ୍ରେନେଜ ସିଷ୍ଟମ କିପରି ହେବ ସେହି ବିଷୟରେ ୱାର୍ଡବାସୀ ଏନ୍‌ଏସିକୁ ଦାବି କରି ଥିଲେ।

# କାର୍ଯ୍ୟରେ ଅବହେଳା ପାଇଁ ୬ ବିଏଲଓଙ୍କ ଦରମା ବନ୍ଦ ନିର୍ଦ୍ଦେଶ


କେସିଙ୍ଗା,୨୪/୬:(ନିପ୍ର)ସାରା ଦେଶରେ ଏସଆଇଆର କାର୍ଯ୍ୟକ୍ରମ କିଛି ରାଜ୍ୟରେ ସରିଯାଇଥିବା ବେଳେ ଓଡ଼ିଶାରେ ମେ ୩୦ରୁ ଆରମ୍ଭ ହୋଇ ଚଳିତ ମାସ ଜୁନ ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସରକାର ସମୟ ନିର୍ଦ୍ଧାରିତ କରିଛନ୍ତି। ଏଥି ପାଇଁ ଶିକ୍ଷକ ମାନଙ୍କୁ ବିଏଲଓ ଭାବରେ ଦାୟିତ୍ୱ ପ୍ରଦାନ କରାଯାଇଛି। ଘର ଘର ବୁଲି ଏସଆଇଆର ଫର୍ମ ପୂରଣ କରି ସଠିକ୍ ତଥ୍ୟ ଆଣିବା ସେମାନଙ୍କ କାମ।ହେଲେ କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ରେ ମଧ୍ୟ ଏସଆଇଆର କାମ ଚାଲିଥିବା ବେଳେ କିଛି ବିଏଲ ଓଙ୍କ କାମରେ ତାଙ୍କର କାର୍ଯ୍ୟ ଦକ୍ଷତା ଓ ନିମ୍ନମାନର କାର୍ଯ୍ୟ ପାଇଁ କେସିଙ୍ଗା ବିଡ଼ିଓ ବ୍ଲକର ୬ ଜଣ ବିଏଲ ଓ ଦାୟିତ୍ୱରେ ଥିବା ଶିକ୍ଷକଙ୍କ ଦରମା ବନ୍ଦ ପାଇଁ କେସିଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ଆନନ୍ଦ କୁମାର ବେହେରାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଆଧୁନିକ ରୂପ ନେବ ଭଦ୍ରକର ନେହରୁ ଷ୍ଟାଡିୟମ

ଭଦ୍ରକ,୨୪ ।୬ (ନିପ୍ର): ଭଦ୍ରକ ସ୍ଥିତ ନେହରୁ ଷ୍ଟାଡିୟମର ଉନ୍ନୟନ ଓ ଆଧୁନିକୀକରଣ କାର୍ଯ୍ୟ ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଷ୍ଟାଡିୟମର ଭୌତିକ ଦଖଲ ହିନ୍ଦୁସ୍ତାନ ଷ୍ଟିଲୱର୍କ୍ସ କନଷ୍ଟ୍ରକ୍ସନ ଲିମିଟେଡ୍ , ଓଡ଼ିଶା ଜୋନ୍‌କୁ ହସ୍ତାନ୍ତର କରାଯାଇଛିଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଦିଲୀପ ରାଉତରାଏ ଭଦ୍ରକଙ୍କ ଆଦେଶ କ୍ରମେ ଅତିରିକ୍ତ ଜିଲ୍ଲାପାଳ, ରବି ନାରାୟଣ ସାହୁଙ୍କ ଦ୍ୱାରା ଏ ସମ୍ପର୍କିତ ପତ୍ର ଜାରି କରାଯାଇଛି। ନିର୍ଦ୍ଧାରିତ ବୈଷୟିକ ମାନଦଣ୍ଡ, ଗୁଣବତ୍ତା ନିୟମାବଳୀ ଓ ପ୍ରଯୁଜ୍ୟ ଆଇନଗତ ବ୍ୟବସ୍ଥା ଅନୁଯାୟୀ ଉନ୍ନୟନ କାର୍ଯ୍ୟ ତୁରନ୍ତ ଆରମ୍ଭ କରାଯିବ। ପ୍ରକଳ୍ପ କାର୍ଯ୍ୟ ସମୟରେ ସୁରକ୍ଷା ବ୍ୟବସ୍ଥା, ବର୍ତ୍ତମାନ ଥିବା ସମ୍ପତ୍ତିର ସଂରକ୍ଷଣ, ଆବଶ୍ୟକ ବୈଧାନିକ ଅନୁମତି ଓ ନିୟମାବଳୀର ପାଳନ ସହିତ ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ ସମାପ୍ତି ପାଇଁ ଉକ୍ତ ସଂସ୍ଥା ଦାୟୀ ରହିବ। କାର୍ଯ୍ୟ ସମାପ୍ତି ପରେ ଉନ୍ନତ ଭିତ୍ତିଭୂମିକୁ ସମ୍ପୂର୍ଣ୍ଣ ବ୍ୟବହାରଯୋଗ୍ୟ ଅବସ୍ଥାରେ ଜିଲ୍ଲା ପ୍ରଶାସନଙ୍କୁ ହସ୍ତାନ୍ତର କରାଯିବ। ନେହରୁ ଷ୍ଟାଡିୟମର ଆଧୁନିକୀକରଣ ଦ୍ୱାରା ଜିଲ୍ଲାର କ୍ରୀଡ଼ା ଭିତ୍ତିଭୂମିର ଉନ୍ନତି ଘଟିବା ସହ କ୍ରୀଡ଼ାବିତ୍‌ମାନଙ୍କୁ ଉନ୍ନତ ସୁବିଧା ମିଳିବ ଏବଂ ଜିଲ୍ଲାରେ କ୍ରୀଡ଼ା କ୍ଷେତ୍ରର ବିକାଶକୁ ନୂତନ ଗତି ମିଳିବ ବୋଲି ଆଶା କରାଯାଉଛି।

# ଚମ୍ପାଗଡ଼ ପୋଖରୀକୁ ପମ୍ପ ଲଗାଇ ଶୁଖେଇବା ଉଦ୍ୟମ

ରଣପୁର,୨୪ ।୬ (ନିପ୍ର): ରଣପୁର ବ୍ଲକ ଅନ୍ତର୍ଗତ ଚମ୍ପାଗଡ ପଞ୍ଚାୟତର ଚମ୍ପାଗଡ ଗାଁରେ ଏକ ମାତ୍ର ପୋଖରୀ ରହିଅଛି । ଗ୍ରାମର ପ୍ରାୟ ୨୦୦୦ରୁ ଉର୍ଦ୍ଧ୍ୱ ଲୋକ ଗାଧୋଇବା ଓ ଚାଷ ବାସ କରିବା ପାଇଁ ଏହି ପୋଖରୀ ଉପରେ ନିର୍ଭର କରିଥାନ୍ତି । ଆଜିକୁ ପ୍ରାୟ ୩ ଦିନ ଧରି ନିଲାମଦାର ଚମ୍ପାଗଡ ଗ୍ରାମର ଭାସ୍କର ସୁନ୍ଦରାୟଙ୍କ ସମେତ କିଛି ଦୁର୍ବୃତ୍ତ ଶ୍ରେଣୀର ଲୋକ ନିଜ ସ୍ୱାର୍ଥ ହାସଲ କରିବା ପାଇଁ ଚମ୍ପାଗଡ ଗାଁ ପୋଖରୀକୁ ତିନୋଟି ପମ୍ପ ଲଗାଇ ପାଣି ସମ୍ପୂର୍ଣ୍ଣ ଶୁଖାଇ ସାରିଲେଣି । ଏ ସମ୍ପର୍କେ ଗ୍ରାମବାସୀ ଚମ୍ପାଗଡ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ରଣପୁର ବ୍ଲକ ଜିପିଇଓଙ୍କୁ ପଚାରିବାରେ ସେ ବିଷୟରେ ଆମେ ଜାଣିନାହୁଁ ବୋଲି କହିଛନ୍ତି ।ଏହି ପୋଖରୀରୁ ପାଣି ଶୁଖିଯିବା ଫଳରେ ଗ୍ରାମ ର ଅନେକ ଲୋକ ଗାଧୋଇବା ପାଇଁ ହଇରାଣ ହରକତ ହେଉଛନ୍ତି । ପୋଖରୀରେ ଥିବା କମ୍ ପାଣିରେ ଗାଧୋଇବା କାରଣରୁ ଅନେକ ଲୋକ ଚର୍ମ ରୋଗ ର ଶିକାର ହେଲେଣି ,କିନ୍ତୁ ପ୍ରଶାସନ ନିରବଦ୍ରଷ୍ଟା ସାଜିଛି । ଏହା ଉପରେ ଯଦି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ ତେବେ ଏହି ଦୂଷିତ ପାଣି ବ୍ୟବହାର କରି ଗାଁ ଲୋକେ ବିଭିନ୍ନ ରୋଗର ଶିକାର ହେବେ । ଏ ବର୍ଷ ଜୁନ୍ ମାସ ଶେଷ ହେବାକୁ ବସିଲାଣି କିନ୍ତୁ ମୋସୁମି ବର୍ଷାର ଦେଖା ନାହିଁ। ପାଣିପାଗ ବିଶେଷଜ୍ଞଙ୍କ ଆକଳନ ଅନୁଯାୟୀ ଏ ବର୍ଷ ଏଲନିନୋ ପ୍ରଭାବ ଯୋଗୁଁ ବର୍ଷା କମ୍ ହେବ ତେଣୁ ଜଳ ସଙ୍କଟ ସମୟରେ କିଭଳି ଭାବେ ପ୍ରଶାସନ ର ଅଜ୍ଞାତରେ ଚମ୍ପାଗଡ ପୋଖରୀ ପାଣିକୁ ୩ ଟି ପାଣି ପମ୍ପ ଲଗାଇ ପୋଖରୀ ଶୁଖାଯାଉଛି। ଏହି ପୋଖରୀଟିକୁ ଅମୃତ ସରୋବର, ବିଧାୟକ ଅନୁଦାନ ପାଣ୍ଠି ଓ ଅନ୍ୟ ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ କରି ପ୍ରାୟ ୩୫ ଲକ୍ଷ ଟଙ୍କା ବ୍ୟୟରେ ବିଭିନ୍ନ କାମ କରାଯାଇଥିଲା। ଏହି କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର କରାଯାଇଥିଲା, ଏଥିରେ ବ୍ୟାପକ ସରକାରୀ ଅର୍ଥ ଆତ୍ମସାତ ଓ ହଡ଼ପ କରିବା ଅଭିଯୋଗ ମଧ୍ୟ



ହୋଇଥିଲା । ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ କ୍ରମେ ଭିଜିଲାନ୍ସ ବିଭାଗ ପକ୍ଷରୁ ତଦନ୍ତ ଚାଲୁଥିବା ସମୟରେ ସେଥିରୁ ବଞ୍ଚିବା ପାଇଁ ଠିକାଦାର ପୋଖରୀରୁ ପାଣି ଶୁଖାଇବା ପାଇଁ ମସୁଧା ଚଳାଇଥିବା ଚର୍ଚ୍ଚା ହେଉଛି।

# ସରକାରଙ୍କ ଦୁଇ ବର୍ଷର ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋକପାତ

ଆସିକା,୨୪ ।୬ (ନିପ୍ର): ବିଜେପି ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଉପଲକ୍ଷେ ଆସିକା ଏନ୍.ଏ.ସି. ଅନ୍ତର୍ଗତ ତାଲୁକା କଲ୍ୟାଣ ମଣ୍ଡପ ଠାରେ ପଞ୍ଚାୟତ ସମିତିସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଜନପ୍ରତିନିଧି, ସରକାରୀ ଅଧିକାରୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଓ ହିତାଧିକାରୀମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆସିକା ବିଧାୟକ ସରୋଜ ପାଢ଼ୀ ଯୋଗଦେଇ ସରକାରଙ୍କ ଦୁଇ ବର୍ଷର ବିକାଶମୂଳକ କାର୍ଯ୍ୟ ଓ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ, ପଞ୍ଚାୟତ ସ୍ତରରେ ସୁଶାସନ ପ୍ରତିଷ୍ଠା, ସ୍ୱଚ୍ଛ ଓ ଦାୟିତ୍ୱବାନ ପ୍ରଶାସନ ଗଠନ ସହ ଗ୍ରାମାଞ୍ଚଳର ସର୍ବାଙ୍ଗୀଣ ବିକାଶ ସରକାରଙ୍କ ପ୍ରାଥମିକତା ରହିଛି। ଗ୍ରାମାଞ୍ଚଳରେ ଭିତ୍ତିଭୂମି ବିକାଶ, ମହିଳା ସଶକ୍ତିକରଣ, ଜୀବିକା ନିର୍ବାହ ଏବଂ



ଦରିଦ୍ର ଓ ଅବହେଳିତ ବର୍ଗଙ୍କ ଉନ୍ନତି ପାଇଁ ବିଭିନ୍ନ ଯୋଜନା ସଫଳତାର ସହ କାର୍ଯ୍ୟକାରୀ ହେଉଥିବା ସେ ଉଲ୍ଲେଖ କରିଥିଲେ।ଏହି ଅବସରରେ ସରକାରଙ୍କ ବିଭିନ୍ନ କଲ୍ୟାଣମୂଳକ ଯୋଜନାର ଲାଭାର୍ଥୀମାନଙ୍କୁ ସହାୟତା ଓ ପ୍ରୋତ୍ସାହନ ପ୍ରଦାନ କରାଯାଇଥିଲା। ୩୦ ଜଣ 'ଲକ୍ଷପତି ଦିଦି'ଙ୍କୁ ପ୍ରତ୍ୟେକଙ୍କ ପାଇଁ ୧ ଲକ୍ଷ ଟଙ୍କା ଲେଖାଏଁ ସରକାରୀ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା।

ସେହିପରି ୩୫ ଜଣ ଅଙ୍ଗନୱାଡ଼ି କର୍ମୀଙ୍କୁ ସ୍ମାର୍ଟ ଫୋନ ବଣ୍ଟନ କରାଯାଇଥିଲା, ଯାହା ମାଧ୍ୟମରେ ସେମାନେ ସରକାରୀ ସେବା ଓ ତଥ୍ୟ ପରିଚାଳନା କାର୍ଯ୍ୟକୁ ଅଧିକ ସୁବିଧାଜନକ ଭାବେ କରିପାରିବେ। ଅନ୍ତ୍ୟୋଦୟ ଯୋଜନାରେ ୩୬ ଜଣ ହିତାଧିକାରୀଙ୍କୁ ୱାର୍କ ଅର୍ଡର ପ୍ରଦାନ କରାଯାଇଥିବା ବେଳେ, ୩୬ ଜଣ ଗ୍ରାମକଣ୍ଟକ ହିତାଧିକାରୀଙ୍କୁ ଘରବାରି ପଟ୍ଟା ବଣ୍ଟନ କରାଯାଇଥିଲା। ଏହା ସହିତ ୩,୭୬୦ ଜଣ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ ସାମିଲ କରାଯାଇ ସେମାନଙ୍କୁ ଖାଦ୍ୟ ସୁରକ୍ଷା ବ୍ୟବସ୍ଥାର ଲାଭ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଆସିକା ଭାରପ୍ରାପ୍ତ ବିଡିଓ ରାଜେନ୍ଦ୍ର ପ୍ରସାଦ ନାୟକ, ଏବିଡିଓ ସୁଶାନ୍ତ କୁମାର ବେହେରା, ଅତିରିକ୍ତ ତହସିଲଦାର ଅମରେଶ ସାବତ, ସିଡିପିଓ ଶାନ୍ତି କର ସୁଧା ପଟ୍ଟନାୟକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହିଥିଲେ। ସେମାନେ ସରକାରଙ୍କ ଯୋଜନାଗୁଡ଼ିକର ସଫଳ ରୂପାୟନ ଓ ଜନସାଧାରଣଙ୍କ ପାଖରେ ସେବା ପହଞ୍ଚାଇବା ପାଇଁ ବିଭାଗର ପଦକ୍ଷେପ ସମ୍ପର୍କରେ ମତ ରଖିଥିଲେ। ସମ୍ମିଳନୀରେ ଉପସ୍ଥିତ ଲୋକମାନଙ୍କୁ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା, ସେଗୁଡ଼ିକର ସୁବିଧା ଓ ଆବେଦନ ପ୍ରକ୍ରିୟା ସମ୍ପର୍କରେ ଅବଗତ କରାଯାଇଥିଲା।

# ଏଡସ୍ ସଚେତନତା କାର୍ଯ୍ୟକ୍ରମ

ରମ୍ଭା,୨୪ ।୬ (ନିପ୍ର): ସ୍ଥାନୀୟ ଗୋପାଳକୃଷ୍ଣ ବିଜ୍ଞାନ ମହାବିଦ୍ୟାଳୟ, ସୁବଳୟା ପରିସରେ ଯୁବ ରେଡ୍ କ୍ରସ୍ ୟୁନିଟ୍ ଓ କଲେଜ କର୍ତ୍ତୃପକ୍ଷଙ୍କ ମିଳିତ ସହଯୋଗରେ ଏଡସ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷ ଡ. ସି.ଏଚ୍. ସୁଧାକର ସଭାପତିତ୍ୱ କରି ଏଡସ୍ ଭଳି ମାରାତ୍ମକ ରୋଗରୁ ଛାତ୍ରଛାତ୍ରୀମାନେ ନିଜକୁ କିପରି ସୁରକ୍ଷିତ ରଖିପାରିବେ ସେନେଇ ମତ ପ୍ରକାଶ କରିଥିଲେ। ସଚେତନତା ହିଁ ଏଡସ୍ ରୁ ବଞ୍ଚିବାର ପ୍ରଥମ ଔଷଧ ଏବଂ ଛାତ୍ରଛାତ୍ରୀମାନେ ନିଜେ ସୁରକ୍ଷିତ ରହିବା ସହ ଘରେ ଓ ସମାଜରେ ଏହାର ସଠିକ୍ ସୂଚନା ପ୍ରଦାନ କରିବା ଉଚିତ୍‌ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଯୁବ ରେଡ୍ କ୍ରସର ଜିଲ୍ଲା ସଂଯୋଜକ ଡ. ଜଗଦୀଶ ଚନ୍ଦ୍ର ପାଳ ଯୋଗ ଦେଇ ଏଡସ୍ ରୋଗର କାରଣ, ଲକ୍ଷଣ, ବ୍ୟାପିବାର ମାଧ୍ୟମ ଓ ପ୍ରତିରୋଧ ଉପାୟ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ।

# ଯାଜପୁର ମେଡିକାଲ କଲେଜ ଅତ୍ୟାଧୁନିକ ସ୍ୱାସ୍ଥ୍ୟ ସୁବିଧା ଉଦ୍‌ଘାଟନ କଲେ ଜିଲ୍ଲାପାଳ

- ଇକୋ, ମାମୋଗ୍ରାଫି, ଶଲ୍ୟ ଚିକିତ୍ସା ବହିଃର୍ବିଭାଗ, ଏଣ୍ଡୋସ୍କୋପି ଏବଂ ଅର୍ଥୋପେଡିକ ଅସ୍ତ୍ରୋପଚାର ଗୃହ କାର୍ଯ୍ୟକ୍ଷମ
- ଜଟିଳ ଅସ୍ତ୍ରୋପଚାର ଏବଂ ହୃଦ୍‌ରୋଗ ପରୀକ୍ଷା ପାଇଁ ଏଣିକି ରୋଗୀଙ୍କୁ ବାହାରକୁ ଯିବାକୁ ପଡ଼ିବ ନାହିଁ
- ସ୍ତନ କର୍କଟର ପ୍ରାଥମିକ ଚିହ୍ନଟ ଓ ନିଦାନ ପାଇଁ ମାମୋଗ୍ରାଫି ୟୁନିଟ୍ ସ୍ଥାପିତ

ଯାଜପୁର,୨୪ ।୬ (ନିପ୍ର): ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଯାଜପୁର ଜିଲ୍ଲାକୁ ମିଳିଛି ନୂତନ ତଥା ଅତ୍ୟାଧୁନିକ ସୁବିଧା। ମହାରାଜା ଯଯାତି କେଶରୀ ମେଡିକାଲ କଲେଜ ଏବଂ ହସ୍ପିଟାଲ, ଯାଜପୁରଠାରେ ଏକାଧିକ ନୂତନ ଚିକିତ୍ସା ସେବା ଆରମ୍ଭ କରାଯାଇଛି। ଏହି ଅବସରରେ ଜିଲ୍ଲାପାଳ ଅମ୍ବର କୁମାର କର ମୁଖ୍ୟ ଅତିଥି ଭାବେ ଯୋଗଦେଇ ନୂତନ ଭାବେ ପ୍ରତିଷ୍ଠିତ ଇକୋ, ମାମୋଗ୍ରାଫି, ଶଲ୍ୟ ଚିକିତ୍ସା ବହିଃର୍ବିଭାଗ, ଏଣ୍ଡୋସ୍କୋପି ଏବଂ ସମସ୍ତ ସୁବିଧା ସମ୍ପନ୍ନ ଅର୍ଥୋପେଡିକ୍ ଅସ୍ତ୍ରୋପଚାର ଗୃହର ଉଦଘାଟନ କରିଛନ୍ତି। ମାମୋଗ୍ରାଫି ୟୁନିଟରେ ପ୍ରସିଦ୍ଧ 'ଫୁଜିଫିଲ୍ମ' ବ୍ରାଣ୍ଡର ଅତ୍ୟାଧୁନିକ ମେସିନ ସ୍ଥାପନ କରାଯାଇଛି, ଯାହା ମହିଳାମାନଙ୍କ ସ୍ତନ କର୍କଟର ପ୍ରାଥମିକ ଚିହ୍ନଟ ଓ ନିଦାନରେ ସହାୟକ ହେବ। ଇକୋକାର୍ଡିଓଗ୍ରାଫି ୟୁନିଟରେ ହୃଦରୋଗର ସଠିକ୍ ପରୀକ୍ଷା ପାଇଁ 'ଜିଇ ହେଲଥକେୟାର' ବ୍ରାଣ୍ଡର ଇକୋ ମେସିନ୍ କାର୍ଯ୍ୟକ୍ଷମ ହୋଇଛି। ପେଟ ଓ ଗ୍ୟାଷ୍ଟ୍ରିକ ସମ୍ବନ୍ଧୀୟ ସମସ୍ୟାର ଚିକିତ୍ସା ତଥା ପରୀକ୍ଷା ପାଇଁ ଫୁଜିଫିଲ୍ମ ବ୍ରାଣ୍ଡର ଏଣ୍ଡୋସ୍କୋପି ୟୁନିଟ୍ ଆରମ୍ଭ କରାଯାଇଛି। ଅସ୍ତ୍ରୋପଚାର ଆବଶ୍ୟକ କରୁଥିବା ରୋଗୀଙ୍କ ପାଇଁ ସ୍ୱତନ୍ତ୍ର ସର୍ଜରୀ ବହିଃ ବିଭାଗ କାର୍ଯ୍ୟକ୍ଷମ ହୋଇଛି। ଏହାସହ ହାଡ଼ ଓ ଗଣ୍ଠି ଜନିତ ଜଟିଳ ଅସ୍ତ୍ରୋପଚାର ପାଇଁ ଏକ ସମ୍ପୂର୍ଣ୍ଣ ଭାବେ ସ୍ୱତନ୍ତ୍ର ଅପରେସନ ଥିଏଟର ଉଦଘାଟନ କରାଯାଇଛି। ଏହି




ସମସ୍ତ ସୁବିଧା ଉପଲବ୍ଧ ହେବା ଦ୍ୱାରା ଯାଜପୁର ଏବଂ ଏହାର ଆଖପାଖ ଅଞ୍ଚଳର ରୋଗୀମାନେ ବିଶେଷ ଭାବେ ଉପକୃତ ହେବେ। ଜଟିଳ ଅସ୍ତ୍ରୋପଚାର ଏବଂ ହୃଦରୋଗ ସମ୍ପର୍କିତ ପରୀକ୍ଷା ପାଇଁ ଏଣିକି ରୋଗୀଙ୍କୁ ବାହାରକୁ ଯିବାକୁ ପଡ଼ିବ ନାହିଁ। ମହାରାଜା ଯଯାତି କେଶରୀ ଭେଷଜ ମହାବିଦ୍ୟାଳୟ ଓ ହସ୍ପିଟାଲରେ ଏହି ସେବାଗୁଡ଼ିକର ଶୁଭାରମ୍ଭ ଜିଲ୍ଲାରେ ସ୍ୱାସ୍ଥ୍ୟ ସେବାର ଗୁଣବତ୍ତା କ୍ଷେତ୍ରରେ ଏକ ମାଇଲଖୁଣ୍ଟ ସଦୃଶ ହୋଇଛି। ଏହା ଆଗାମୀ ଦିନରେ ସ୍ଥାନୀୟ ଜନସାଧାରଣଙ୍କୁ ଉନ୍ନତ ରୋଗ ନିଦାନ ଓ ଚିକିତ୍ସା ପ୍ରଦାନ କରିବାରେ ବେଶ ସହାୟକ ହେବ । ଉଦଘାଟନ ପରେ ଜିଲ୍ଲାପାଳ ଶ୍ରୀ କର ନୂତନ ଭାବେ ସ୍ଥାପିତ ଏହି ସମସ୍ତ ଚିକିତ୍ସା ୟୁନିଟଗୁଡ଼ିକ ନିରୀକ୍ଷଣ କରିଥିଲେ। ଜିଲ୍ଲାରେ ସ୍ୱାସ୍ଥ୍ୟ ସେବାକୁ ସୁଦୃଢ଼ କରିବା ପାଇଁ ନିଆଯାଇଥିବା ଏହି ପଦକ୍ଷେପ ଏବଂ ମେଡିକାଲ ଟିମର ପ୍ରୟାସକୁ ସେ ପ୍ରଶଂସା କରିଛନ୍ତି। ଏହାସହ ସମସ୍ତ ସ୍ୱାସ୍ଥ୍ୟ ସୁବିଧା ନିୟମିତ ଭାବେ ଖୋଲା ରହିବା, ସୂଚାରୁ ରୂପେ ପରିଚାଳିତ ହେବା ଏବଂ ରୋଗୀମାନଙ୍କୁ ଗୁଣାତ୍ମକ ସେବା ପ୍ରଦାନ ସୁନିଶ୍ଚିତ କରିବା ପାଇଁ ସମ୍ପୃକ୍ତ ଅଧିକାରୀ ଓ ଚିକିତ୍ସକମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଉଦଘାଟନୀ ସମାରୋହରେ ଜିଲ୍ଲାପାଳଙ୍କ ସମେତ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ବିଜୟ କୁମାର ମିଶ୍ର, ମେଡିକାଲ କଲେଜର ଅଧୀକ୍ଷକ ପ୍ରଫେସର ଡ. ଜାମି ସାଗର ପୃଷ୍ଟି, ପ୍ରଫେସର ଡ. ମନୋରମା ସ୍ୱାଇଁ, ମେଡିକାଲ କଲେଜର ପ୍ରଶାସନିକ ଅଧିକାରୀ ଶୈଳସେବା ମୁଦୁଲି, ଅର୍ଥୋପେଡିକ ବିଭାଗ ପ୍ରଫେସର ଡ. ଅତନୁ ମହାନ୍ତି, ସର୍ଜରୀ ବିଭାଗ ପ୍ରଫେସର ଡ. ବିପିନ କୁମାର ବର, ବିଭିନ୍ନ ବିଭାଗର ବିଭାଗୀୟ ମୁଖ୍ୟ ଏବଂ ମେଡିକାଲ କଲେଜର କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ସମସ୍ତ ଅତ୍ୟାଧୁନିକ ବିଭାଗ ଓ ସେବାଗୁଡ଼ିକ କାର୍ଯ୍ୟକ୍ଷମ ହେବା ଫଳରେ ରୋଗୀମାନଙ୍କର ଜଟିଳ ରୋଗ ନିର୍ଣ୍ଣୟ ପ୍ରକ୍ରିୟା ଅଧିକ ସହଜ, ଶୀଘ୍ର ଓ ସଠିକ୍ ହୋଇପାରିବ। ସ୍ୱାସ୍ଥ୍ୟ ଭିତ୍ତିଭୂମିର ସୁଦୃଢ଼ୀକରଣ ଜିଲ୍ଲାର ଚିକିତ୍ସା ବ୍ୟବସ୍ଥାକୁ ଏକ ନୂଆ ଶିଖରକୁ ନେବା ସହ ସରକାରୀ ସ୍ୱାସ୍ଥ୍ୟସେବା ପ୍ରତି ଜନସାଧାରଣଙ୍କ ବିଶ୍ୱାସକୁ ଆହୁରି ମଜଭୁତ କରିବ।

## ଶ୍ରୀରାମଙ୍କ ଛବିକୁ ଅନାଦର

### କାର୍ଯ୍ୟାନୁଷ୍ଠାନ ପାଇଁ ଭାରତର ଆହ୍ୱାନ



ନୂଆଦିଲ୍ଲୀ, ୨୪/୬: ବାଂଲାଦେଶରେ ପ୍ରଭୁ ଶ୍ରୀରାମଙ୍କ ଏକ ଛବିକୁ ଅନାଦର କରାଯାଇଥିବା ଅଭିଯୋଗକୁ ନେଇ ସୃଷ୍ଟି ହୋଇଥିବା ବିବାଦ ଏବେ ଭାରତ-ବାଂଲାଦେଶ ସମ୍ପର୍କକୁ ପ୍ରଭାବିତ କରିଛି। ଏହି ଘଟଣା ପରେ ବାଂଲାଦେଶର ବିଭିନ୍ନ ସ୍ଥାନରେ ହିନ୍ଦୁ ସମ୍ପ୍ରଦାୟର ଲୋକମାନେ ପ୍ରତିବାଦ କରିଥିବା ବେଳେ ଭାରତ ସରକାର ଢାକାକୁ ଚରମପନ୍ଥୀ ଶକ୍ତିଗୁଡ଼ିକ ବିରୋଧରେ କଠୋର ପଦକ୍ଷେପ ନେବା ଏବଂ ସଂଖ୍ୟାଲଘୁ ହିନ୍ଦୁଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ କହିଛନ୍ତି। ଘଟଣାଟି ବାଂଲାଦେଶର ଉତ୍ତରାଞ୍ଚଳର ଗାଇବାନ୍ଧା ଜିଲ୍ଲାରେ ଘଟିଥିବା କୁହାଯାଉଛି। ସେଠାରେ ପ୍ରସ୍ତାବିତ ୮୧ ଫୁଟ ଉଚ୍ଚ ଶ୍ରୀରାମଙ୍କ ପ୍ରତିମୂର୍ତ୍ତି ନିର୍ମାଣକୁ ବିରୋଧ କରି କିଛି ଇସଲାମପନ୍ଥୀ ସଂଗଠନ ପ୍ରଦର୍ଶନ କରୁଥିଲେ। ଏହି ପ୍ରଦର୍ଶନ ସମୟରେ ଶ୍ରୀରାମଙ୍କ ଛବିକୁ ଅବମାନନା କରାଯାଇଥିବା ଅଭିଯୋଗ ଉଠିଥିଲା। ଏହା ପରେ ବାଂଲାଦେଶର ହିନ୍ଦୁ ସମାଜ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ଏହି ଘଟଣାର ପ୍ରତିବାଦରେ ଢାକା ସମେତ ଦେଶର ବିଭିନ୍ନ ସ୍ଥାନରେ ମଶାଲ ଶୋଭାଯାତ୍ରା, ବିକ୍ଷୋଭ ଓ ସଭା ଆୟୋଜିତ ହୋଇଥିଲା। ହିନ୍ଦୁ ସଂଗଠନଗୁଡ଼ିକ ଦୋଷୀମାନଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ଏବଂ ଧାର୍ମିକ ଅଳ୍ପସଂଖ୍ୟକଙ୍କ ପାଇଁ ଅଧିକ ସୁରକ୍ଷା ଦାବି କରିଛନ୍ତି। ଅନେକ ସ୍ଥାନରେ ହଜାର ହଜାର ଲୋକ ରାସ୍ତାକୁ ଓହ୍ଲାଇ ନିଜର କ୍ଷୋଭ ପ୍ରକାଶ କରିଥିଲେ। ଏହି ପ୍ରସଙ୍ଗରେ ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି ଯେ ବାଂଲାଦେଶରେ ହିନ୍ଦୁ ଦେବଦେବୀ ଓ ସେମାନଙ୍କ ଛବି ପ୍ରତି ଅନାଦର ଖବର ଭାରତ ସରକାରଙ୍କ ଦୃଷ୍ଟିକୁ ଆସିଛି। ବାଂଲାଦେଶ ସରକାର ଚରମପନ୍ଥୀ ଗୋଷ୍ଠୀଗୁଡ଼ିକୁ ନିୟନ୍ତ୍ରଣ କରିବା ସହ ସଂଖ୍ୟାଲଘୁ ସମୁଦାୟର ସୁରକ୍ଷା ନିଶ୍ଚିତ କରିବେ ବୋଲି ଭାରତ ଆଶା କରୁଛି।

## ପାକିସ୍ତାନ ବାୟୁସୀମରେ ଭୁଲ୍‌ରେ ଏୟାର ଇଣ୍ଡିଆ ବିମାନ



ନୂଆଦିଲ୍ଲୀ, ୨୪/୬: ଏୟାର ଇଣ୍ଡିଆର ଏକ ବିମାନ ଭୁଲ୍ ବସତଃ ପାକିସ୍ତାନ ବାୟୁସୀମାରେ ପଶିବା ସହ କିଛି ସମୟ ପାକ୍ ବାୟୁସୀମାରେ ରହିଥିଲା। ଦିଲ୍ଲୀରୁ ଅମୃତସରକକୁ ଉଡ଼ାଣ କରୁଥିବା ଏକ ଏୟାର ଇଣ୍ଡିଆ ବିମାନ ଅମୃତସର ବିମାନବନ୍ଦରରେ ଅବତରଣ କରିବା ପୂର୍ବରୁ ଚକ୍କର କାଟୁଥିବାବେଳେ ଭୁଲ୍‌ରେ କିଛି ସମୟ ପାଇଁ ପାକ୍ ବାୟୁସୀମା ଭିତରକୁ ପଶିଯାଇଥିବା ବିମାନ ସଂସ୍ଥା ପକ୍ଷରୁ କୁହାଯାଇଛି। କର୍ତ୍ତୃପକ୍ଷଙ୍କୁ ଏନେଇ ଅବଗତ କରାଯାଇଛି ଏବଂ ଉକ୍ତ ଘଟଣାର ତଦନ୍ତ ଆରମ୍ଭ ହୋଇଛି ବୋଲି ବିମାନ ସଂସ୍ଥା ପକ୍ଷରୁ କୁହାଯାଇଛି। ଜୁନ୍ ୨୨ ତାରିଖରେ ଏହି ଘଟଣା ଘଟିଥିଲା। ଏଆଇ୪୭୯ ବିମାନର ଦିଲ୍ଲୀରୁ ଅମୃତସରକୁ ଉଡ଼ାଣ କରିବା ସମୟରେ ପାଇଲଟ ପ୍ରଥମେ ବିମାନଟିକୁ ଅମୃତସର ବିମାନବନ୍ଦରରେ ଉଡ଼ାଇ ଚକ୍କର କାଟିବା ସମୟରେ ଏହା ପାକ୍ ବାୟୁସୀମାର ଅଳ୍ପକିଛି ବାଟ ପର୍ଯ୍ୟନ୍ତ ପଳାଇଥିଲା। ଉକ୍ତ ଘଟଣାରେ ଅଧିକ ତଦନ୍ତ ଜାରି ରହିଛି। ପ୍ରାଥମିକ ସୂଚନାରୁ ଜଣାପଡ଼ିଛି ଯେ ବିମାନଟି ଏଟିସି ( ଏୟାର ଟ୍ରାଫିକ କଣ୍ଟ୍ରୋଲ୍)ର ନିର୍ଦ୍ଦେଶକୁ ଠିକ୍ ଭାବେ ଗ୍ରହଣ କରିପାରିନଥିବାରୁ ଏହା ଭୁଲ୍ ବଶତଃ ଅନ୍ତର୍ଜାତୀୟ ବାୟୁସୀମାକୁ ପଶି ଯାଇଥିଲା।

## ଖେମିନିଙ୍କ ଅନ୍ତିମ ସଂସ୍କାରରେ ଯୋଗ ଦେବାକୁ ମୋଦୀଙ୍କୁ ଇରାନ ରାଷ୍ଟ୍ରପତିଙ୍କ ନିମନ୍ତ୍ରଣ



ନୂଆଦିଲ୍ଲୀ, ୨୪/୬: ଇରାନର ପୂର୍ବତନ ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲ୍ଲି ଖେମିନିଙ୍କର ଫେବ୍ରୁଆରି ୨୮ରେ ଆମେରିକା ଓ ଇସ୍ରାଏଲ ଆକ୍ରମଣରେ ମୃତ୍ୟୁ ହୋଇଥିଲା। ୩୬ ବର୍ଷ ଧରି ଇରାନର ସର୍ବୋଚ୍ଚ ନେତା ଥିବା ଖେମିନିଙ୍କ ମୃତ୍ୟୁକୁ ପାଖାପାଖି ଚାରି ମାସ ହୋଇଯାଇଥିବାବେଳେ ଇରାନ ତାଙ୍କ ଅନ୍ତିମ ସଂସ୍କାର କରିନଥିଲା। ତେବେ ଇରାନ ପକ୍ଷରୁ ଖେମିନିଙ୍କ ଅନ୍ତିମ ସଂସ୍କାର ଅତି ଭବ୍ୟ ଭାବରେ ଜୁଲାଇ ୪ ତାରିଖରୁ ଜୁଲାଇ ୯ ତାରିଖ ପର୍ଯ୍ୟନ୍ତ ଉତ୍ତର-ପୂର୍ବ ଇରାନର ପବିତ୍ର ସହର ମସହଦରେ ସମ୍ପନ୍ନ କରାଯିବ। ମସହଦ ଖେମିନିଙ୍କ ଜନ୍ମସ୍ଥାନ ମଧ୍ୟ ଥିଲା। ଇରାନ ରାଷ୍ଟ୍ରପତି ମସୁଦ ପେଜେସ୍କିଆନ୍ ଏହି ରାଜକୀୟ ଅନ୍ତିମ ସଂସ୍କାର କାର୍ଯ୍ୟକ୍ରମରେ ଯୋଗ ଦେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ନିମନ୍ତ୍ରଣ କରିଛନ୍ତି। ବିଶ୍ୱର ବହୁ ବଡ଼ ବଡ଼ ବ୍ୟକ୍ତିଙ୍କୁ ଖେମିନିଙ୍କ ଏହି ଶେଷଯାତ୍ରାରେ ସାମିଲ ହେବାକୁ ଇରାନ ନିମନ୍ତ୍ରଣ କରିଛି। ତେବେ ଭାରତ ପକ୍ଷରୁ କିଏ ଏହି ଉତ୍ସବରେ ଯୋଗଦେବ ତାହା ଏବେ ସ୍ପଷ୍ଟ ହୋଇନାହିଁ। ଖେମିନିଙ୍କ ମୃତ୍ୟୁ ପରେ ଭାରତର ବିଦେଶ ସଚିବ ବିକ୍ରମ ମିଶ୍ରି ନୂଆଦିଲ୍ଲୀ ସ୍ଥିତ ଇରାନ ଦୂତାବାସକୁ ଯାଇ ସରକାରଙ୍କ ପକ୍ଷରୁ ଶୋକ ପୁସ୍ତିକାରେ ହସ୍ତାକ୍ଷର କରିଥିଲେ।

## ଇରାନକୁ ଅନାବଶ୍ୟକ ଯାତ୍ରା ଏଡାନ୍ତୁ: ଭାରତୀୟ ଦୂତାବାସ

ତେହେରାନ, ୨୪/୬: ଆମେରିକା ଏବଂ ଇରାନ ମଧ୍ୟରେ ଉତ୍ତେଜନା ହ୍ରାସ କରିବା ପାଇଁ କୂଟନୈତିକ ପ୍ରୟାସ ମଧ୍ୟରେ, ତେହେରାନରେ ଥିବା ଭାରତୀୟ ଦୂତାବାସ ଭାରତୀୟମାନଙ୍କ ପାଇଁ ଏକ ନୂତନ ପରାମର୍ଶ ଜାରି କରିଛି। ବୁଧବାର ଜାରି ହୋଇଥିବା ପରାମର୍ଶରେ, ଦୂତାବାସ ସମସ୍ତ ଭାରତୀୟଙ୍କୁ ଇରାନକୁ ଅନାବଶ୍ୟକ ଯାତ୍ରା ଏଡାଇବାକୁ ଅନୁରୋଧ କରିଛି। ଦୂତାବାସ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ ରେ ପରାମର୍ଶ ସେୟାର କରିଛି। ଏଥିରେ କୁହାଯାଇଛି ଯେ, ଦୂତାବାସ ତେହେରାନର ବର୍ତ୍ତମାନର ସୁରକ୍ଷା ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛି। ଏହା ମଧ୍ୟ କୁହାଯାଇଛି, ଭାରତୀୟମାନେ ସମ୍ପୂର୍ଣ୍ଣ ଆବଶ୍ୟକ ନହେଲେ ଏହି ଇସଲାମିକ ଦେଶକୁ ଯାତ୍ରା କରିବା ଏଡାଇବା ଉଚିତ୍। ସ୍ଥିତିରେ ସାମ୍ପ୍ରତିକ ଉନ୍ନତି ସତ୍ତ୍ୱେ, ପରବର୍ତ୍ତୀ ସୂଚନା ପର୍ଯ୍ୟନ୍ତ ଭାରତୀୟ ନାଗରିକମାନଙ୍କୁ ଇରାନକୁ ସମସ୍ତ ଅନାବଶ୍ୟକ ଯାତ୍ରା ଏଡାଇବାକୁ ପରାମର୍ଶ ଦିଆଯାଇଛି।ଦୂତାବାସ ଇରାନରେ ପୂର୍ବରୁ ଥିବା ଭାରତୀୟ ନାଗରିକମାନଙ୍କୁ କିମ୍ବା ଅତ୍ୟାବଶ୍ୟକୀୟ କାମ ପାଇଁ ଯାତ୍ରା କରୁଥିବା ଲୋକଙ୍କୁ ସର୍ବାଧିକ ସତର୍କତା ଏବଂ ପରିସ୍ଥିତି ବିଷୟରେ ଅବଗତ ରହିବାକୁ ଅନୁରୋଧ କରିଛି।

## କୋଲକାତା ତାରାତାଲା ଅଞ୍ଚଳରେ ବଡ ଅଘଟଣ; ୬ ଶ୍ରମିକ ମୃତ



କୋଲକାତା, ୨୪/୬: କୋଲକାତା ତାରାତାଲା ଅଞ୍ଚଳରେ ବଡ ଅଘଟଣ। ବୁଧବାର ଏକ ନିର୍ମାଣାଧୀନ ତିନି ମହଲା ଗୋଦାମ ଘର ଭୁଶୁଡ଼ି ପଡ଼ିବାରୁ ୬ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିବା ସହ ୪୦ରୁ ଅଧିକ ଲୋକ ଫସିଥିବା ଆଶଙ୍କା କରାଯାଉଛି। ଏନ୍‌ଡିଆରଏଫ, ଏସ୍‌ଡିଆରଏଫ, ପୁଲିସ୍ ଓ ଅଗ୍ନିଶମ ବାହିନୀ ସହିତ ସେନାର ଯବାନମାନଙ୍କୁ ଉଦ୍ଧାର କାର୍ଯ୍ୟରେ ନିୟୋଜିତ କରାଯାଇଛି। ଉଦ୍ଧାର ହୋଇଥିବା ୨୧ ଜଣ ଶ୍ରମିକଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ଗୁରୁତର ରହିଛି। ସମସ୍ତଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପ୍ରଥମ ମହଲା ଛାତ ନିର୍ମାଣ କାମ ଚାଲୁଥିବା ବେଳେ ହଠାତ୍ ଲୁହା ରେଲିଂ ଗଳିପଡିଥିଲା । ଏହି ଘଟଣାରେ ମୃତକଙ୍କ ସଂଖ୍ୟା ବଢିପାରେ । ନିର୍ମାଣାଧୀନ ତିନି ମହଲା ଗୋଦାମ ଘରେ ପ୍ରକୃତରେ କେତେ ଜଣ ଶ୍ରମିକ କାମ କରୁଥିଲେ, ତାହା ସ୍ପଷ୍ଟ ହୋଇପାରିନାହିଁ। ପ୍ରଶାସନ ପକ୍ଷରୁ ଏ ବିଷୟରେ ଜାଣିବା ପାଇଁ ପ୍ରୟାସ ଚାଲିଛି। କାମ ଚାଲିଥିବା ବେଳେ ବଡ଼ ବଡ ଲୁହା ବିମ୍ ଓ କଂକ୍ରିଟ୍ ସ୍ଲାବ୍‌ଗୁଡ଼ିକ ଭୁଶୁଡ଼ି ପଡ଼ିଥିଲା। ଫଳରେ ଶ୍ରମିକମାନେ ତା' ତଳେ ଚାପି ହୋଇଯାଇଥିଲେ। ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ କହିଛନ୍ତି, ଏହି ଘଟଣା ପରେ କୋଲକାତା ମହାନଗର ନିଗମ ମୋତେ ଗୋଟିଏ ପ୍ରାଥମିକ ରିପୋର୍ଟ ଦେଇଛନ୍ତି। ସେହି ରିପୋର୍ଟ ଅନୁସାରେ ଚଳିତ ବର୍ଷ ଏହି ଗୋଦାମ ଘର ନିର୍ମାଣ ପାଇଁ ଅନୁମତି ଦିଆଯାଇଥିଲା।

### କେତନ ଅଗ୍ରୱାଲ ହତ୍ୟା ମାମଲାରେ ମୋଡ଼

## ସିଆ ଜ୍ୟାକେଟ ପିନ୍ଧିଥିବା ବ୍ୟକ୍ତିଙ୍କୁ ଦେଉଥିଲେ ସଙ୍କେତ !

ପୁଣେ, ୨୪।୬: ଇନ୍ଦୋରର ସୋନମ ରଘୁବଂଶୀଙ୍କ ଦ୍ୱାରା ରାଜା ରଘୁବଂଶୀଙ୍କ ହତ୍ୟା ମାମଲାକୁ ଲୋକେ ଏ ପର୍ଯ୍ୟନ୍ତ ପାସୋରି ନଥିବା ଏବେ ମହାରାଷ୍ଟ୍ରର ପୁଣେ ଜିଲ୍ଲାରୁ ସେହିଭଳି ଚାଞ୍ଚଲ୍ୟକର ମାମଲା ଖୁବ ଚର୍ଚ୍ଚା ସୃଷ୍ଟି କରିଛି। ଦୁଇଟି ମାମଲାରେ ପାର୍ଥକ୍ୟ ଏତିକି ଯେ, ସୋନମ ବିବାହ ପରେ ନିଜ ସ୍ୱାମୀଙ୍କୁ ମାରିଥିଲେ, କିନ୍ତୁ ପୁଣେ ମାମଲାରେ ବିବାହ ପୂର୍ବରୁ ଭାବି ସ୍ୱାମୀଙ୍କୁ ଜୀବନରୁ ମାରି ଦିଆଯାଇଛି । ପ୍ରାରମ୍ଭରେ ଜଣାପଡ଼ିଥିଲା ଯେ, ପୁଣେର ଜଣେ ପ୍ରତିଷ୍ଠିତ ବ୍ୟବସାୟୀ ପରିବାରର ୨୬ ବର୍ଷୀୟ ପୁଅ କେତନ ଅଗ୍ରୱାଲଙ୍କର ଲୋହଗଡ଼ ଦୁର୍ଗରେ ଟ୍ରେକିଂ କରିବା ସମୟରେ ଖସିପଡ଼ି ମୃତ୍ୟୁ ହୋଇଛି । ପ୍ରଥମେ ଏହା ଏକ ଦୁଃଖଦ



ଦୁର୍ଘଟଣା ପରି ମନେହେଉଥିଲା, କିନ୍ତୁ ପୁଲିସର ତଦନ୍ତ ଯେତିକି ଆଗକୁ ବଢ଼ିଲା, କାହାଣୀ ସେତିକି ବଦଳିବାକୁ ଲାଗିଲା । ଏହି ମାମଲାରେ ସାମ୍ନାକୁ ଆସିଛି ଯେ, କେତନଙ୍କ ଭାବି ପତ୍ନୀ ସିଆ ଗୋୟଲ ନିଜ ପ୍ରେମିକ ସହ ମିଶି ଏହି ହତ୍ୟାକାଣ୍ଡର ଷଡ଼ଯନ୍ତ୍ର ରଚିଥିଲେ । ଏକ ସୂତ୍ରରୁ ପ୍ରକାଶ ଯେ ତଦନ୍ତର ଜଣେ ଅଂଶବିଶେଷ ଥିବା ପୋଲିସ ଅଧିକାରୀ କହିଛନ୍ତି ଯେ ଜୁନ୍ ୧୮ ତାରିଖରେ ପୁଣେ ନିକଟସ୍ଥ ଲୋହାଗଡ ଦୁର୍ଗରେ ୨୫ ବର୍ଷୀୟ କେତନଙ୍କ ମୃତ୍ୟୁରେ କୌଣସି ତ୍ରୁଟି ଅଛି କି ନାହିଁ ବୋଲି ତାଙ୍କ ପରିବାରକୁ ପଚରାଯାଇଥିଲା। ପରିବାର ୨୦ ବର୍ଷୀୟ ସିଆଙ୍କୁ ପକ୍ଷଭୁକ୍ତ କରିଥିଲେ ଏବଂ ପୋଲିସକୁ କହିଥିଲେ ଯେ ସେମାନେ ଅନାବଶ୍ୟକ ବିବାଦ ଚାହାଁନ୍ତି ନାହିଁ। 'କିନ୍ତୁ ଏକ ପ୍ରକ୍ରିୟା ଭାବରେ, କ୍ରମକୁ ଏକତ୍ର କରିବା ପାଇଁ କିଛି ମୌଳିକ ତଦନ୍ତ କରିବାକୁ ପଡିବ,' ଅଧିକାରୀ କହିଛନ୍ତି।ତଦନ୍ତ ଆଗକୁ ବଢ଼ିବା ସହିତ, ପୋଲିସ ସ୍ପଷ୍ଟ ଭାବରେ ସୂଚିତ କରୁଥିବା ସୁରାକ ପାଇଲା ଯେ ସିଆ ଏବଂ ତାଙ୍କ ପ୍ରେମିକ ଚେତନ ଚୌଧୁରୀ କିପରି କେତନଙ୍କ ହତ୍ୟାର ଷଡଯନ୍ତ୍ର ଏବଂ କାର୍ଯ୍ୟକାରୀ କରିଥିଲେ। ଜୁନ୍ ୨୧ ତାରିଖରେ, କେତନ ଦୁର୍ଗରୁ ୩୫୦ ମିଟର ତଳକୁ ପଡ଼ି ମୃତ୍ୟୁବରଣ କରିବାର ତିନି ଦିନ ପରେ, ଲୋନାୱାଲା ଗ୍ରାମୀଣ ପୋଲିସ ଷ୍ଟେସନର ଏକ ଦଳ ଦୁର୍ଗ ପରିଦର୍ଶନ କରିଥିଲା। ପୋଲିସ ସିସିଟିଭି କ୍ୟାମେରାରୁ ଫୁଟେଜ୍ ଯାଞ୍ଚ କରିଥିଲା ଏବଂ କେତନ ଏବଂ ସିୟାଙ୍କ ପଛରେ ମୁହଁ ଘୋଡାଇଥିବା ଜ୍ୟାକେଟ ପିନ୍ଧିଥିବା ଜଣେ ବ୍ୟକ୍ତିଙ୍କୁ ଦେଖିଥିଲା। ଫୁଟେଜରେ, ସିଆ ଜ୍ୟାକେଟ ପିନ୍ଧିଥିବା ବ୍ୟକ୍ତିଙ୍କୁ ଏକ ସଙ୍କେତ ଦେଉଥିବା ଦେଖାଯାଉଛି ଏବଂ ପରବର୍ତ୍ତୀ ବ୍ୟକ୍ତି ପ୍ରତିକ୍ରିୟା ଦେଉଛି।'ସିସିଟିଭି ଫୁଟେଜ୍ ଯାଞ୍ଚ କରିବା ସମୟରେ, ଆମେ ଜଣେ ବ୍ୟକ୍ତିଙ୍କୁ କେତନ ଏବଂ ସିଆ ପାଖକୁ ଯାଉଥିବାର ଦେଖିଲୁ; ସେ ସନ୍ଦେହଜନକ ଦେଖାଯାଉଥିଲା।

## ଭଗବନ୍ତ ମାନ୍‌ଙ୍କ ବିବାଦୀୟ ଭିଡିଓ ମାମଲାରେ ନୂଆ ମୋଡ଼: ମୁଖ୍ୟମନ୍ତ୍ରୀଙ୍କ ଗିରଫ ଦାବି କଲା ବିଜେପି

ଗୁରୁଗ୍ରାମ, ୨୪/୬: ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନ୍‌ଙ୍କୁ କେନ୍ଦ୍ର କରି ଚାଲିଥିବା ବିବାଦୀୟ ଭିଡିଓ ମାମଲା ନୂଆ ମୋଡ଼ ନେଇଛି। ହରିୟାଣାର ଗୁରୁଗ୍ରାମ ପୁଲିସର ତଦନ୍ତରେ ଏକ ଚମକପ୍ରଦ ତଥ୍ୟ ସାମ୍ନାକୁ ଆସିଛି। ପୁଲିସ କହିଛି ଯେ ଭିଡିଓଟିକୁ ନକଲି କିମ୍ବା କୃତ୍ରିମ ଭାବେ ପ୍ରସ୍ତୁତ ବୋଲି ପ୍ରମାଣ କରିବା ପାଇଁ ଜାଲ୍ ଫରେନ୍ସିକ୍ ରିପୋର୍ଟ ପ୍ରସ୍ତୁତ କରିବାର ଷଡ଼୍‌ଯନ୍ତ୍ର ହୋଇଥିଲା ଏବଂ ଏଥିପାଇଁ ୧୦ ଲକ୍ଷ ଟଙ୍କା ଦିଆଯାଇଥିବା ଅଭିଯୋଗ ରହିଛି। ଗୁରୁଗ୍ରାମ ପୁଲିସ ଏହି ମାମଲାରେ ଦୁଇଜଣଙ୍କୁ ଗିରଫ କରିଛି। ଅଭିଯୋଗ ଅନୁସାରେ, ସେମାନେ ଏକ ନକଲି ଡିଜିଟାଲ୍ ଫରେନ୍ସିକ୍ ରିପୋର୍ଟ ତିଆରି କରି ଭିଡିଓଟି କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଦ୍ୱାରା ନିର୍ମିତ ବୋଲି ଦର୍ଶାଇବାକୁ ଚେଷ୍ଟା କରିଥିଲେ। ପୁଲିସ ଏହା ମଧ୍ୟ ଦାବି କରିଛି ଯେ କିଛି ପଞ୍ଜାବ ସରକାରୀ ଅଧିକାରୀଙ୍କ ନିର୍ଦ୍ଦେଶରେ ଏହି କାର୍ଯ୍ୟ ହୋଇଥିବା ସନ୍ଦେହ ରହିଛି। ଏହି ଘଟଣା ପରେ ବିଜେପି ଆମ ଆଦମୀ ପାର୍ଟି (ଆପ୍) ସରକାର ଉପରେ ତୀବ୍ର ଆକ୍ରମଣ କରିଛି। ଦଳର ଅଭିଯୋଗ ହେଉଛି, ମାନ୍ ସରକାର ପଞ୍ଜାବ ପୁଲିସର ଉଚ୍ଚପଦସ୍ଥ ଅଧିକାରୀମାନଙ୍କୁ ବ୍ୟବହାର କରି ଭୁଲ୍ ରିପୋର୍ଟ ପ୍ରସ୍ତୁତ କରାଇଥିଲେ। ଏହା କ୍ଷମତାର ଦୁରୁପଯୋଗ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ମାନ୍‌ଙ୍କୁ ତୁରନ୍ତ ଗିରଫ କରାଯିବା ଉଚିତ ବୋଲି ବିଜେପି ଦାବି କରିଛି।

## ସଂସଦୀୟ କମିଟି ସାମ୍ନାରେ ବିଲ୍ ଗେଟ୍ସଙ୍କ ବିସ୍ଫୋରକ ବୟାନ

ୱାସିଂଟନ, ୨୪/୬: ମାଇକ୍ରୋସଫ୍ଟର ସହ-ପ୍ରତିଷ୍ଠାତା ବିଲ୍ ଗେଟ୍ସ ଆମେରିକାର ଏକ ସଂସଦୀୟ କମିଟି ସାମ୍ନାରେ ନିଜ ବ୍ୟକ୍ତିଗତ ଜୀବନକୁ ନେଇ ବିସ୍ଫୋରକ ତଥ୍ୟ ପ୍ରଘଟ କରିଛନ୍ତି। ଶୁଣାଣି ସମୟରେ ଗେଟ୍ସ ସ୍ୱୀକାର କରିଛନ୍ତି ଯେ, ୩ ଜଣ ମହିଳାଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଥିଲା ଏବଂ ମୃତ ଯୌନ ଅପରାଧୀ ଜେଫ୍ରି ଏପଷ୍ଟିନ ଏହି ସମ୍ପର୍କକୁ ନେଇ ତାଙ୍କୁ ବ୍ଲାକମେଲ୍ କରିବାକୁ ଯୋଜନା କରୁଥିଲା। ଆମେରିକା ଗୃହ କମିଟିର ତଦନ୍ତ ସମୟରେ ଏହି ତଥ୍ୟ ସାମ୍ନାକୁ ଆସିବା ପରେ ଏପଷ୍ଟିନ ଫାଇଲକୁ ନେଇ ରାଜନୀତି ସରଗରମ ହୋଇଛି। ସ୍ୱେଚ୍ଛାକୃତ ଭାବେ କମିଟି ସାମ୍ନାରେ ହାଜର ହୋଇ ବିଲ୍ ଗେଟ୍ସ କହିଥିଲେ ଯେ, ତାଙ୍କ ସହ ଦୁଇଜଣ ରୁଷୀୟ ମହିଳା ବ୍ରିଜ୍ ଖେଳାଳି ମିଲା ଆଣ୍ଟୋନୋଭା ଏବଂ ପରମାଣୁ ବିଜ୍ଞାନୀ କରିମା ନିଗମାତୁଲିନାଙ୍କ ସହ ଥିବା ସମ୍ପର୍କ ବିଷୟରେ ଏପଷ୍ଟିନ୍ ଜାଣିଥିଲା। ଏହା ସହିତ ମେଡିକାଲ୍ ଉଦ୍ୟୋଗୀ ଆଲିସ୍ ଜାକୋବ୍ସ ନେସେଲରୋଡ୍‌ଙ୍କ ସହ ତାଙ୍କର ତୃତୀୟ ପ୍ରେମ ସମ୍ପର୍କ ଥିବା କଥା ମଧ୍ୟ ସେ ସ୍ୱୀକାର କରିଛନ୍ତି। ଗେଟ୍ସ କହିଛନ୍ତି, ଏହି ସମ୍ପର୍କ ସହ ଏପଷ୍ଟିନର କୌଣସି ନେଣଦେଣ ନଥିଲା, କିନ୍ତୁ ଏହା ମୋ ପରିବାର ପାଇଁ ଅତ୍ୟନ୍ତ ଯନ୍ତ୍ରଣାଦାୟକ ଥିଲା। ଏପଷ୍ଟିନ ମୋର ଏହି ଦୁର୍ବଳତାର ସୁଯୋଗ ନେଇ ଏବଂ ଅନେକ ମିଛ କଥା ଯୋଡ଼ି ତା'ସହ ପୁଣି କାମ କରିବାକୁ ମୋ ଉପରେ ଚାପ ପକାଉଥିଲା। ତେବେ ଏପଷ୍ଟିନର ଅପରାଧ ସହ ତାଙ୍କର କୌଣସି ସମ୍ପର୍କ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି ଏବଂ ଏପଷ୍ଟିନ ଭଳି ଜଣେ ଦୋଷୀ ବ୍ୟକ୍ତିଙ୍କ ସହ ସମ୍ପର୍କ ରଖିବା ତାଙ୍କର ଏକ ଭୁଲ୍ ଥିଲା ବୋଲି ମାନିଛନ୍ତି। ଗେଟ୍ସଙ୍କ ଅନୁଯାୟୀ, କେବଳ ସହାୟତା ପାଣ୍ଠି ସଂଗ୍ରହ ବିଷୟରେ ଆଲୋଚନା ପାଇଁ ସେ ୪ ବର୍ଷ ମଧ୍ୟରେ ଏପଷ୍ଟିନ୍‌କୁ ୧୨ରୁ ୧୪ ଥର ସାକ୍ଷାତ କରିଥିଲେ ଏବଂ ଦୁଇଟି ଭିଡିଓ କଲ୍ କରିଥିଲେ। ୨୦୦୮ରେ ଏପଷ୍ଟିନ୍ ଯୌନ ଅପରାଧ ପାଇଁ ଦୋଷୀ ସାବ୍ୟସ୍ତ ହେବା ପରେ ମଧ୍ୟ ଏହି ସାକ୍ଷାତକାର ଜାରି ରହିଥିଲା। ଶୁଣାଣି ସମୟରେ ଏପ୍ ?ଷ୍ଟିନର ୨୦୧୩ ର ଏକ ଇମେଲ୍ ଡ୍ରାଫ୍ଟ ଉପରେ ପ୍ରଶ୍ନ କରାଯାଇଥିଲା, ଯେଉଁଥିରେ ଗେଟ୍ସ ଏବଂ ତାଙ୍କର ପୂର୍ବତନ କର୍ମଚାରୀ ବୋରିସ୍ ନିକୋଲିକ୍‌ଙ୍କ ନାମ ଥିଲା। ଏହା ସହିତ ଗେଟ୍ସଙ୍କୁ ଯୌନ ସଂକ୍ରମିତ ରୋଗ (ଏସ୍‌ଟିଡି) ଏବଂ ଗୁପ୍ତରେ ଔଷଧ ନେବା ଅଭିଯୋଗ ଉପରେ ପଚରାଯାଇଥିଲା। ଗେଟ୍ସ ଏହାକୁ ସମ୍ପୂର୍ଣ୍ଣ ଖାରଜ କରି କହିଛନ୍ତି, ମୋର କେବେ ବି ଏସଟିଡି ନଥିଲା ଏବଂ ମୁଁ କାହାକୁ ଲୁଚାଇ ଔଷଧ ନେଇନାହିଁ।



## ପ୍ରବଳ ବର୍ଷାରେ ମୁମ୍ବାଇ ବେହାଲ; ବ୍ୟାପକ ଅଞ୍ଚଳ ଜଳବନ୍ଦି

ମୁମ୍ବାଇ, ୨୪/୬: ପ୍ରବଳ ମୌସୁମୀ ବର୍ଷା ଯୋଗୁଁ ଆର୍ଥିକ ରାଜଧାନୀ ମୁମ୍ବାଇର ସ୍ଥିତି ଗମ୍ଭୀର ହୋଇପଡ଼ିଛି। ମଙ୍ଗଳବାର ମୌସୁମୀ ପ୍ରବେଶ କରିବାର ମାତ୍ର ୨୪ ଘଣ୍ଟା ମଧ୍ୟରେ ସହରର ଅନେକ ଅଞ୍ଚଳରେ ୩୦୦ ମିଲିମିଟରରୁ ଅଧିକ ବର୍ଷା ରେକର୍ଡ କରାଯାଇଛି, ଯାହାକୁ ପାଣିପାଗ ବିଭାଗ ଅତି ପ୍ରବଳ ବର୍ଷା ଶ୍ରେଣୀରେ ରଖିଛି।

ବୁଧବାର ସକାଳୁ ସହରବାସୀ ଜଳମଗ୍ନ ରାସ୍ତା, ଉପୁଡ଼ି ପଡ଼ିଥିବା ଗଛ ଏବଂ ଟ୍ରାଫିକ ଜାମର ସାମ୍ନା କରିଛନ୍ତି। ଗତ ଦଶନ୍ଧି ମଧ୍ୟରେ ଦକ୍ଷିଣ ମୁମ୍ବାଇରେ ଜୁନ୍ ମାସର ସବୁଠାରୁ ଅଧିକ ୨୪୮ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ମୌସୁମୀର ପ୍ରଥମ ବର୍ଷାରେ ହିଁ ଏଭଳି ବିପର୍ଯ୍ୟୟ ଦେଖି ସହରବାସୀ ଆଗାମୀ ଦିନ ପାଇଁ ଚିନ୍ତା ପ୍ରକାଶ କରିଛନ୍ତି।



ପରିସ୍ଥିତିକୁ ଦୃଷ୍ଟିରେ ରଖି ଆଇଏମ୍‌ଡି ଆଜି ଭୋର ସମୟରେ ମୁମ୍ବାଇ ଓ ପାଲଘର ପାଇଁ 'ରେଡ୍ ଆଲର୍ଟ' ଜାରି କରିଥିଲା, ଯାହାକୁ ପରେ ସକାଳ ୭ଟାରେ 'ଅରେଞ୍ଜ ଆଲର୍ଟ'କୁ ବଦଳାଇ ଦିଆଯାଇଛି। ଥାଣେ, ରାୟଗଡ଼, ପାଲଘର ଏବଂ ସିନ୍ଧୁଦୁର୍ଗରେ ପ୍ରବଳ ବର୍ଷାର ପୂର୍ବାନୁମାନ କରାଯାଇଛି। ରାତିସାରା ହୋଇଥିବା ପ୍ରବଳ ବର୍ଷା ଯୋଗୁଁ ମାତୁଙ୍ଗାର କିଙ୍ଗ୍‌ସ ସର୍କଲ, ଦାଦରର ହିନ୍ଦୁ କଲୋନୀ ଭଳି ଆବାସିକ ଅଞ୍ଚଳ ଜଳମଗ୍ନ ହୋଇପଡ଼ିଛି। ପ୍ରମୁଖ ରେଳ ଷ୍ଟେସନ 'ଦାଦର' ମଧ୍ୟ ପାଣିରେ ବୁଡ଼ି ରହିଥିବା ଦେଖିବାକୁ ମିଳିଛି। ଦାଦର ଅଞ୍ଚଳରେ ଏକ ବଡ଼ ଗଛ କାର୍ ଉପରେ ପଡ଼ିବା, ଅନେକ ଗଛ ଉପୁଡ଼ିଯିବା ଏବଂ ଘର ଓ ପାଚେରୀ ଭୁଶୁଡ଼ିବା ଭଳି ଘଟଣା ଦେଖିବାକୁ ମିଳିଛି।

ବନ୍ୟା ପରିସ୍ଥିତି ଯୋଗୁଁ ଅନ୍ଧେରୀ ସବ୍‌ୱେକୁ ବନ୍ଦ କରିବାକୁ ପଡ଼ିଛି, ଯେଉଁଠାରେ ଲୋକମାନେ ଆଣ୍ଠୁଏ ପାଣିରେ ଯାତାୟାତ କରୁଥିବା ଦେଖାଯାଇଛି। ଏହି ସ୍ଥିତିକୁ ନେଇ ବିରୋଧୀ ଦଳ ନେତାମାନେ ଶାସକ ବିଜେପି ମେଣ୍ଟ ସରକାରଙ୍କୁ କଟାକ୍ଷ କରିଛନ୍ତି। ମୁମ୍ବାଇରେ ସାଧାରଣତଃ ଜୁନ୍ ୧୦ ସୁଦ୍ଧା ମୌସୁମୀ ପ୍ରବେଶ କରିଥାଏ, ମାତ୍ର ଚଳିତ ବର୍ଷ ଏହା ୧୩ ଦିନ ବିଳମ୍ବରେ ଜୁନ୍ ୨୩ରେ ପହଞ୍ଚିଛି।

## ୟୁରୋପରେ ଭୀଷଣ ଗ୍ରୀଷ୍ମ: ଫ୍ରାନ୍ସରେ ୫ ଦିନରେ ପାଣିରେ ବୁଡ଼ି ୪୦ ମୃତ

ପ୍ୟାରିସ, ୨୪/୬: ୟୁରୋପରେ ଭୀଷଣ ଗ୍ରୀଷ୍ମପ୍ରବାହ ଜାରି ରହିଥିବାବେଳେ ଫ୍ରାନ୍ସରେ ପ୍ରବଳ ଗରମରୁ ରକ୍ଷା ପାଇବା ପାଇଁ ଗାଧୋଇବା ବେଳେ ୪୦ ଜଣ ଲୋକଙ୍କର ପାଣିରେ ବୁଡ଼ି ମୃତ୍ୟୁ ହୋଇଛି। ୟୁରୋପର ଅଧିକାଂଶ ସ୍ଥାନରେ ଗ୍ରୀଷ୍ମ ଲହରୀ ଜାରି ରହିଥିବା ବେଳେ ବ୍ରିଟେନ, ଇଟାଲୀ, ସ୍ୱିଜରଲ୍ୟାଣ୍ଡ ଓ ସ୍ପେନରେ ମଧ୍ୟ ପ୍ରଚଣ୍ଡ ଗ୍ରୀଷ୍ମ ଲାଗିଛି। କିଛି ଅଞ୍ଚଳରେ ରେକର୍ଡ ତାପମାତ୍ରା ବୃଦ୍ଧି ଯୋଗୁଁ ସ୍କୁଲ ଓ ପରିବହନ ନେଟୱର୍କ ବାଧାପ୍ରାପ୍ତ ହୋଇଛି। ଆଇଫେଲ ଟାୱାର ପରି ପର୍ଯ୍ୟଟନ ସ୍ଥଳଗୁଡ଼ିକ ବନ୍ଦ ରଖାଯାଇଛି। ବିଶ୍ୱ ପାଣିପାଗ ସଙ୍ଗଠନ ସୂଚନା ଅନୁଯାୟୀ, ୟୁରୋପ ବିଶ୍ୱର ଅନ୍ୟ ଅଞ୍ଚଳ ତୁଳନାରେ ହରାହାରି ଦୁଇଗୁଣରୁ ଅଧିକ ଉଷ୍ମ ହେଉଛି। ଫ୍ରାନ୍ସ ମଙ୍ଗଳବାର ସବୁଠୁ ଉଷ୍ମ ରହିଛି। ମେଟିଓ ଫ୍ରାନ୍ସ ପୂର୍ବାନୁମାନ ଅନୁଯାୟୀ, ଫ୍ରାନ୍ସର ଦକ୍ଷିଣ ପଶ୍ଚିମରେ ଅବସ୍ଥିତ ଏକ ସହରରେ ସର୍ବାଧିକ ୪୪.୩ ଡିଗ୍ରି ତାପମାତ୍ରା ରେକର୍ଡ଼ କରାଯାଇଛି। ସାରା ଦେଶରେ ଲୋକମାନେ ଗ୍ରୀଷ୍ମରୁ ରକ୍ଷା ପାଇବା ପାଇଁ ନଦୀ ଓ ଜଳାଶୟରେ ଗାଧୋଉଛନ୍ତି। କ୍ରୀଡ଼ା ମନ୍ତ୍ରୀ ମାରିନା ଫେରାରି ଲୋକମାନଙ୍କୁ ନଦୀ ଓ ଜଳାଶୟର ବିପଦପୂର୍ଣ୍ଣ ଅଞ୍ଚଳରେ ପହଁରିବା ବିରୋଧରେ ଚେତାବନୀ ଦେଇଛନ୍ତି।



ହିଟ୍‌ୱେଭ୍ ସମ୍ପର୍କିତ ଜରୁରୀ ବୈଠକବେଳେ ଫ୍ରାନ୍ସ ପ୍ରଧାନମନ୍ତ୍ରୀ ସେବାଷ୍ଟିଆନ୍ ଲେକର୍ନୁ ପାଣିରେ ବୁଡ଼ି ଲୋକଙ୍କ ମୃତ୍ୟୁ ହେବାକୁ ଦୁଃଖଦ ଘଟଣା ବୋଲି କହିବା ସହିତ ଜୁନ୍ ୧୮ରୁ ୫ ଦିନ ମଧ୍ୟରେ ୪୦ ଜଣଙ୍କର ମୃତ୍ୟୁ ହୋଇଥିବା କହିଛନ୍ତି। ଏମାନଙ୍କ ଅଧିକାଂଶ ଯୁବ ଗୋଷ୍ଠୀର ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସୋମବାର ୨ ଓ ୪ ବର୍ଷ ବୟସର ଦୁଇ ଜଣ ପିଲାଙ୍କୁ ତାଙ୍କ ଘର ବାହାରେ ରହିଥିବା ତାଙ୍କ କାରରେ ଅଚେତ ଅବସ୍ଥାରେ ଉଦ୍ଧାର କରାଯାଇଥିବା ଦକ୍ଷିଣ-ପୂର୍ବ ଫ୍ରାନ୍ସର କାର୍ପେଣ୍ଟ୍ରାସର ଜଣେ ପବ୍ଲିକ ପ୍ରସିକ୍ୟୁଟର କହିଛନ୍ତି। ମେଟିଓ ଫ୍ରାନ୍ସ କହିଛି ଯେ,ବର୍ତ୍ତମାନର ପରିସ୍ଥିତି ଅଗଷ୍ଟ ୨୦୦୩ ର ଗ୍ରୀଷ୍ମ ପ୍ରବାହ ସହିତ ତୁଳନୀୟ। ଉକ୍ତବର୍ଷ ୧୬ ଦିନ ଧରି ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାବେଳେ ସମଗ୍ର ୟୁରୋପରେ ୮୦,୦୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିଲା। ସ୍ପେନର ପାଣିପାଗ ସଂସ୍ଥା ଦେଶର ବିଭିନ୍ନ ସ୍ଥାନରେ ରେଡ୍ ଆଲର୍ଟ ଜାରି କରିଛି, ତାପମାତ୍ରା ୪୪ ଡିଗ୍ରି ସେଲସିୟସ ପହଞ୍ଚିବା ସହିତ ବିପଜ୍ଜନକ ଗ୍ରୀଷ୍ମ ପ୍ରବାହ ଆଶଙ୍କା ରହିଥିବା ଚେତାବନୀ ଦେଇଛି। ଉତ୍ତର ସ୍ପେନର ବିଭିନ୍ନ ଜଙ୍ଗଲରେ ନିଆଁ ଲାଗିବାର ଆଶଙ୍କା ଥିବାରୁ ପାରମ୍ପରିକ ନିଆଁ ଜାଳିବା ଉତ୍ସବ ବାତିଲ କରାଯାଇଛି।

## ଇଟାଲୀରେ ଭାରତୀୟଙ୍କୁ ଅପମାନିତ କରି କ୍ଷମା ମାଗିଲେ ବାଂଲାଦେଶୀ

ନୂଆଦିଲ୍ଲୀ, ୨୪/୬: ଇଟାଲୀର ଏକ ରେଷ୍ଟୋରାଁରେ ଭାରତୀୟ ମହିଳା ପର୍ଯ୍ୟଟକମାନଙ୍କ ସହ ଘଟିଥିବା ଏକ ବିବାଦର ଭିଡିଓ ସୋସିଆଲ ମିଡିଆରେ ଭାରି ଚର୍ଚ୍ଚାର ବିଷୟ ହୋଇଛି। ଭିଡିଓରେ ଜଣେ ବାଂଲାଦେଶୀ ୱେଟର ଭାରତ ଓ ଭାରତୀୟମାନଙ୍କ ବିରୋଧରେ ଅପମାନଜନକ ଟିପ୍ପଣୀ କରୁଥିବା ଦେଖାଯାଇଛି। ପରେ ମହିଳାମାନଙ୍କ ଦୃଢ଼ ପ୍ରତିବାଦ ଓ ପୁଲିସ ହସ୍ତକ୍ଷେପ ପରେ ସେ କ୍ଷମା ମାଗିବାକୁ ବାଧ୍ୟ ହୋଇଥିଲେ।

## ସଂରକ୍ଷଣ ବ୍ୟବସ୍ଥାକୁ ଲୋପ କରିବ ବିଜେପି: କଂଗ୍ରେସ

ନୂଆଦିଲ୍ଲୀ, ୨୪/୬: ଲୋକସଭାରେ ଦୁଇ-ତୃତୀୟାଂଶ ସଂଖ୍ୟାଗରିଷ୍ଠତା ହାସଲ କରିବା ପାଇଁ ବିଜେପିର ଚେଷ୍ଟା ପଛରେ ଥିବା ପ୍ରକୃତ ଉଦ୍ଦେଶ୍ୟ ହେଉଛି ଦେଶର ସଂରକ୍ଷଣ ବ୍ୟବସ୍ଥାକୁ ସମାପ୍ତ କରିବା ବୋଲି କଂଗ୍ରେସ ଅଭିଯୋଗ କରିଛି। ଦଳ ପକ୍ଷରୁ କୁହାଯାଇଛି ଯେ, ସଂବିଧାନରେ ପରିବର୍ତ୍ତନ ଆଣିବା ପାଇଁ ଦୁଇ-ତୃତୀୟାଂଶ ସମର୍ଥନ ଆବଶ୍ୟକ ହୋଇଥାଏ ଏବଂ ବିଜେପି ସେହି ଲକ୍ଷ୍ୟକୁ ଚାହିଁ ରଣନୀତି ପ୍ରସ୍ତୁତ କରୁଛି। କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି ଯେ, କେନ୍ଦ୍ର ସରକାର ଓ ବିଜେପି ନେତୃତ୍ୱ ଲୋକସଭାରେ ଦୁଇ-ତୃତୀୟାଂଶ ସଂଖ୍ୟାଗରିଷ୍ଠତା ପାଇବା ନେଇ ନିରନ୍ତର ଚେଷ୍ଟା କରୁଛନ୍ତି।

## ଯୁବକଙ୍କୁ ଛୁରୀ ଭୁସି ହତ୍ୟା

ମୁମ୍ବାଇ ୨୪/୬: ମୁମ୍ବାଇରେ ଏକ ଚଳନ୍ତା ଲୋକାଲ ଟ୍ରେନ୍‌ରେ ଜଣେ ୨୧ ବର୍ଷୀୟ ଯୁବକଙ୍କୁ ଛୁରୀ ଭୁସି ହତ୍ୟା କରାଯାଇଛି। ମୃତ ଯୁବକଙ୍କ ନାଁ ମୟଙ୍କ ଲୋହର। ସେ ଚର୍ଚଗେଟ୍-ନଲ୍ଲସପୋରା ଫାଷ୍ଟ ଲୋକାଲ୍ ଟ୍ରେନ୍‌ରେ ଯାତ୍ରା କରୁଥିବାବେଳେ ତାଙ୍କର ଗୋରେଗାଁ ଏବଂ କାନ୍ଦିଭଲି ମଧ୍ୟରେ ଅନ୍ୟ ଜଣେ ଯାତ୍ରୀଙ୍କ ସହ ବଚସା ହୋଇଥିଲା। ଟ୍ରେନ୍‌ର କବାଟ ବନ୍ଦ କରିବାକୁ ନେଇ ମୟଙ୍କ ଲୋହରଙ୍କର ରୋଶନ ସୁବର୍ଣ୍ଣଙ୍କ ସହ ବଚସା ହୋଇଥିଲା ଏବଂ ଏହି ଘଟଣାକୁ ନେଇ ରକ୍ତପାତ ହୋଇଥିଲା। ରୋଶନ ଛୁରୀ ଭୁସି ମୟଙ୍କଙ୍କୁ ହତ୍ୟା କରିବା ପରେ ସ୍ଥାନ ଛାଡ଼ି ପଳାଇଥିଲା। ପରେ ପୁଲିସ ତାକୁ ମୁମ୍ବାଇର କୁର୍ଲା ଅଞ୍ଚଳରୁ ଗିରଫ କରିଛି।

## ଓମ୍ ବିର୍ଲାଙ୍କୁ ଭେଟିଲେ ଶିବସେନା (ୟୁବିଟି) ସାଂସଦ

ନୂଆଦିଲ୍ଲୀ, ୨୪/୬: ଏକନାଥ ସିନ୍ଦେଙ୍କ ନେତୃତ୍ୱାଧୀନ ସେନା ଦଳରେ ଯୋଗ ଦେଇଥିବା ୬ ଜଣ ବିଦ୍ରୋହୀ ସାଂସଦ ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ନିକଟରେ ଯେଉଁ ଦାବି ଉପସ୍ଥାପନ କରିଥିଲେ ସେହି ଦାବି ସଂକ୍ରାନ୍ତରେ ଜଣାଇବା ପାଇଁ ଶିବସେନା (ୟୁବିଟି) ପକ୍ଷରୁ ଆଜି ବାଚସ୍ପତିଙ୍କୁ ଅନୁରୋଧ କରାଯାଇଛି। ଶିବସେନା (ୟୁବିଟି) ସାଂସଦ ଅନୀଲ ଦେଶାଇ ଓ ଅରବିନ୍ଦ ସାୱନ୍ତ ଆଜି ବାଚସ୍ପତି ବିର୍ଲାଙ୍କୁ ଭେଟିବା ପରେ ସାମ୍ବାଦିକମାନଙ୍କୁ କହିଛନ୍ତି ଯେ, ସେମାନେ ବିଦ୍ରୋହୀଙ୍କ ଦ୍ୱାରା ଦାଖଲ କରାଯାଇଥିବା ଦାବିର ଏକ କପି ଦେବା ପାଇଁ ବାଚସ୍ପତିଙ୍କୁ ଅନୁରୋଧ କରିଛନ୍ତି। ଦେଶାଇ କହିଛନ୍ତି, ସେମାନେ ବାଚସ୍ପତିଙ୍କୁ କହିଥିଲେ ଯେ ଦଶମ ଅନୁଚ୍ଛେଦ ଅନୁଯାୟୀ, ବିଧାୟକ ଦଳର ଯେକୌଣସି ଗୋଷ୍ଠୀ ନିଜସ୍ୱ ଭାବେ ଅନ୍ୟ ଦଳ ସହ ମିଶି ପାରିବେନି। ଏପରିକି ସେମାନଙ୍କ ପାଖରେ ଦୁଇତୃତୀୟାଂଶ ସଂଖ୍ୟାଗରିଷ୍ଠତା ଥିଲେ ମଧ୍ୟ ସେମାନେ ଏହା କରି ପାରିବେନି। ସେ କହିଛନ୍ତି, ବିଦ୍ରୋହୀ ସାଂସଦମାନେ ଯଦି ଲିଖିତ ଭାବେ କିଛି ଉପସ୍ଥାପନ କରିଛନ୍ତି, ତେବେ ବାଚସ୍ପତି ତାହା ସେମାନଙ୍କୁ ଜଣାଇବା ଉଚିତ।

## ୧୦୦ କୋଟିର ମାମଲା ଜିତିଲା ବ୍ୟାଙ୍କ ଅଫ୍ ଇଣ୍ଡିଆ

ନୂଆଦିଲ୍ଲୀ, ୨୪/୬: ଫେରାର ହୀରା ବ୍ୟବସାୟୀ ନୀରବ ମୋଦୀଙ୍କୁ ବ୍ରିଟେନ ଅଦାଲତରୁ ଲାଗିଛି ଏକ ବଡ଼ ଝଟ୍କା । ଲଣ୍ଡନ ହାଇକୋର୍ଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ସପକ୍ଷରେ ରାୟ ଶୁଣାଇବା ସହ ବ୍ୟାଙ୍କର ୧୦.୭ ମିଲିୟନ ଡଲାର ଅର୍ଥାତ୍ ପ୍ରାୟ ୧୦୦ କୋଟିରୁ ଅଧିକ ଟଙ୍କାର ଋଣ ପରିଶୋଧ କରିବା ପାଇଁ ନୀରବଙ୍କୁ ଦାୟୀ କରିଛନ୍ତି । ଲଣ୍ଡନ କମର୍ସିଆଲ କୋର୍ଟର ବିଚାରପତି ସାଇମନ ଟିଙ୍କଲର ମଙ୍ଗଳବାର ଏହି ଗୁରୁତ୍ୱପୂର୍ଣ୍ଣ ସେକ୍ସର ଉପରେ ଶୁଣାଣି କରି କହିଛନ୍ତି ଯେ, ନୀରବ ମୋଦୀ ବ୍ୟାଙ୍କ ଅଫ୍ ଇଣ୍ଡିଆରୁ ନିଆଯାଇଥିବା ଋଣ ପାଇଁ ବ୍ୟକ୍ତିଗତ ଗ୍ୟାରେଣ୍ଟି ଦେଇଥିଲେ ।

## ଜମି ପୋଜେସନ ନାଁରେ ଡକାୟତି

# ଅବସରପ୍ରାପ୍ତ ସେନା କର୍ମଚାରୀ ମାଷ୍ଟରମାଇଣ୍ଡ

- ୬ ଗିରଫ: ଷଡ଼ଯନ୍ତ୍ରକାରୀ ଫେରାର
- ବନ୍ଧୁକ, ୨ ମାଗାଜିନ୍ ଓ ୧୦ ଜୀବନ୍ତ ଗୁଳି ଜବତ
- ମାଆ ଝିଅଙ୍କୁ ନିସ୍ତୁକ ମାଡ଼ ମାରି ଘରୁ କାଢ଼ିବାକୁ ଉଦ୍ୟମ
- ଅଗ୍ରିମ ୫୦ ହଜାର; କାମ ପରେ ୨ ଲକ୍ଷ

ଭୁବନେଶ୍ୱର, ୨୩।୬(ନି.ପ୍ର): କିଛିଦିନର ବ୍ୟବଧାନ ପରେ ରାଜଧାନୀରେ ପୁଣି ଆତଙ୍କ ଖେଳାଇଛନ୍ତି ପୋଜେସନ୍ ଗ୍ୟାଙ୍ଗ୍। ମାଆ ଝିଅଙ୍କୁ ମାଡ଼ ମାରି ଘରୁ କାଢ଼ିବାକୁ ଉଦ୍ୟମ କରିଛନ୍ତି। ଖଣ୍ଡଗିରି ଥାନା ଅନ୍ତର୍ଗତ ଏମ୍ସ ନଗରରେ ଏଭଳି ଘଟଣା ଘଟିଛି। ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି, ଅବସରପ୍ରାପ୍ତ ସେନା କର୍ମଚାରୀ ଏହି ଗ୍ୟାଙ୍ଗର ମଙ୍ଗ ଧରିଥିବା ସେ ହିଁ ସୁପାରୀ ଦେଇଥିବା ପ୍ରାଥମିକ ତଦନ୍ତରୁ ସ୍ପଷ୍ଟ ହୋଇଛି। ଅଭିଯୋଗ ଆଧାରରେ ୬ ଜଣଙ୍କୁ ଗିରଫ କରିଛି ଖଣ୍ଡଗିରି ଥାନା ପୋଲିସ। ଗିରଫ ଅଭିଯୁକ୍ତମାନେ ହେଲେ ଅବସରପ୍ରାପ୍ତ ସେନା କର୍ମଚାରୀ ତଥା ପିପିଲି ଥାନା ଅଞ୍ଚଳର ରବିନାରାୟଣ ପ୍ରଧାନ ଓରଫ୍ ବୁଢ଼ା (୫୪), ନୟାଗଡ଼ ଚାନ୍ଦପୁରର ମିଳନ କୁମାର ମଲ୍ଲିକ (୨୮), ଟାଙ୍ଗି ସୋରଣର ଶୁଭମ୍ ଚମ୍ପତି (୨୧), ମଙ୍ଗଳାଯୋଡ଼ିର ରମଣ କୁମାର ମଲ୍ଲିକ (୨୪), ଚଣ୍ଡେଶ୍ୱରର ଦୀପ ପେଣ୍ଡାଇ (୨୫) ଓ ପରୀ ଓରଡ଼ାର ଶତାବ୍ଦୀ ମହାରଣା (୨୭)। ସେମାନଙ୍କ ଠାରୁ ଗୋଟିଏ ବନ୍ଧୁକ, ୨ଟି ମାଗାଜିନ୍, ୧୦ ରାଉଣ୍ଡ ଜୀବନ୍ତ ଗୁଳି, ସ୍କର୍ପିଓ କାର୍, ଖଣ୍ଡା ଓ ଭଙ୍ଗା ମୋବାଇଲ ଫୋନ ଜବତ କରିଛି ପୁଲିସ। ସ୍ନିଗ୍ଧାରାଣୀ ସାମଲ ଓ ତାଙ୍କ ମାଆ ସୁଷମା ସାମଲ ଏମ୍ସ ନଗର ସ୍ଥିତ ନିଜ ରହୁଛନ୍ତି। ସେହି ଜମିର ମାଲିକାନାକୁ ନେଇ ସୁଷମା ଓ କଳାରାହାଙ୍ଗର ମନୋରଞ୍ଜନ ମହାପାତ୍ରଙ୍କ ସହ ଜମିବାଡ଼ି ବିବାଦ ଲାଗିରହିଥିବା ବେଳେ ମାମଲା କୋର୍ଟରେ ବିଚାରାଧୀନ ରହିଛି। ତେବେ ଜମି ଓ ଘରକୁ ନିଜ ଅକ୍ତିଆରକୁ ନେବାକୁ ମନୋରଞ୍ଜନ ଓ ଅବସରପ୍ରାପ୍ତ ସେନା କର୍ମଚାରୀ ବୁଢ଼ା ମିଶି ସୁଚିନ୍ତିତ ଷଡ଼ଯନ୍ତ୍ର କରିଥିଲେ। ବୁଢ଼ା ଘର ଖାଲି କରିବାକୁ ମିଳନକୁ ଯୋଗାଯୋଗ କରି ନିକୋ ପାର୍କ ପାଖକୁ ଡକାଇଥିଲା। ମିଳନ ସେଠାରେ ପହଞ୍ଚିବା ପରେ ବୁଢ଼ା ଓ ମନୋରଞ୍ଜନ ମିଶି ତାକୁ ଅଗ୍ରୀମ ବାବଦକୁ ୫୦ ହଜାର ଟଙ୍କା ଦେଇ ସ୍ନିଗ୍ଧାରାଣୀ ଓ ସୁଷମାଙ୍କୁ ଘରୁ ବାହାର କରିବାକୁ କହିଥିଲେ। କାମ ସରିବା ପରେ ଆହୁରି ୨ ଲକ୍ଷ ଟଙ୍କା ଦେବେ ବୋଲି କଥାବାର୍ତ୍ତା ହୋଇଥିଲା। ମିଳନ ଅଗ୍ରୀମ ଟଙ୍କା ପାଇବା ପରେ ଶୁଭମ୍, ରମଣ, ଦୀପକ ଓ ଶତାବ୍ଦୀ ଓ କାବୁରାକୁ ଏକାଠି କରିଥିଲା। ଯୋଜନା ମୁତାବକ ଗତ ୧୩ ତାରିଖ ଦିନବେଳା ୬ ଜଣ ଯାକ ମିଶି ଏମ୍ସ ନଗର ସ୍ଥିତ ଘରକୁ ରେକି କରିଥିଲେ। ରାତି ପ୍ରାୟ ୯ଟା ବେଳକୁ ସମସ୍ତେ ମିଶି ସଂପୃକ୍ତ ଘର ଭିତରେ ପଶିଥିଲେ। ଘରେ ଥିବା ବୃଦ୍ଧା ମାଆ ଝିଅ ସୁଷମା ଓ ସ୍ନିଗ୍ଧାରାଣୀଙ୍କୁ ନିସ୍ତୁକ ମାଡ଼ ମାରି ଘର ଛାଡ଼ିବାକୁ ଧମକ ଦେଇଥିଲେ। ମାଆ ଝିଅ ଚିତ୍କାର କରିବାରୁ ଅଭିଯୁକ୍ତମାନେ ମାଡ଼ ମାରିବା ସହ ପାଟିରେ କପଡ଼ା ବାନ୍ଧି ଦେଇଥିଲେ। ତଥାପି ସେମାନେ ବିରୋଧ କରିବାରୁ ଅଭିଯୁକ୍ତମାନେ ମାଆ ଝିଅଙ୍କୁ ନିସ୍ତୁକ ମାଡ଼ ମାରି ଲହୁଲୁହାଣ କରି ଦେଇଥିଲେ। ମାଆ ଝିଅ ଯେପରି କାହାରିକୁ ଖବର ଦେଇ ନ ପାରିବେ ସେଥିଲାଗି ଅଭିଯୁକ୍ତମାନେ ଦୁଇଟି ମୋବାଇଲ୍ ଫୋନ୍, ହାତ ଘଣ୍ଟା, କାର୍ ଚାବି ଓ ନଗଦ ଟଙ୍କା ଛଡ଼ାଇ ନେଇ ଫେରାର ହୋଇ ଯାଇଥିଲେ। ଖବରପାଇ ଖଣ୍ଡଗିରି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୃଦ୍ଧା ମାଆ ଝିଅଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ସ୍ନିଗ୍ଧାରାଣୀ ଏତଲା ଦେବାପରେ ପୋପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତମାନେ ଦିନବେଳା ରେକି କରୁଥିବା ବେଳେ ଏକ ଆପାର୍ଟମେଣ୍ଟର ସିସିଟିଭିରେ କଏଦ ହୋଇଥିଲା ଓ ନିକଟରେ ଥିବା ଏକ ଓୟୋ ହୋଟେଲରେ ୨ଟି ରୁମ୍ ବୁକ୍ କରିଥିଲେ। ପୋଲିସ ଆପାର୍ଟମେଣ୍ଟର ସିସିଟିଭି ଫୁଟେଜ, ହୋଟେଲ ରୁମ୍ ସିସିଟିଭି, ବୁକିଂ ସମୟରେ ଦେଇଥିବା ପରିଚୟପତ୍ରରୁ ଅଭିଯୁକ୍ତମାନଙ୍କ ସମ୍ପର୍କରେ ତଥ୍ୟ ହାସଲ କରିଥିଲା। ବୁଧବାର ନିକୋ ପାର୍କ ପାଖରେ ଚଢ଼ଉ କରି ଶୁଭମ୍, ଶତାବ୍ଦୀ, ମିଳନ, ଦୀପକ ଓ ରମଣଙ୍କୁ ଗିରଫ କରିଥିଲା। ପରେ ପିପିଲି ଅଞ୍ଚଳରୁ ବୁଢ଼ାକୁ ଗିରଫ କରି ତା' ଠାରୁ ବନ୍ଧୁକ, ଗୁଳି ଓ ମାଗାଜିନ୍ ଜବତ କରିଥିଲା। ପ୍ରାଥମିକ ତଦନ୍ତ ପରେ ୬ ଜଣଙ୍କୁ କୋର୍ଟ ଚାଲାଣ କରିଥିବା ବେଳେ ମୁଖ୍ୟ ଷଡ଼ଯନ୍ତ୍ରକାରୀ ମନୋରଞ୍ଜନ ଓ ଅନ୍ୟତମ ଅଭିଯୁକ୍ତ କାବୁରାକୁ ଧରିବାକୁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି।

### ଚୌଦ୍ୱାର ଜେଲ ଭିତରେ ଥାର୍ ଗାଡ଼ି ପଶିବା ଘଟଣା

## ୨୪ ଘଣ୍ଟା ପରେ ବି ହେଲାନି ଏତଲା

କଟକ(ନିପ୍ର): ଚୌଦ୍ୱାର କେନ୍ଦ୍ରୀୟ ଜେଲ୍ ଭିତରକୁ ଗ୍ୟାଙ୍ଗଷ୍ଟରଙ୍କ ଥାର୍ ଗାଡ଼ି ପଶିବା ଘଟଣାରେ କେବେ ହେବ କାର୍ଯ୍ୟାନୁଷ୍ଠାନ। ଗତକାଲି ଜେଲ୍ ଡିଆଇଜି ଏବଂ ଜେଲ୍ ଅଧୀକ୍ଷକ କହିଥିଲେ ଏତଲା କରିବେ। ମାତ୍ର ୨୪ ଘଣ୍ଟା ପରେ ବି ଏତଲା ହୋଇନଥିବା ଜଣାପଡିଛି। ଗ୍ୟାଙ୍ଗଷ୍ଟରଙ୍କ ଥାର୍ ଗାଡ଼ି ଚୌଦ୍ୱାର ଜେଲରେ ପଶିବା ଘଟଣାରେ ଏତଲା ହେବ ବୋଲି ଗଣମାଧ୍ୟମକୁ ସୂଚନା ଦେବାର ୨୪ ଘଣ୍ଟା ବିତିଯାଇଥିଲେ ମଧ୍ୟ ଏତଲା ହୋଇନାହିଁ। ଏଯାଏଁ କାହାରି ବିରୋଧରେ ଏତଲା ହୋଇନି। ନା ଗ୍ୟାଙ୍ଗଷ୍ଟର ଲିଟୁଆ, ନା ଥାର୍ ଗାଡ଼ି ଚାଳକ, ନା ସାଥିରେ ଭିତରକୁ ଯାଇଥିବା ଅନ୍ୟମାନେ, କାହାରି ବିରୋଧରେ ହୋଇନି ଏତଲା। ଏଠି ପ୍ରଶ୍ନ, କାହିଁକି ଗ୍ୟାଙ୍ଗଷ୍ଟରଙ୍କ ବିରୋଧରେ ଏତଲା ଦେଉନାହାନ୍ତି ଜେଲ୍ କର୍ତ୍ତୃପକ୍ଷ ? ଏତଲା ଦେଲେ ଜେଲ୍ ବିଭାଗର ଦୋଷ ଦୁର୍ବଳତା ପଦାରେ ପଡ଼ିଯିବ କି ? ଜେଲ୍ ଭିତରକୁ ଗ୍ୟାଙ୍ଗଷ୍ଟରଙ୍କ ଥାର୍ ଗାଡ଼ି ଯିବା ବଡ଼ ତ୍ରୁଟି ଏବଂ ସୁରକ୍ଷା ଭଙ୍ଗ ବୋଲି ଜେଲ୍ ଅଧୀକ୍ଷକ ସ୍ୱୀକାର କରିଥିଲେ ବି ଏତଲା ନ କରିବା ଅପାରଗତାକୁ ଦର୍ଶାଉଛି ବୋଲି କହିଛନ୍ତି ପୂର୍ବତନ ପୁଲିସ ଅଧିକାରୀ। ଏପଟେ ଘଟଣାକୁ ନେଇ ଜୋର୍ ଧରିଛି ରାଜନୀତି। ବିଭ୍ରାଟ ପରେ ବିଭ୍ରାଟ ହେଉଛି। ତଥାପି ଗୃହ ବିଭାଗ କାର୍ଯ୍ୟାନୁଷ୍ଠାନ ନନେବା ସନ୍ଦେହ ସୃଷ୍ଟି କରୁଛି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି। ଜେଲ୍ ବିଭାଗ ବୁଢ଼ିଆଣୀ ଜାଲର ଅଡୁଆ ସୁତାରେ ଛନ୍ଦି ହୋଇ ଯାଇଥିବା କହିଛନ୍ତି ବରିଷ୍ଠ ଆଇନଜୀବୀ। ଚୌଦ୍ୱାର ଜେଲ୍ ଭିତରେ ଥାର୍ ଗାଡ଼ି ପଶିବା ଘଟଣାରେ କେବେ ହେବ ଏତଲା ? ଏତଲା ନାଁରେ ଆଉ କେତେ ଦିନ ଗଡ଼ାଇ ଚାଲିବେ ଜେଲ୍ କର୍ତ୍ତୃପକ୍ଷ ବୋଲି ସାଧାରଣରେ ଆଲୋଚନା ହେଉଛି।

## ଗ୍ରୀଲ କାଟି ଟଙ୍କା ଓ ସୁନା ଲୁଟିନେଲେ ଦୁର୍ବୃତ୍ତ

ପିପିଲି(ନିପ୍ର): ମଙ୍ଗଳବାର ରାତିରେ ପିପିଲି ଏସଡିପିଓଙ୍କ କାର୍ଯ୍ୟାଳୟ ଅଧିନ ବଳଙ୍ଗା ଥାନା ଅନ୍ତର୍ଗତ ଡାଙ୍ଗୁରା ଗ୍ରାମରେ ଦୁର୍ବୃତ୍ତ ମାନେ ଜଣେ ବ୍ୟକ୍ତିଙ୍କ ଘରୁ ୧ ଲକ୍ଷ ଟଙ୍କା ଓ ସୁନା ମୁଦି ଥିବା ଟ୍ରଙ୍କକୁ ଚୋରି କରିନେଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ବଳଙ୍ଗା ଥାନା ପୋଲିସ ପକ୍ଷରୁ ଥାନାରେ ୧୯୧/୨୬ ମାମଲା ରୁଜୁ କରାଯାଇ ସାଇଣ୍ଟିଫିକ ଟିମ ସହାୟତାରେ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ ଗ୍ରାମର ଅଶ୍ୱିନୀ କୁମାର ବରାଳ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ଅଶ୍ୱିନୀ କାମ କରିବାକୁ ଗତ ୧୮ ତାରିଖରୁ ବାହାରକୁ ଯାଇଥିଲେ। ଗତକାଲି ରାତିରେ ଅଶ୍ୱିନୀଙ୍କ ପରିବାର ଘର ଗ୍ରିଲ୍ ଚାବିଦେଇ ଖାଇ ପିଇ ଶୋଇଥିଲା ବେଳେ ଲାଇନ୍ କଟିଯାଇଥିଲା। ଗରମ ହେବାରୁ ଅଶ୍ୱିନୀଙ୍କ ମା ଓ ଭଉଣି ତାଙ୍କ ଶୋଇବା ଘର କବାଟ ଖୋଲି ଶୋଇଥିଲେ। ଅଶ୍ୱିନୀ ଘରେ ନଥିବା ସୁଯୋଗ ନେଇ ଦୁର୍ବୃତ୍ତମାନେ ଛାତ ସିଡି ଦେଇ ଘର ଭିତରକୁ ପଶି ଗ୍ରିଲ ଚାବି ଭାଙ୍ଗି ମା ଓ ଭଉଣୀ ଶୋଇବା ଘରେ ଥିବା ଟ୍ରଙ୍କକୁ ନେବା ସହିତ ଅଶ୍ୱିନୀଙ୍କ ପତ୍ନୀ ଶୋଇବା ଘରକୁ ବାହାରୁ ଶିକୁଳି ଦେଇଦେଇଥିଲେ। ଭୋର୍ ସମୟରେ ପତ୍ନୀ ଉଠି ବାହାରକୁ ଆସିବା ସମୟରେ ବାହାରପଟୁ କବାଟ ଦିଆଯାଇଥିଲା ଜାଣିବା ପରେ ସେ ଶାଶୁଙ୍କୁ ଡାକ ପକାଇଥିଲେ। ପାଟି ଶୁଣି ଅଶ୍ୱିନୀଙ୍କ ମା ଓ ଭଉଣୀ ଉଠି କବାଟ ଖୋଲିବା ସମୟରେ ଘର ଗ୍ରିଲ ଚାବି ଭଙ୍ଗା ଯିବା ଓ ଘରେ ଟ୍ରଙ୍କ ନଥିବା ଦେଖିଥିଲେ। ଉକ୍ତ ଟ୍ରଙ୍କରେ ଭଉଣୀ ବିବାହ ପାଇଁ ଅଶ୍ୱିନୀ ୧ ଲକ୍ଷ ଟଙ୍କା ଓ ଗୋଟେ ସୁନା ମୁଦି ରଖିଥିଲେ। ଦୁର୍ବୃତ୍ତମାନେ ଉକ୍ତ ଟ୍ରଙ୍କକୁ ଘରଠାରୁ ମାତ୍ର ୫୦ମିଟର ଦୂରରେ ଭାଙ୍ଗି ଫୋପାଡ଼ି ଦେଇଥିଲେ।

## ଯାଦୁଗରଙ୍କଠାରୁ ୨ଲକ୍ଷ ୫୦ ହଜାର ଠକେଇ, ଠକ ଗିରଫ

ଭୁବନେଶ୍ୱର(ନି.ପ୍ର): ଜଣେ ଯାଦୁଗରଙ୍କୁ ସେକେଣ୍ଡ ହ୍ୟାଣ୍ଡ କାର ଯୋଗାଇ ଦେବା ନାଁରେ ୨ ଲକ୍ଷ ୫୦ ହଜାର ଟଙ୍କା ଠକେଇ କରିଥିବା ଅଭିଯୋଗରେ ଜଣେ ଠକକୁ ଗିରଫ କରିଛି ଭରତପୁର ଥାନା ପୋଲିସ। ଗିରଫ ଠକର ନାମ ବିନୟ କୁମାର ଗଉଡ ଓ ତାଙ୍କ ଘର ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଭୋଇସାହିର ପ୍ଲଟ ନଂ ୫୨୯ରେ ବୋଲି ଜଣାପଡିଛି। ଏନେଇ ଏ ଅରୁଣ ପାତ୍ର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ଏ. ଅରୁଣ ପାତ୍ର ଜଣେ ଯାଦୁକର ଏବଂ ସେ ଜନ୍ମଦିନ ଏବଂ ବିବାହ ଉତ୍ସବ ପାର୍ଟିରେ ଷ୍ଟେଜ ଶୋ କରନ୍ତି। ତାଙ୍କ କାର୍ଯ୍ୟକ୍ରମ ସମୟରେ ସେ ଅଚ୍ୟୁତାନନ୍ଦ ଗୌଡ଼ ଏବଂ ତାଙ୍କ ଭାଇ ବିନୟ କୁମାର ଗଉଡଙ୍କ ସହିତ ଯୋଗାଯୋଗ କରିଥିଲେ। ଅଭିଯୋଗକାରୀ ଏବଂ ଅଭିଯୁକ୍ତ ପରସ୍ପର ମଧ୍ୟରେ କଥାବାର୍ତ୍ତା ଆରମ୍ଭ କରିବା ସମୟରେ, ଅଭିଯୁକ୍ତ ନିଜକୁ ସେକେଣ୍ଡ ହ୍ୟାଣ୍ଡ ଗାଡ଼ିର ବ୍ୟବସାୟିକ ବ୍ୟକ୍ତି ଭାବରେ ଚିହ୍ନଟ କରିଥିଲେ। ଅଭିଯୋଗକାରୀଙ୍କୁ କାର୍ଯ୍ୟକ୍ରମ ଆଟେଣ୍ଡ ପାଇଁ ଗୋଟିଏ ଗାଡ଼ି ଆବଶ୍ୟକ ଥିବାରୁ, ସେ ଅଭିଯୁକ୍ତଙ୍କୁ ଏକ ସେକେଣ୍ଡ ହ୍ୟାଣ୍ଡ ଗାଡିର ବ୍ୟବସ୍ଥା କରିବାକୁ କହିଥିଲେ। ଏହା ପରେ ଅଭିଯୋଗକାରୀ, ସନ୍ତୋଷ ଖଟେଇ (ଅଭିଯୁକ୍ତ ବିନୟ କୁମାର ଗୌଡ଼ାଙ୍କ ବନ୍ଧୁ)ଙ୍କୁ ଗତ ମେ ୯ ତାରିଖ ଦିନ ଅଗ୍ରୀମ ଭାବରେ ୫୦ ହଜାର ଟଙ୍କା ଫୋନ୍-ପେ ମାଧ୍ୟମରେ ଦେଇଥିଲେ। ପରେ ଅଭିଯୋଗକାରୀ ତୁରନ୍ତ ଅଭିଯୁକ୍ତ ବିନୟ କୁମାର ଗୌଡ଼ଙ୍କୁ ଗାଡି ପାଇଁ ୨ ଲକ୍ଷ ଟଙ୍କା ଦେଇଥିଲେ। କିନ୍ତୁ ଅଭିଯୁକ୍ତ ଜଣକ ଗାଡି ହସ୍ତାନ୍ତର କରିନଥିଲେ କିମ୍ବା ପୂର୍ବରୁ ପାଇଥିବା ଟଙ୍କା ମଧ୍ୟ ଫେରସ୍ତ କରିନଥିଲେ। ପରେ ଅଭିଯୋଗକାରୀ ଜାଣିପାରିଲେ ଯେ, ଅଭିଯୁକ୍ତ ବିନୟ କୁମାର ଗୌଡ଼ ଗାଡି ବିକ୍ରୟ କରିବାର ମିଥ୍ୟା ପ୍ରତିଶୃତି ଦେଇ ତାଙ୍କ ଠାରୁ ଟଙ୍କା ଠକିନେଇଛନ୍ତି। ଅଭିଯୋଗକାରୀ ଭିଯୁକ୍ତଙ୍କୁ ଯୋଗାଯୋଗ କରି ଟଙ୍କା ଫେରସ୍ତ ପାଇଁ କହିବାରୁ, ଅଭିଯୁକ୍ତ ତାଙ୍କୁ ଖରାପ ଭାଷାରେ ଗାଳି କରିଥିଲେ ଏବଂ ଭୟଙ୍କର ପରିଣାମ ଦେବାକୁ ଧମକ ଦେଇଥିଲେ। ଅଭିଯୋଗକାରୀଙ୍କ ଅଭିଯୋଗ ପରେ ପୋଲିସ ମାମଲାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ସହ ଅଭିଯୁକ୍ତ ବିନୟ କୁମାର ଗଉଡଙ୍କୁ ଛତିଶଗଡର ରାୟପୁର ସହରରୁ ଗିରଫ କରିଥିଲା।

## ହୋଟେଲ ମାଲିକଙ୍କୁ ହତ୍ୟା

ପୁରୀ(ନିପ୍ର): ପୁରୀରେ ହୋଟେଲ ମାଲିକଙ୍କୁ ହତ୍ୟା କରାଯାଇଥିବା ଜଣାପଡିଛି। ବଳିଆପଣ୍ଡା ଥାନା ଅଞ୍ଚଳରେ ଘଟିଛି ଜଘନ୍ୟ ହତ୍ୟାକାଣ୍ଡ। ମୃତ ହୋଟେଲ ମାଲିକଙ୍କ ନାମ ପବିତ୍ର ନାୟକ। ପବିତ୍ର ନାୟକଙ୍କ ବଳିଆପଣ୍ଡା ଅଞ୍ଚଳରେ ମନୋରମା ନାମକ ଏକ ହୋଟେଲ ରହିଛି। ଗତକାଲି ବିଳମ୍ବିତ ରାତିରେ ଘଟିଛି ହତ୍ୟାକାଣ୍ଡ। ପୋଲିସ ମୃତଦେହକୁ ଜବତ୍ କରି ହସ୍ପିଟାଲରେ ଭର୍ତ୍ତି କରିଛି। ଘଟଣାକୁ ନେଇ ତଦନ୍ତ ଜାରି ରଖିଛି ପୋଲିସ୍। ହତ୍ୟାକାଣ୍ଡର କାରଣ ସ୍ପଷ୍ଟ ହୋଇନାହିଁ।

## ଗାଡି ପାର୍କକୁ ନେଇ ମରଣାନ୍ତକ ଆକ୍ରମଣ, ଯୁବକ ଗିରଫ

ଭୁବନେଶ୍ୱର(ନି.ପ୍ର): ଗାଡି ପାର୍କିଂକୁ ନେଇ ପଡିଶା ଘରର ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ଲକ୍ଷ୍ମୀସାଗର ଥାନା ପୋଲିସ ବୁଧବାର ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ନାମ ଆଶିଷ ପଣ୍ଡା (୨୮) ଓ ତାଙ୍କ ଲୋଟାସ ହୋଟେଲ ନିକଟରେ ବୋଲି ଜଣାପଡିଛି। ଏନେଇ ନର୍ମଦା ଦାଶ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ, ଅଭିଯୋଗକାରିଣୀ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ସାମନ୍ତରାୟ ବିଲ୍ଡିଂରେ ପରିବାର ସହ ରୁହନ୍ତି। ଗତକାଲି ବିଳମ୍ବିତ ରାତିରେ, ତାଙ୍କର ଜଣେ ପଡ଼ୋଶୀ ସେମାନଙ୍କ ଘରକୁ ଆସି କଲିଂ ବେଲ୍ ବଜାଇଥିଲେ। କଲିଂ ବେଲ୍ ଶବ୍ଦ ଶୁଣି ତାଙ୍କ ପୁଅ ଦ୍ୱାର ଖୋଲି ଏତେ ବିଳମ୍ବରେ ଘଣ୍ଟି ବଜାଇବାର କାରଣ ପଚାରିଲେ। ଉକ୍ତ ବ୍ୟକ୍ତି ଉତ୍ତର ଦେଲେ ଯେ ସେମାନଙ୍କ ଗାଡ଼ି ପଛ ପାର୍ଶ୍ୱରେ ପାର୍କ କରାଯାଇଛି ଏବଂ ଗାଡ଼ିକୁ ଆଗକୁ ଘୁଞ୍ଚାଇବାକୁ କହିଲେ ଯାହାଦ୍ୱାରା ସେ ତାଙ୍କ ଗାଡ଼ି ପାର୍କ କରିପାରିବେ। ତେଣୁ ତାଙ୍କ ପୁଅ ତଳକୁ ଆସି ଗାଡ଼ି ସ୍ଥାନାନ୍ତର କଲେ। ଏହା ପରେ, ଉକ୍ତ ବ୍ୟକ୍ତି ତାଙ୍କ ପୁଅ ସହିତ ଗାଡ଼ିର ସ୍ଥିତି ବିଷୟରେ ଯୁକ୍ତିତର୍କ କରିବା ଆରମ୍ଭ କଲେ ଏବଂ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କଲେ। ଏହିପରି ଝଗଡ଼ା ସମୟରେ, ଦୁଇ ଝିଅ ଏବଂ ତାଙ୍କ ସହିତ ଥିବା ଅନ୍ୟ ଚାରିରୁ ପାଞ୍ଚ ଜଣ ପୁଅ ତାଙ୍କ ପୁଅକୁ ପ୍ରବଳ ଆକ୍ରମଣ କଲେ। ହୋହଲ୍ଲା ଶୁଣି ଅଭିଯୋଗକାରିଣୀ ତଳକୁ ଆସିଲେ ଏବଂ ଦେଖିଲେ ଯେ ଅଭିଯୁକ୍ତମାନେ ତାଙ୍କ ପୁଅକୁ ତଳେ ପକାଇ ଦେଇଛନ୍ତି ଏବଂ ତାଙ୍କୁ ନିର୍ମମ ଭାବରେ ଆକ୍ରମଣ କରୁଛନ୍ତି। ଯେତେବେଳେ ସେ ତାଙ୍କ ପୁଅକୁ ବଞ୍ଚାଇବାକୁ ହସ୍ତକ୍ଷେପ କଲେ, ସେହି ଦୁଇ ଝିଅ ତାଙ୍କୁ ମଧ୍ୟ ଆକ୍ରମଣ କଲେ, ତାଙ୍କ ପୋଷାକ ଟାଣି ଦେଲେ ଏବଂ ତାଙ୍କ ଭଦ୍ରତାକୁ କ୍ଷୁର୍ଣ୍ଣ କରିବାକୁ ଚେଷ୍ଟା କଲେ।

## ଗଂଜେଇ ଚାଲାଣ ପେଣ୍ଠ ପାଲଟିଛି ଆଠଗଡ଼

- ୧ କୁଇଣ୍ଟାଲ ୯୨ କେଜି ୭୫୦ ଗ୍ରାମର ଗଂଜେଇ ଜବତ
- ମୁଖ୍ୟ ଅଭିଯୁକ୍ତ ଫେରାର



ଆଠଗଡ଼(ନିପ୍ର): ଆଠଗଡ଼ ଅଂଚଳ ପାଲଟି ଯାଇଛି ବେଆଇନ ନିଶା ମାଫିଆଙ୍କ ପେଣ୍ଠସ୍ଥଳୀ। ବିଭିନ୍ନ ସମୟରେ ଅବକାରୀ ବିଭାଗର ଅଧିକାଂଶ ଚଢାଉରେ କେହି ଗିରଫ ନହେବା ସାଧାରଣରେ ନାନା ସନ୍ଦେହ ସୃଷ୍ଟି ହେଉଛି। ସେହିପରି ଆଠଗଡ଼ରେ ଦୀର୍ଘଦିନ ଧରି ଗଂଜେଇ ଚାଲାଣର ହବ ପାଲଟିଥିବା ବେଳେ ସ୍ଥାନୀୟ ଅବକାରୀ ବିଭାଗ, ଭ୍ରମ୍ୟମାଣ ଅବକାରୀ ୟୁନିଟ, କେନ୍ଦ୍ରୀୟ ଅବକାରୀ ବିଭାଗ ସହିତ ସ୍ଥାନୀୟ ପୋଲିସ ପ୍ରଶାସନ ସାଜିଛନ୍ତି ନିରବ ଦ୍ରଷ୍ଟା ବୋଲି ଅଭିଯୋଗ ହେଉଛି। ଫଳରେ ବୁଧବାର ସ୍ପଷ୍ଟ ଦିବାଲୋକରେ ଗାଡ଼ିରେ ଆସି ବସ୍ତା ବସ୍ତା ଗଂଜେଇ ଅନଲୋଡ ହୋଇଥିଲା ଆଠଗଡ଼ ଥାନା ଅନ୍ତର୍ଗତ କନ୍ଦରପୁର ମୁଖ୍ୟ ରାସ୍ତା କୁଣ୍ଡମୁଣ୍ଡିଆ ଗଡା ତଳେ ଥିବା ବାଉଁଶ ଗଛ ମୂଳରେ। ଏହି ସୂଚନା ପାଇଁ ଭୁବନେଶ୍ୱର ସ୍ପେସିଆଲ ଟାସ୍କଫୋର୍ସର ୧୦ ଜଣିଆ ଟିମ ଚଢ଼ାଉ କରି ୮ ବସ୍ତା ଗଂଜେଇ (ପରିମାଣ ୧ କୁଇଣ୍ଟାଲ ୯୩ କେଜି ୭୫୦ ଗ୍ରାମ) ସହିତ ଗଂଜେଇ ଚାଲାଣକାରୀ ଗଂଜେଇ ମାଫିଆ ଫୁଲୁବାଣୀ ଥାନା ଅଂଚଳ ଫିରିଙ୍ଗିଆ ଗ୍ରାମର ଖଗେଶ୍ୱର କଅଁରଙ୍କ ପୁଅ ନୀଳାମ୍ବର କଅଁର(୪୮)ଙ୍କୁ ଗିରଫ କରିଥିବା ସୂଚନା ଦେଇଥିଲେ ସ୍ପେସିଆଲ ଟାସ୍କ ଫୋର୍ସ ଟିମ। ଘଟଣାରୁ ପ୍ରକାଶ ଦୀର୍ଘ ଦିନ ଧରି ଏହି ଗଂଜେଇ ମାଫିଆଙ୍କ ଉପରେ ନଜର ରଖିଥିବା ଭୁବନେଶ୍ୱର ସ୍ପେସିଆଲ ଟାସ୍କଫୋର୍ସର ସବଇନିସପେକ୍ଟର ଅରୁଣ କୁମାର ମଲ୍ଲିକ ସ୍ପେସିଆଲ ଡିଆଇଜି କେ ବି ଶିଙ୍ଗଙ୍କୁ ସୂଚନା ଦେଇଥିଲେ। ଶ୍ରୀ ଶିଙ୍ଗଙ୍କ ନିର୍ଦ୍ଦେଶରେ ଭୁବନେଶ୍ୱର ସ୍ପେସିଆଲ ଟାସ୍କଫୋର୍ସର ଆଇଆଇସି ଅମିତ କୁମାର ବିଶ୍ୱାଳ, ଆଇଆଇସି ପର୍ଶୁରାମ ସାହୁଙ୍କ ନେତୃତ୍ୱରେ ଏକ ୧୦ ଜଣିଆ ଟିମ ଘଟଣା ସ୍ଥଳରେ ପହଂଚି ଗଂଜେଇ ସହିତ ଗଂଜେଇ ମାଫିଆଙ୍କୁ ଗିରଫ କରି ଆଠଗଡ଼ ଥାନା ଜିମା ଦେଇଥିବା ବେଳେ ଆସନ୍ତା କାଲି କୋର୍ଟ ଚାଲାଣ କରାଯିବ ବୋଲି ପ୍ରକାଶ କରିଥିଲେ। ଟିମର ଆଇଆଇସି ଶ୍ରୀ ବିଶ୍ୱାଳ ଓ ଶ୍ରୀ ସାହୁ ସ୍ପଷ୍ଟ ଦିବାଲୋକରେ ଜନଗହଳିପୂର୍ଣ୍ଣ ରାସ୍ତା ପାର୍ଶ୍ୱରେ କେମିତି ନିର୍ଭୟରେ ବଡ ବଡ଼ ଗାଡ଼ିରେ ବସ୍ତା ବସ୍ତା ଗଂଜେଇ ଆସି ଏହି ସ୍ଥାନରେ ଅନଲୋଡ ହୋଇ ଗଚ୍ଛିତ ରଖାଯିବା ସହ ପରେ ଏହି ସ୍ଥାନରୁ ବିଭିନ୍ନ ଜିଲ୍ଲା ସହିତ ସାରା ଆଠଗଡ ସହରଠାରୁ ଗାଁ ଗହଳିକୁ ଚାଲାଣ ହୋଇଥାଏ। ବୁଧବାର ମଧ୍ୟ ସ୍ପେସିଆଲ ଫୋର୍ସ ଟିମ ଆସିବା ପୂର୍ବରୁ ଆଠଗଡ଼ ଅଂଚଳ ଗଂଜେଇ ଚାଲାଣକାରୀ ମୁଖ୍ୟ ମାଷ୍ଟର ମାଇଣ୍ଡ ଫେରାର ହୋଇଯାଇଥିଲା। ବସ୍ତା ବସ୍ତା ଗଂଜେଇ ଅନଲୋଡ ହୋଇଥିବାବେଳେ ମାତ୍ର ସ୍ୱଳ୍ପ ପରିମାଣ ଗଂଜେଇ ଜବତ ହୋଇଥିଲା। ପୂର୍ବରୁ ତିଗିରିଆ, ଖୁଣ୍ଟୁଣୀ ପରେ ଆଠଗଡ଼ ସହର ବିରକିଶରପୁର ମୈତ୍ରୀ ନଗର ମଧ୍ୟରେ ନକଲି ବିଦେଶୀ ମଦ କାରଖାନା ଚାଲିଥିବା ବେଳେ ସ୍ଥାନୀୟ ଉପଖଣ୍ଡ ପୋଲିସ ପ୍ରଶାସନ ନା ସ୍ଥାନୀୟ ଅବକାରୀ ବିଭାଗ କେମିତି ତାର ଟେର ପାଇ ନ ଥିଲେ ତାହା ଏବେବି ଚର୍ଚ୍ଚାର ବିଷୟ ହୋଇ ରହିଛି।

## ବାଘମରା ପାହାଡରୁ ନର କଙ୍କାଳ ଉଦ୍ଧାର

ଭଞ୍ଜନଗର: ଗଞ୍ଜାମଜିଲ୍ଲା ଭଞ୍ଜନଗର ଥାନା ଅଧୀନ ଦଦରଲୁଣ୍ଡା ପଞ୍ଚାୟତ ଜି.ରମ୍ଭା ନିକଟ ଏକ ଜଙ୍ଗଲର ପାହାଡ ଉପରୁ ଏକ ନର କଙ୍କାଳ ଉଦ୍ଧାର ହୋଇଛି। ଜି.ରମ୍ଭା ମୁଖ୍ୟ ରାସ୍ତାରୁ ପ୍ରାୟ ୩୦୦ ମିଟର ଦୂରରେ ରହିଥିବା ବାଘମରା ଜଙ୍ଗଲରେ ରହିଥିବା ପାହାଡ ଉପରୁ ଉକ୍ତ କଙ୍କାଳଟି ଉଦ୍ଧାର ହୋଇଥିବା ପୁଲିସ ସୂଚନା ଦେଇଛି। ପ୍ରାଥମିକ ସ୍ତରରେ ଏହା ଏକ ପୁରୁଷ ଲୋକର ବୋଲି ପାରିପର୍ଶ୍ୱିକ ସ୍ଥିତିରୁ ଅନୁମାନ କରାଯାଉଛି। ପାହଡ ନିକଟରେ ଏକ ଗଛରେ ଗାମୁଛା ବନ୍ଧା ହୋଇଥିବା ବେଳେ ସେଥିରେ କିଛି ଚୁଟି ଓ ଖପୁରୀ ରହିଥିବା ବେଳେ ଶରୀରର ଅନ୍ୟ ଅଂଶ ତଳେ ପଡିଥିବା ଦେଖିବାକୁ ମିଳିଛି। କଙ୍କାଳର ଉପର ପାଖରେ କେବଳ ଚମଡା ରହିଥିବା ଦେଖିବାକୁ ମିଳିଛି। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏଥିସହ କେସ ନମ୍ବର ୧୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି କଙ୍କାଳକୁ ସ୍ଥାନୀୟ ଲୋକଙ୍କ ଉପସ୍ଥିତିରେ ଉଦ୍ଧାର କରି ବ୍ୟବଛେଦ ନିମନ୍ତେ ବ୍ରହ୍ମପୁର ଏମ୍‌ଏମ୍‌ସିକୁ ପଠାଯାଇଥିବା ଥାନା ଅଧିକାରୀ ଜୀବନାନନ୍ଦ ଜେନା ସୂଚନା ଦେଇଛନ୍ତି। ଉଦ୍ଧାର ହୋଇଥିବା କଙ୍କାଳର ପ୍ରକୃତ ପରିଚୟ ସ୍ପଷ୍ଟ ହୋଇନଥିବା ବେଳେ ଗତ ୧୫ ଦିନ ହେଲା ନିଖୋଜ ହୋଇଥିବା ଜଣେ ବ୍ୟକ୍ତିଙ୍କ ବୋଲି ଅନୁମାନ କରାଯାଉଛି।

## ଚାମେଲି ଓଝା ବିବାଦର ଜନସ୍ୱାର୍ଥ ମାମଲା ପ୍ରତ୍ୟାହୃତ

କଟକ(ନିପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ତିଖିରି ପଞ୍ଚାୟତ ସରପଞ୍ଚ ଚାମେଲି ଓଝାଙ୍କ ସହ ପୁଲିସ ଓ ପ୍ରଶାସନର ବିବାଦ ଘଟଣାରେ ହାଇକୋର୍ଟରେ ଦାଖଲ ହୋଇଥିବା ଜନସ୍ୱାର୍ଥ ମାମଲାକୁ ଆବେଦନକାରୀ ପ୍ରତ୍ୟାହାର କରିନେଇଛନ୍ତି। ଭାରତୀୟ ବିକାଶ ପରିଷଦ ପକ୍ଷରୁ ଦାଖଲ ହୋଇଥିଲା ଏହି ଜନସ୍ୱାର୍ଥ ମାମଲା। ତେବେ ମାମଲା ଅସାମୟିକ ହୋଇଥିବା ଯୋଗୁଁ ଏହାକୁ ପ୍ରତ୍ୟାହାର କରି ନେଇଛନ୍ତି ଆବେଦନକାରୀ। ଏହି ଘଟଣାର ନିରପେକ୍ଷ ତଦନ୍ତ କରିବା ପାଇଁ ସ୍ପେଶାଲ ଇନଭେଷ୍ଟିଗେସନ ଟିମ ବା ଏସଆଇଟି ଗଠନ କରିବା ଦାବିରେ ଭାରତୀୟ ବିକାଶ ପରିଷଦ ପକ୍ଷରୁ ଜନସ୍ୱାର୍ଥ ମାମଲା ଦାୟର କରାଯାଇଥିଲା। ନିର୍ବାଚିତ ଜନପ୍ରତିନିଧି ଓ ସରକାରୀ କର୍ମଚାରୀଙ୍କ ମଧ୍ୟରେ ବିବାଦ ଉପୁଜିଲେ ପୁଲିସର ଆଚରଣ ଓ ଉଚ୍ଚାରଣ କିପରି ହେବା ଉଚିତ ଏବଂ କିଭଳି ଏମାନେ ପୁଲିସ ଦ୍ୱାରା ନିର୍ଯାତିତ ନହେବେ, ସେ ନେଇ ଗାଇଡଲାଇନ ଜାରି କରିବା ପାଇଁ ଭାରତୀୟ ବିକାଶ ପରିଷଦ ପକ୍ଷରୁ ଆବେଦନରେ ଦର୍ଶାଯାଇଥିଲା। ଏହି ଘଟଣାର ମେଡିକାଲ ରିପୋର୍ଟ ଏବଂ ସିସିଟିଭି ଫୁଟେଜ ସଂରକ୍ଷିତ ରଖିବାକୁ ପ୍ରାର୍ଥନା କରିଥିଲେ ଆବେଦନକାରୀ। ଚାମେଲିଙ୍କ ବିରୋଧରେ ମହାକାଳପଡ଼ା ବିଡିଓ ପ୍ରଥମ ଏତଲା ଦାୟର କରିବାର ୧ ଘଣ୍ଟା ୨୦ ମିନିଟ ମଧ୍ୟରେ ପୁଲିସ ପକ୍ଷରୁ ଦ୍ୱିତୀୟ ଏତଲା ଦାୟରକୁ ନେଇ ଆବେଦନକାରୀ ପ୍ରଶ୍ନ ଉଠାଇଥିଲେ। ପୁଲିସ ହେପାଜତରେ ଥିବା ଜଣେ ଜନ ପ୍ରତିନିଧିଙ୍କୁ ପୁଲିସ ଦୁର୍ବ୍ୟବହାର କରିବା ସହ ଓଲଟା ତାଙ୍କ ବିରୋଧରେ ଏତଲା ଦାୟର କରିବା ଅନେକ ସନ୍ଦେହ ସୃଷ୍ଟି କରୁଛି ବୋଲି ଆବେଦନାକାରୀଙ୍କ ଓକିଲ କହିଥିଲେ। ଆବେଦନାକାରୀଙ୍କ ପକ୍ଷରୁ ଏହି ମାମଲାରେ ମୁଖ୍ୟ ଶାସନ ସଚିବ, ଗୃହ ସଚିବ, ପୁଲିସ ଡିଜି, କେନ୍ଦ୍ରାପଡ଼ା ଏସପି, ପଞ୍ଚାୟତିରାଜ ବିଭାଗ ସଚିବ, କେନ୍ଦ୍ରାପଡ଼ା ଜିଲ୍ଲାପାଳ ଓ ବିଡିଓଙ୍କୁ ପକ୍ଷଭୁକ୍ତ କରାଯାଇଥିଲା।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର: ହତ୍ୟା ନା ଆତ୍ମହତ୍ୟା

କଟକ(ନିପ୍ର): କଟକ ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ଶିଖରପୁର ଅଞ୍ଚଳରେ ଏକ ଗଛରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ଘଟଣା ଜଣାପଡ଼ିବା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ପ୍ରାଥମିକ ଭାବେ ଏହା ଏକ ସନ୍ଦେହଜନକ ମୃତ୍ୟୁ ବୋଲି ଅନୁମାନ କରାଯାଉଥିବାବେଳେ କେହି ଯୁବକଙ୍କୁ ହତ୍ୟାକରି ଗଛରେ ଝୁଲାଇ ଦେଇଥିବା ସନ୍ଦେହ ମଧ୍ୟ ପ୍ରକାଶ ପାଉଛି। ଖବରପାଇ ଚାଉଳିଆଗଞ୍ଜ ଥାନା ଆଇଆଇସି ଓ ଏସିପି ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ତଳକୁ ଓହ୍ଲାଇଥିଲେ ଓ ବ୍ୟବଛେଦ ପାଇଁ ମୃତଦେହକୁ ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲକୁ ପଠାଇଥିଲେ। ମୃତ ଯୁବକଙ୍କ ପରିଚୟ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନଥିବାବେଳେ ଘଟଣାସ୍ଥଳରୁ ପୁଲିସ୍ ଏକ ମୋବାଇଲ ଫୋନ ଜବତ କରିଛି। ମୋବାଇଲର ଲକ୍ ଖୋଲିବା ପରେ ମୃତକଙ୍କ ପରିଚୟ ସହ ମୃତ୍ୟୁ ପଛର ରହସ୍ୟ ସାମ୍ନାକୁ ଆସିପାରେ ବୋଲି ତଦନ୍ତକାରୀ ଅଧିକାରୀମାନେ ଆଶା କରୁଛନ୍ତି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ବିଭିନ୍ନ ଦିଗରୁ ଘଟଣାର ତଦନ୍ତ ଜାରି ରଖିଛି। ତେବେ ଏହା ପ୍ରକୃତରେ ଆତ୍ମହତ୍ୟା ନା କୌଣସି ସୁପରିକଳ୍ପିତ ହତ୍ୟାକାଣ୍ଡ, ତାହା ସ୍ପଷ୍ଟ ହୋଇନାହିଁ। ପୁଲିସର ତଦନ୍ତ ଏବଂ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହା ସ୍ପଷ୍ଟ ହେବ। ମୋବାଇଲ ଫୋନର ତଥ୍ୟ ଏହି ରହସ୍ୟମୟ ମୃତ୍ୟୁର ସବୁଠୁ ବଡ଼ ସୁରାକ ହୋଇପାରେ ବୋଲି ପୋଲିସ ସୂତ୍ରରୁ ପ୍ରକାଶ।

# ଆଇପିଏଲ୍ ବେଟିଂ 'ବସ୍'କୁ ବାନ୍ଧିଲା ପୋଲିସ୍



ପୁରୀ(ନିପ୍ର): ଆଇପିଏଲ ବେଟିଂରେ ବସ୍‌କୁ ବାନ୍ଧିଲା ପୋଲିସ୍। ଆଇପିଏଲ ବେଟିଂ ରାକେଟରେ ସମ୍ପୃକ୍ତ ରହି ସାମ୍ରାଜ୍ୟ ଚଳାଉଥିବା ମୁଖ୍ୟ ମାଷ୍ଟର ମାଇଣ୍ଡକୁ ପୋଲିସ ଧରିବାରେ ସକ୍ଷମ ହୋଇଛି। ପୁରୀ ଏସପି ପ୍ରତୀକ ସିଂ ଏନେଇ ସୂଚନା ଦେଇଛନ୍ତି। ଫିଲ୍ମ ଷ୍ଟାଇଲରେ ନିଜ ନାମକୁ ଗୋପନ ରଖି ବେଟିଂ ମାଧ୍ୟମରେ କୋଟି କୋଟି ଟଙ୍କା ହଡେଇଥିଲା ଅଭିଯୁକ୍ତ। ଅଭିଯୁକ୍ତ କ୍ରିଷ୍ଣା ପ୍ରସାଦ ତ୍ରିପାଠୀଙ୍କୁ ଗିରଫ କରିଛି ପୋଲିସ। କ୍ରୀଷ୍ଣ ଓରଫ୍ ବସ୍‌ର ବ୍ରହ୍ମପୁରରେ ଘର ଅଛି। ନମସ୍ତେ ନାମକ ଏକ ହୋଟେଲ ମଧ୍ୟ ଅଭିଯୁକ୍ତର ରହିଛି। ତାର ଘର ସର୍ଚ୍ଚକରି ପ୍ରାୟ ୧୦ ଲକ୍ଷ ଟଙ୍କା ଜବତ କରିଛି ପୋଲିସ୍। ଆକ୍ସିସ ବ୍ୟାଙ୍କରେ ଥିବା ୮ଲକ୍ଷ ଟଙ୍କା ଜବତ କରିଛି ପୋଲିସ। ଅନ୍ୟ ଡିଟେଲ୍ସ ଉପରେ ମଧ୍ୟ ପୋଲିସ ଛାନଭିନ କରୁଛି। ବ୍ୟାଙ୍କ୍ ଆକାଉଣ୍ଟ ସହ ତାର ସମ୍ପତ୍ତି, ଏଟିଏମ ଆଦି ସମସ୍ତ ଡିଟେଲ୍ସ ଯାଞ୍ଚ କରୁଛି ପୋଲିସ୍। ତେବେ କ୍ରିଷ୍ଣା ନିଜ ପରିଚୟ ଗୋପନ ରଖି ଏହି କାରବାର କରି ଆସୁଥିଲା। ବସ୍ ନାମରେ ତାକୁ ସମସ୍ତେ ଜାଣିଥିଲେ। ସେ ହିଁ ସଫ୍ଟୱେର ଡେଭେଲପ କରି, ସ୍କାଇ ଏକ୍ସଚେଞ୍ଜ ନାମକ ବେଟିଂ ପ୍ଲାଟଫର୍ମ ମାଧ୍ୟମରେ ଲକ୍ଷ ଲକ୍ଷ ଟଙ୍କା ହାତଉଥିଲା। ତେବେ ଗତ ଏପ୍ରିଲ ୨୯ ତାରିଖରେ ଆଇପିଏଲ ବେଟିଂ ପାଇଁ ୪ ଜଣଙ୍କୁ ଧରିଥିଲା ପୋଲିସ। ୨୩ ଲକ୍ଷ ୩୫ ହଜାର ଟଙ୍କାର ସମେତ ୩୧ ଲକ୍ଷ ୮୧ ହଜାର ୨୪୪ ଟଙ୍କା ଫ୍ରିଜ କରିଥିଲା ପୋଲିସ୍। ପୁରୀ ମଶାଣି ଚଣ୍ଡୀଠାରେ ଏକାଠି ହୋଇ ଚଳାଇଥିଲେ ବେଟିଂ। ସ୍କାଇ ଏକ୍ସଚେଞ୍ଜ ବେଟିଂ ପ୍ଲାଟଫର୍ମରେ ବେଟ୍ ଚାଲିଥିଲା ବେଳେ ପୋଲିସ୍‌କୁ ଦେଖି ଦୌଡି ପଳାଇଥିଲେ ଏକାଧିକ ବ୍ୟକ୍ତି। ମାର୍କଣ୍ଡେଶ୍ୱର ସାହିର ପ୍ରସନ୍ନ ପୃଷ୍ଟି, ବଡ଼ଶଙ୍ଖ ଅଞ୍ଚଳର ବି ନାଗେଶ୍ୱର ରାଓ, ମଶାଣି ଚଣ୍ଡୀ ଛକର ବିଶ୍ୱଜିତ୍ ଲେଙ୍କା, ଚନ୍ଦନପୁର ବୀରପ୍ରତାପପୁରର ରମାକାନ୍ତ ସାହୁଙ୍କୁ ବାନ୍ଧିଛି ପୋଲିସ୍। ଘଟଣା ସ୍ଥଳରୁ ୩ ଲକ୍ଷ ୪ ହଜାର ଟଙ୍କା ସମେତ ୬ ମୋବାଇଲ ଜବତ କରିଛି ପୋଲିସ। ପ୍ରସନ୍ନ ପୃଷ୍ଟିଙ୍କ ଘରେ ଚଢାଉ ବେଳେ ୨୨ ଲକ୍ଷ ୩୧ ହଜାର ଟଙ୍କାର କ୍ୟାସ ମିଳିଥିଲା। ଦୁଇ ବର୍ଷ ଧରି ଚାଲିଥିଲା ଏହଭଳି ଅବୈଧ ବ୍ୟାପାର। କିନ୍ତୁ ମୁଖ୍ୟ ଅଭିଯୁକ୍ତ କ୍ରିଷ୍ଣା ଓରଫ ବସ୍‌କୁ ଧରିବାରେ ପୋଲିସ ସଫଳ ହୋଇପାରିନଥିଲା। ଶେଷରେ ପୁରୀ ପୋଲିସକୁ ସଫଳତା ମିଳିଛି। ଅଧିକ ଛାନଭିନ ଜାରି ରହିଛି ବୋଲି କହିଛନ୍ତି ଏସପି। ପୁରୀ ଏସପି ପ୍ରତୀକ ସିଂ ନିଜ ପ୍ରତିକ୍ରିୟାରେ କହିଛନ୍ତି, ଗତ ଏପ୍ରିଲ ମାସରେ ସାଇବର ଥାନାରେ ଏକ ମାମଲା ହୋଇଥିଲା। ଆମ ପାଖରେ ଖବର ଆସିଥିଲା କିଛି ବ୍ୟକ୍ତି ଆଇପିଏଲ୍‌ରେ ମୋବାଇଲ ଆପ୍‌ରେ ବେଟିଂ କରୁଛନ୍ତି। ଲୋକଙ୍କଠାରୁ ଟଙ୍କା ଆଦାୟ କରାଯାଉଥିଲା। କିଛି ଲୋକଙ୍କୁ ଗିରଫ କରାଯାଇଥିଲା। ତେବେ ତଦନ୍ତରୁ ଜଣାପଡିଥିଲା ଏହା ପଛରେ ଜଣେ କିଙ୍ଗପିନ ରହିଛି। ଯାହାକି ସମସ୍ତେ ଏକ କୋଡ ନାମରେ ଡାକୁଥିଲେ। ସେ ନିଜ ନାମ ଗୋପନ ରଖି ସବୁ କିଛି କାରବାର କରୁଥିଲା। କୋଟି କୋଟି ଟଙ୍କାର କାରବାର ହେଉଥିଲା। ତେବେ ତାକୁ ଧରିବାକୁ ଆମେ କିଛି ସାଇବର ଏକ୍ସପର୍ଟ ଙ୍କ ଯୋଗାଯୋଗ କରିଥିଲୁ। ପରେ ଜଣାପଡିଲା ସେ କୃଷ୍ଣ ପ୍ରସାଦ ତ୍ରୀପାଠୀ (୩୨)। ସେ ବ୍ରହ୍ମପୁରର ବାସିନ୍ଦା। ତେବେ ଆମ ସାଇବର ଥାନା ଷ୍ଟାଫ୍ ଯାଇ ତାକୁ ଧରିଛନ୍ତି। ତାଙ୍କ ଘରୁ ୧୦ ଲକ୍ଷ ଟଙ୍କା ନଗଦ ଅର୍ଥ ଜବତ କରାଯାଇଛି। ଏକ ବ୍ୟାଙ୍କ ଆକାଉଣ୍ଟ ରେ ୮ଲକ୍ଷ ଟଙ୍କା ରହିଛି। ଏହି ଟଙ୍କାକୁ ନେଇ ତଦନ୍ତ କରାଯାଉଛି। ବ୍ରହ୍ମପୁରରେ ଏକ ହୋଟେଲ ତାଙ୍କର ରହିଛି। ତାଙ୍କର ଥିବା ସବୁ ସମ୍ପତ୍ତିର ତଦନ୍ତ କରାଯାଉଛି। ତେବେ ଅନ୍ୟ କିଛି ଡକ୍ୟୁମେଣ୍ଟ ଜବତ କରାଯାଇଛି। ତାଙ୍କୁ ସାଇବର ଥାନା ପୁଲିସ ପକ୍ଷରୁ ଗିରଫ କରାଯାଇଛି।

# କଳିଙ୍ଗ ଷ୍ଟାଡିୟମରେ ୬୫ତମ ଜାତୀୟ ଆନ୍ତଃ-ରାଜ୍ୟ ସିନିୟର ଆଥଲେଟିକ୍ସ ଚାମ୍ପିଅନସିପ୍




**ଭୁବନେଶ୍ୱର, ୨୪/୬(ନିପ୍ର):** ଆଥଲେଟିକ୍ସ ଫେଡେରେସନ ଅଫ୍ ଇଣ୍ଡିଆ ଏବଂ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ସହଯୋଗରେ କଳିଙ୍ଗ ଷ୍ଟାଡିୟମଠାରେ ଆୟୋଜିତ '୬୫ତମ ଜାତୀୟ ଆନ୍ତଃ-ରାଜ୍ୟ ସିନିୟର ଆଥଲେଟିକ୍ସ ଚାମ୍ପିୟନସିପ୍ ୨୦୨୬' ବୁଧବାରଠାରୁ ଆରମ୍ଭ ହୋଇଛି । ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହି ପ୍ରତିଯୋଗିତାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଛନ୍ତି । ଏହି ଅବସରରେ ମନ୍ତ୍ରୀ ଶ୍ରୀ ସୂରଜ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିବା ସହ ଓଡ଼ିଶାର କ୍ରୀଡ଼ା ଭିତ୍ତିଭୂମିର ପ୍ରଶଂସା କରିଥିଲେ । ଦେଶର ଶ୍ରେଷ୍ଠ ଆଥଲେଟ୍‌ମାନଙ୍କୁ ସ୍ୱାଗତ କରି ସେ ସେମାନଙ୍କର ସଫଳତା କାମନା କରିବା ସହ ଏହି ପ୍ରତିଯୋଗିତା ରାଜ୍ୟ କ୍ରୀଡ଼ା ଇତିହାସରେ ଆଉ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡ଼ିବ ବୋଲି ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସାଉଥ୍ ଏସିଆନ୍ ଆଥଲେଟିକ୍ସ ଫେଡେରେସନ୍‌ର ସଭାପତି ଡ.ଲଳିତ କୁମାର ଭାନୋଟ୍, କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ତଥା ଶାସନ ସଚିବ ଭୂପେନ୍ଦ୍ର ସିଂ ପୂନିଆ, କ୍ରୀଡ଼ା ନିର୍ଦ୍ଦେଶକ ଡ.ୟେଦୁଲା ବିଜୟ, ଓଡ଼ିଶା ଅଲମ୍ପିକ୍ସ ଆସୋସିଏସନ୍ ସଭାପତି ଅଭିଜିତ୍ ପାଲ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଚାମ୍ପିୟନସିପ୍‌ଟି ଚଳିତ ବର୍ଷ ସେପ୍ଟେମ୍ବର ୧୯ ରୁ ଅକ୍ଟୋବର ୪ ପର୍ଯ୍ୟନ୍ତ ଜାପାନରେ ହେବାକୁ ଥିବା 'ଏସିଆନ ଗେମ୍ସ ୨୦୨୬' ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଯୋଗ୍ୟତା ପର୍ଯ୍ୟାୟ (କ୍ୱାଲିଫାୟର) ଅଟେ । ଏହି ୫ ଦିନିଆ ପ୍ରତିଯୋଗିତାରେ ଦେଶର ୨୭ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ପ୍ରାୟ ୬୩୦ ଜଣ ଶ୍ରେଷ୍ଠ ଆଥଲେଟ୍ (୩୪୨ ପୁରୁଷ ଓ ୨୮୮ ମହିଳା) ଭାଗ ନେଉଛନ୍ତି । ଏଥିରେ ମୋଟ ୪୫ଟି ମେଡାଲ୍ ଇଭେଣ୍ଟ ରହିଛି, ଯେଉଁଥିରେ ଦୌଡ଼, ହାଇଜମ୍ପ, ଲଙ୍ଗଜମ୍ପ, ହର୍ଡଲ୍ସ ଏବଂ ଜାଭେଲିନ୍ ଥ୍ରୋ ଭଳି ବିଭିନ୍ନ ଟ୍ରାକ୍ ଆଣ୍ଡ ଫିଲ୍ଡ ପ୍ରତିଯୋଗିତା ଅନ୍ତର୍ଭୁକ୍ତ କରାଯାଇଛି । ଏହି ପ୍ରତିଯୋଗିତାରେ ହରିୟାଣାରୁ ସବୁଠାରୁ ଅଧିକ ୭୦ ଜଣ ଆଥଲେଟ୍ ଭାଗ ନେଉଥିବା ବେଳେ ଓଡ଼ିଶାରୁ ୧୨ ଜଣ ମହିଳାଙ୍କ ସମେତ ମୋଟ ୨୮ ଜଣ ଆଥଲେଟ୍ ପ୍ରତିନିଧିତ୍ୱ କରିଛନ୍ତି ।



ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଶ୍ରାଦ୍ଧ ଦିବସରେ ବିଧାନସଭା ପ୍ରାଙ୍ଗଣରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିଶିଷ୍ଟ ନେତୃବୃନ୍ଦ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି (ଫଟୋ-ଦିନଲିପି)

ଶରଣକୁଳ ଯୌନଶୋଷଣ

## ଅଧିକ ଅଡୁଆରେ ଛନ୍ଦି ହେବେ କି ଥାନା ବାବୁ !

ନୟାଗଡ,୨୪/୬(ନିପ୍ର): ନୟାଗଡ ଜିଲ୍ଲା ଓଡଗାଁ ବ୍ଲକ ଅନ୍ତର୍ଗତ ଶରଣକୁଳର ପୂର୍ବତନ ଥାନା ଅଧିକାରୀଙ୍କ ବିବାଦ ଦିନକୁ ଦିନ ଘନୀଭୂତ ହେବାରେ ଲାଗିଛି । ପୁଲିସ ମହାନିର୍ଦ୍ଦେଶକ ଅଧିକାରୀଙ୍କୁ ନିଲମ୍ବନ କରିଥିଲେ ମଧ୍ୟ କ୍ରାଇମବ୍ରାଞ୍ଚର ବରିଷ୍ଠ ଅଧିକାରୀ ପୀଡ଼ିତାଙ୍କ ଘରେ ପହଞ୍ଚି ଠୋସ ପ୍ରମାଣ ଯୋଗାଡ଼ କରିଛନ୍ତି । ଏହି ଟିମ୍ ପୀଡ଼ିତାଙ୍କୁ ଦୀର୍ଘ ୨ଘଣ୍ଟା ଧରି ପଚରା ଉଚୁରା କରିଥିବାରୁ ଏହି ଅଧିକାରୀ ଗିରଫ ହୋଇପାରନ୍ତି । ଅଧିକାରୀ ଜଣଙ୍କ ମହିଳାଙ୍କୁ ଯୌନ ଶୋଷଣ କରିଛନ୍ତି ତାହା ନୁହଁ ତାଙ୍କୁ ଚୁପ୍ କରିବାକୁ ମିଥ୍ୟା ମାମଲାରେ ଜେଲ ହାଜତକୁ ପଠାଇ ଦେଇଥିଲେ । ପୀଡ଼ିତା କ୍ରାଇମବ୍ରାଞ୍ଚ ଆଗରେ ସବୁକଥା ଗୋଟିଗୋଟି କରି ବଖାଣିଛନ୍ତି । କିଭଳି ତାଙ୍କ ସହ ସଂପର୍କ ସ୍ଥାପନହେଲା, ତାଙ୍କୁ ମୁଗ, ବିରି କେଉଁଠି ଦେଇଥିଲେ, ତାଙ୍କ ସହିତ ନୟାଗଡ଼ ପିଟିଏସ ଛକରୁବସି କେଉଁ ଜାଗାକୁ ଯାଇଥିଲେ । ରାସ୍ତାରେ କିଏ କାଳେ ଜାଣିଦେବ ତାଙ୍କୁ ମୁହଁ ଘୋଡ଼ାଇବାକୁ କହିବାସହ ବାଉଁଶିଆ ସ୍ଥିତ ଭଡ଼ାଘରକୁ ନେଇ ଦୁଷ୍କର୍ମ କରିଥିବା ପୀଡ଼ିତା କାନ୍ଦିକାନ୍ଦି କହିଥିଲେ । ରାଜ୍ୟ ସରକାରଙ୍କ କ୍ରାଇମବ୍ରାଞ୍ଚର ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖାର ତଦନ୍ତରୁ ସତ୍ୟାସତ୍ୟ ଜଣାପଡ଼ିବାପରେ ଅଧିକାରୀଙ୍କୁ ନିଲମ୍ବନ କରିଛନ୍ତି । ପୀଡ଼ିତାଙ୍କ କଥାରେ କେତେ ସତ୍ୟତା ରହିଛି ତାହା ମଧ୍ୟ ତଦନ୍ତ କରୁଛି କ୍ରାଇମବ୍ରାଞ୍ଚ ।

## ଚତୁର୍ଥ ସ୍ଥାନକୁ ଉଠିଲା କିଟ୍

**ଭୁବନେଶ୍ୱର, ୨୪।୬(ନିପ୍ର):** ଟାଇମ୍‌ସ ହାୟର ଏଜୁକେସନ୍ ସଷ୍ଟେନେବିଲିଟି ଇମ୍ପାକ୍ଟ ରାଙ୍କିଙ୍ଗ୍ସ ୨୦୨୬ରେ ଭାରତର ସମସ୍ତ ସରକାରୀ ଏବଂ ଘରୋଇ ଶିକ୍ଷାନୁଷ୍ଠାନ ମଧ୍ୟରେ କିଟ୍ ୪ର୍ଥ ସ୍ଥାନ ହାସଲ କରିଛି । ଗତ ବର୍ଷ କିଟ୍ ଏହି ରାଙ୍କିଂର ୫ମ ସ୍ଥାନରେ ଥିଲା । ଏହା ସହିତ ବିଶ୍ୱ ସ୍ତରରେ କିଟ୍ ୧୦୧-୨୦୧ କୋହୋର୍ଟରେ ରହିଛି । ଏଥିରେ ଜାତିସଂଘ ସ୍ଥାୟୀ ବିକାଶ ଲକ୍ଷ୍ୟ (ଏସ୍‌ଡିଜି)ର ସମସ୍ତ ୧୭ଟି ଲକ୍ଷ୍ୟ ପୂରଣ କରିଛି । କିଟ୍ ୪ଟି ନିର୍ଦ୍ଦିଷ୍ଟ ଲକ୍ଷ୍ୟ ପାଇଁ ଭାରତରେ ଶୀର୍ଷ ସ୍ଥାନ ହାସଲ କରିଛି । ସେଗୁଡ଼ିକ ହେଲା- ଅସମାନତା ହ୍ରାସ (ଏସ୍‌ଡିଜି ୧୦) ଜଳ ତଳେ ଜୀବନ (ଏସ୍‌ଡିଜି ୧୪), ଭୂମି ଉପରେ ଜୀବନ (ଏସ୍‌ଡିଜି ୧୫) ଓ ଶାନ୍ତି, ନ୍ୟାୟ ଓ ଦୃଢ଼ ପ୍ରତିଷ୍ଠାନ (ଏସ୍‌ଡିଜି ୧୬) । ଏହା ସହିତ, କିଟ୍ ଶିଳ୍ପ, ନବସର୍ଜନା ଓ ଭିତ୍ତିଭୂମି (ଏସ୍‌ଡିଜି ୯) ପାଇଁ ସମଗ୍ର ଭାରତରେ ଦ୍ୱିତୀୟ ସ୍ଥାନ ହାସଲ କରିବା ସହ ଅନ୍ୟ ସମସ୍ତ ଏସ୍‌ଡିଜିରେ ଦେଶର ଶ୍ରେଷ୍ଠ ୧୦ ର୍‌ୟାଙ୍କ ବଜାୟ ରଖିଛି । ସେହିପରି ଅନେକ ପ୍ରମୁଖ ମାନଦଣ୍ଡରେ କିଟ୍ ଶତ ପ୍ରତିଶତ ସ୍କୋର ହାସଲ କରିଛି । ଏଥିରେ ସ୍ୱାସ୍ଥ୍ୟସେବା ସହଯୋଗ (ଏସ୍‌ଡିଜି ୩), ଗୁଣାତ୍ମକ ଶିକ୍ଷା ପାଇଁ ଗୁଣାତ୍ମକ ଶିକ୍ଷା ପଦକ୍ଷେପ (ଏସ୍‌ଡିଜି ୪), ଶକ୍ତି ସଂରକ୍ଷଣ ପାଇଁ ପ୍ରୟାସ (ଏସ୍‌ଡିଜି ୭), ଅସମାନତା ହ୍ରାସ କରିବା ପାଇଁ ପଦକ୍ଷେପ (ଏସ୍‌ଡିଜି ୧୦) ଓ ସରକାରଙ୍କ ସହ ସକ୍ରିୟ ସହଯୋଗ (ଏସ୍‌ଡିଜି ୧୬) ଆଦି ଅନ୍ତର୍ଭୁକ୍ତ । ସୂଚନାଯୋଗ୍ୟ, ଟାଇମ୍‌ସ ହାଇୟର ଏଜୁକେସନ୍ ବିଶ୍ୱବିଦ୍ୟାଳୟଗୁଡ଼ିକର ଗ୍ଲୋବାଲ୍ ରାଙ୍କିଂ କରିବା ବ୍ୟତୀତ ଜାତିସଂଘ ସ୍ଥାୟୀ ବିକାଶ ଲକ୍ଷ୍ୟ ଆଧାରରେ କେଉଁ ସବୁ ବିଶ୍ୱବିଦ୍ୟାଳୟ କେତେ ପରିମାଣରେ ସାମାଜିକ ପ୍ରଭାବ ସୃଷ୍ଟି କରିଛନ୍ତି ତା ଉପରେ ମଧ ରାଙ୍କିଂ କରିଥାଏ ।

ଅବସରପ୍ରାପ୍ତ ପ୍ରଫେସରଙ୍କୁ ଲୁଟ ଘଟଣା

## ୨.୪୫ କୋଟି ହରାଇଥିଲେ, ୧.୧ କୋଟି ଫେରିପାଇଲେ

**ଭୁବନେଶ୍ୱର,୨୪।୬(ନିପ୍ର):** ଡିଜିଟାଲ୍ ଅରେଷ୍ଟରେ ଜଣେ ଅବସରପ୍ରାପ୍ତ ପ୍ରଫେସରଙ୍କୁ ପ୍ରାୟ ୨.୪୫ କୋଟି ଟଙ୍କା ଠକାଯାଇଥିଲା । ଓଡ଼ିଶା କ୍ରାଇମ୍ ବ୍ରାଞ୍ଚ ଏହି ଘଟଣାରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ୧.୧୦ କୋଟି ଟଙ୍କା ଉଦ୍ଧାର କରିଛି । ଏହି ଟଙ୍କା ଭୁକ୍ତଭୋଗୀଙ୍କୁ ଫେରସ୍ତ କରାଯାଇଛି । ସୂଚନା ଅନୁସାରେ, ଭୁକ୍ତଭୋଗୀ ଜଣେ ଅବସରପ୍ରାପ୍ତ ପ୍ରଫେସର ଠକେଇକାରୀ ତାଙ୍କୁ ଫୋନ୍ କରି ନିଜକୁ ପୋଲିସ୍ କର୍ମୀ । ସରକାରୀ ଅଧିକାରୀ ବୋଲି ପରିଚୟ ଦେଇଥିଲେ । ସେମାନେ ତାଙ୍କ ଆଧାର କାର୍ଡ୍ ଏବଂ ମୋବାଇଲ୍ ନମ୍ବର ସହ କୌଣସି ଅବୈଧ କାର୍ଯ୍ୟକଳାପ ଜଡ଼ିତ ଥିବା ଅଭିଯୋଗ ଆଣି ତାଙ୍କୁ ଭୟ ପ୍ରଦର୍ଶନ କରିଥିଲେ । ଏହାପରେ ତାଙ୍କୁ ଡିଜିଟାଲ୍ ଅରେଷ୍ଟ ରଖି ଭିଡିଓ କଲ୍ ମାଧ୍ୟମରେ ନିରନ୍ତର ନଜରରେ ରଖିଥିଲେ । ଠକେଇକାରୀ ତାଙ୍କୁ କଲ୍ କଟ୍ କରିବେ ନାହିଁ ଏବଂ କାହାକୁ କିଛି କହିବେ ନାହିଁ, ନହେଲେ ଗିରଫ ହୋଇଯିବେ ବୋଲି ଧମକାଇଥିଲେ । ଏହି ମାନସିକ ଚାପ ଏବଂ ଭୟର ସୁଯୋଗ ନେଇ ଠକେଇକାରୀ ତାଙ୍କ ଆକାଉଣ୍ଟରୁ ପର୍ଯ୍ୟାୟକ୍ରମେ ୨.୪୫ କୋଟି ଟଙ୍କା ଲୁଟିଥିଲେ । ଭୁକ୍ତଭୋଗୀ ଏହି ଘଟଣା ପରେ ୧୯୩୦ ସାଇବର୍ ହେଲ୍ପଲାଇନ ରେ ଅଭିଯୋଗ କରିଥିଲେ । ଓଡିଶା ପୋଲିସ ଅନୁଯାୟୀ, ୨୦୨୫ ମସିହାରେ ରାଜ୍ୟରେ ଏନସିଆରପି ରେ ପ୍ରାୟ ୪୩୨.୨୮ କୋଟି ଟଙ୍କା ସମ୍ବନ୍ଧୀୟ ୪୯,୪୨୬ ସାଇବର ଠକେଇ ଅଭିଯୋଗ ପଞ୍ଜିକୃତ ହୋଇଥିଲା । ଏଥିମଧ୍ୟରୁ ପ୍ରାୟ ୬୮.୭୧ କୋଟି ଟଙ୍କା ସ୍ଥଗିତ ରଖାଯାଇଥିଲା ଏବଂ ଅଭିଯୋଗକାରୀଙ୍କୁ ୫.୩୧ କୋଟି ଟଙ୍କା ଫେରସ୍ତ କରାଯାଇଥିଲା । ଚଳିତ ବର୍ଷ ୩୦ ଏପ୍ରିଲ ପର୍ଯ୍ୟନ୍ତ, ପ୍ରାୟ ୧୩୪.୨୪ କୋଟି ଟଙ୍କା ସମ୍ବନ୍ଧୀୟ ୧୬,୩୩୫ ଅଭିଯୋଗ ପଞ୍ଜିକୃତ ହୋଇଥିଲା । ପ୍ରାୟ ୨୪.୨୭ କୋଟି ଟଙ୍କା ସ୍ଥଗିତ ରଖାଯାଇଥିଲା ଏବଂ ୨.୯୭ କୋଟି ଟଙ୍କା ଫେରସ୍ତ କରାଯାଇଥିଲା ।

**୧୩୪ କୋଟି ସାଇବର ଲୁଟ୍**

## ରଥଯାତ୍ରାରେ ଶ୍ରଦ୍ଧାଳୁଙ୍କ ସୁଗମ ପରିବହନ ପାଇଁ ସମନ୍ୱୟ ବୈଠକ

**ପୁରୀ/କଟକ, ୨୪/୬(ନିପ୍ର):** ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରାରେ ଶ୍ରଦ୍ଧାଳୁଙ୍କ ସୁଗମ ପରିବହନ ପାଇଁ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି । ଆୟୁକ୍ତ ଅମିତାଭ ଠାକୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଭୁବନେଶ୍ୱର ଓ କଟକ ଡିସିପି, ଟ୍ରାଫିକ ଡିସିପି, ପୁରୀର ଅତିରିକ୍ତ ଏସପି, ଜାତୀୟ ରାଜପଥ କର୍ତ୍ତୃପକ୍ଷ, ବସ୍ ମାଲିକ ସଂଘର କର୍ମକର୍ତ୍ତା, ଓଏସଆରଟିସି ଏବଂ କ୍ରୁଟ୍ ପ୍ରତିନିଧିମାନେ ଉପସ୍ଥିତ ଥିଲେ । ଭର୍ଚୁଆଲ ମାଧ୍ୟମରେ ପୁରୀ ଜିଲ୍ଲାପାଳ ଯୋଗ ଦେଇଥିଲେ । ଶ୍ରୀଗୁଣ୍ଡିଚା, ବାହୁଡ଼ା ଓ ସୁନାବେଶରେ ଶ୍ରୀକ୍ଷେତ୍ର ପୁରୀକୁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିବ । ଶ୍ରଦ୍ଧାଳୁମାନେ କିଭଳି ପୁରୀରେ ସୁବିଧାରେ ପହଞ୍ଚିବେ ଓ ଫେରିବେ, ସେ ବିଷୟରେ ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇ ସର୍ବସମ୍ମତିକ୍ରମେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି ।ଯାତ୍ରୀଙ୍କ ଚାହିଦା ପୂରଣ ପାଇଁ ପୁରୀକୁ ବହୁ ସଂଖ୍ୟାରେ ଷ୍ଟେଜ୍ କ୍ୟାରେଜ୍ ବସ୍ ଚଳାଚଳ କରିବାର ଆବଶ୍ୟକତା ରହିଛି । ଏଥିପାଇଁ ଶ୍ରୀଗୁଣ୍ଡିଚା ଯାତ୍ରା, ବାହୁଡ଼ା ଯାତ୍ରା ଓ ସୁନାବେଶ ନିମନ୍ତେ ଅସ୍ଥାୟୀ ପରମିଟ୍ ପ୍ରଦାନ କରାଯିବ । ରଥଯାତ୍ରାର ପୂର୍ବ ଦିନ ପାଇଁ ମଧ ଏହି ଅସ୍ଥାୟୀ ପରମିଟ୍ ମିଳିପାରିବ ।

## 'ପାସପୋର୍ଟ ନାଗରିକତାର ଚୂଡ଼ାନ୍ତ ପ୍ରମାଣପତ୍ର ନୁହେଁ'

ନୂଆଦିଲ୍ଲୀ,୨୪।୬: ପାସପୋର୍ଟକୁ ନାଗରିକତାର ଚୂଡ଼ାନ୍ତ ପ୍ରମାଣପତ୍ର ଭାବେ ଧରାଯିବା ଉଚିତ ନୁହେଁ । ଏହା ମୂଳତଃ ବିଦେଶ ଯାତ୍ରା ପାଇଁ ଜାରି ହେଉଥିବା ଏକ ଯାତ୍ରା ଦଲିଲ ବୋଲି ବିଦେଶ ମନ୍ତ୍ରଣାଳୟ (ଏମ୍‌ଇଏ) ସ୍ପଷ୍ଟ କରିଛି । ୧୪ଶ 'ପାସପୋର୍ଟ ସେବା ଦିବସ' ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ଏହି ମତ ପ୍ରକାଶ କରିଥିଲେ ।ଅଧିକାରୀମାନଙ୍କ କହିବା ଅନୁସାରେ, ପାସପୋର୍ଟ ଜାରି ହେବା ପୂର୍ବରୁ ଆବେଦକଙ୍କ ତଥ୍ୟ ଓ ଦଲିଲ ଯାଞ୍ଚ କରାଯାଏ । ତଥାପି ଏହାକୁ ନାଗରିକତା ସମ୍ବନ୍ଧୀୟ ସମସ୍ତ ପ୍ରଶ୍ନର ଅନ୍ତିମ ପ୍ରମାଣ ଭାବେ ଗ୍ରହଣ କରାଯାଇପାରିବ ନାହିଁ ।

ବନୀକରଣର ସଫଳ ରୂପାୟନ

## ୨୦ ହେକ୍ଟର ଜାଗାରେ ସୃଷ୍ଟି ହେଲା ଝାଉଁ ଜଙ୍ଗଲ



**କୃଷ୍ଣପ୍ରସାଦ, ୨୪/୬(ନିପ୍ର):** ସରକାର ଜଙ୍ଗଲ ବିଭାଗ ଜରିଆରେ ବ୍ୟାପକ ବନୀକରଣ ନିମନ୍ତେ ଗୁରୁତ୍ୱ ଦେଉଛନ୍ତି । ଏ ବାବଦରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ହେଉଛି । ବନିକରଣ ଯୋଜନାର କିଭଳି ସଫଳ ରୂପାୟନ ହୋଇପାରିଛି ତାହା ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଅଧିନ ବ୍ରାହ୍ମଣଦେଓ ହୁଞ୍ଜଣ ବାଉରୀପଲି ଗ୍ରାମ ନିକଟରେ ଦେଖିବାକୁ ମିଳେ । ବଙ୍ଗୋପସାଗର ତଟଦେଶରେ ଅବସ୍ଥିତ ୨୦ ହେକ୍ଟରରୁ ଉର୍ଦ୍ଧ୍ୱ ସରକାରୀ ଜାଗାରେ ଗତ ଅଗଷ୍ଟ ୨୦୨୫ରେ ବନିକରଣ ଯୋଜନାରେ ବ୍ୟାପକ ଝାଉଁ ଚାରା ରୋପଣ କରାଯାଇଥିଲା । ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ବନିକରଣ କାର୍ଯ୍ୟକ୍ରମରେ ଚିଲିକା ବନ୍ୟପ୍ରାଣୀ ବନାଞ୍ଚଳ ବନଖଣ୍ଡ ଅଧିକାରୀ ବାଲୁଗାଁ ଅମ୍ଲାନ ନାୟକ, ରମ୍ଭା ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ମାନସ ରଞ୍ଜନ ମହାପାତ୍ର, ବନପାଳ ଦୁର୍ଗା ଚରଣ ଟୁଡୁ, ବନ ବିଭାଗ କର୍ମଚାରୀ ମାନେ ମିଳିତ ହୋଇ ୫୦ ହଜାରରୁ ଉର୍ଦ୍ଧ ଚାରା ରୋପଣ କରିଥିଲେ । ୧୦ ମାସ ମଧ୍ୟରେ ଉକ୍ତ ସ୍ଥାନ ଝାଉଁ ବଣରେ ପରିଣତ ହୋଇପାରିଥିବାରୁ ସ୍ଥାନୀୟ ଗ୍ରାମବାସୀ, ବନ ବିଭାଗ କର୍ମଚାରୀ ଓ ବିଧାୟିକା ପ୍ରମୁଖ ଆନନ୍ଦ ପ୍ରକାଶ କରିଛନ୍ତି । ଉକ୍ତ ଝାଉଁ ଜଙ୍ଗଲ ବନ୍ୟା ବାତ୍ୟା ମୃତ୍ତିକା ଜନିତ କ୍ଷୟରୁ ଗ୍ରାମବାସୀଙ୍କୁ ସୁରକ୍ଷା ଦେବ ବୋଲି ଜଣାପଡିଛି । ଚଳିତ ବର୍ଷ ମଧ ସ୍ଥାନୀୟ ଗ୍ରାମବାସୀ ଉପକୂଳ ଅଞ୍ଚଳର ବିଭିନ୍ନ ସ୍ଥାନରେ ବ୍ୟାପକ ବୃକ୍ଷ ରୋପଣ କରିବେ ବୋଲି ନିଷ୍ପତ୍ତି ନେଇଥିବା ଜଣାପଡିଛି । ଏବେ ଝାଉଁ ଜଙ୍ଗଲ ସୁରକ୍ଷା ଦାୟିତ୍ୱ ଗ୍ରାମବାସୀଙ୍କ ଉପରେ ନ୍ୟସ୍ତ କରାଯାଇଥିବା ଜଣାପଡିଛି ।

## ସଜନୀ ଜୁଆଙ୍ଗ ମୃତ, ଆଧାର ନମ୍ବର ମ୍ୟାଚ୍ ନ ହେବାରୁ ଚିହ୍ନଟ ପକ୍ରିୟା ବିଳମ୍ବ

କେନ୍ଦୁଝର, ୨୪।୬: ତାମିଲନାଡୁ ଗ୍ୟାସ ଲିକ୍ ଘଟଣାରେ ଓଡିଶାର ସାତ ଜଣ ଜୁଆଙ୍ଗ ଜନଜାତି ସମ୍ପ୍ରଦାୟର ମହିଳା ଶ୍ରମିକଙ୍କ ମୃତ୍ୟୁ ହୋଇଛି । ଗତକାଲି ବିଳମ୍ବିତ ରାତିରେ ପାଂଚ ଜଣ ଶ୍ରମିକଙ୍କ ଶବ ଜିଲ୍ଲା ପ୍ରଶାସନ ପକ୍ଷରୁ ନିଜ ଗାଁ ଗୁଡିକୁ ପଠା ଯାଇଛି । ଆଜି ସକାଳୁ ବାଂଶପାଳ ବ୍ଲକର କୋଡ଼ିପଶା ଗ୍ରାମର ଫୁଲମଣି ଜୁଆଙ୍ଗ, ତଳ ଚମ୍ପେଇ ଗ୍ରାମର ଚମ୍ପାବତୀ ଜୁଆଙ୍ଗ, ସେହିପରି ତେଲକୋଇ ବ୍ଲକର ଟାଙ୍ଗିରି ଗ୍ରାମର ଗୀତା ଜୁଆଙ୍ଗ, ଶିବାନୀ ଜୁଆଙ୍ଗ ଓ ତାଳପଦା ଗ୍ରାମର ଗୁମାଣି ଜୁଆଙ୍ଗଙ୍କ ଶବ ଗାଁ ରେ ପଂହଚିବା ପରେ ଅନ୍ତିମ ସଂସ୍କାର କରାଯାଇଥିଲା । କିନ୍ତୁ କୋଡ଼ିପଶା ଗ୍ରାମର ସଜନୀ ଜୁଆଙ୍ଗଙ୍କ ମୃତ୍ୟୁ ଘଟଣା ଏକ ରୋଚକ ମୋଡ ନେଇଥିଲା । ସଜନୀ ନାବାଳିକା ହୋଇଥିବାରୁ ତାକୁ ତାମିଲନାଡୁର ଏକ ସ୍ଥାୟୀ ବାସିନ୍ଦା ଆଧାର କାର୍ଡ ନମ୍ବରରେ ଉକ୍ତ କମ୍ପାନୀରେ କାର୍ଯ୍ୟ କରୁଥିଲା । ଗ୍ୟାସ୍ ଲିକ୍ ଘଟଣା ପରେ ସଜନୀର ଶବ ସହ ଆଧାର କାର୍ଡ ମ୍ୟାଚ୍ ନହେବାରୁ ଚିହ୍ନଟ ପାଇଁ ଅସୁବିଧା ହୋଇଥିଲା । କିନ୍ତୁ ତା ସହ ଯାଇଥିବା ଅନ୍ୟ ଶ୍ରମିକଙ୍କ ଚିହ୍ନଟ ପରେ ଆଜି ତାଙ୍କ ଗାଁ କୁ ଶବ ପଠାଯିବ ବୋଲି ଜଣାପଡିଛି ।

## କ୍ୟାବିନେଟ୍ ସମ୍ପ୍ରସାରଣ: ଅପରାଜିତାଙ୍କୁ ମିଳିପାରେ ସ୍ଥାନ



ନୂଆଦିଲ୍ଲୀ,୨୪।୬: କେନ୍ଦ୍ର ସରକାରଙ୍କ ଆସନ୍ତା କ୍ୟାବିନେଟ୍ ସମ୍ପ୍ରସାରଣକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି । ଏଥିରେ ଜଣେ ମହିଳା ସାଂସଦଙ୍କୁ ମନ୍ତ୍ରିମଣ୍ଡଳରେ ସ୍ଥାନ ମିଳିପାରେ ବୋଲି ଆଶା କରାଯାଉଛି । ସେ ପୂର୍ବତନ ୧୯୯୪ ବ୍ୟାଚ୍ ଓଡ଼ିଶା କ୍ୟାଡର ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଅପରାଜିତା ଷଡ଼ଙ୍ଗୀ ବୋଲି ଚର୍ଚ୍ଚା ହେଉଛି । ରିପୋର୍ଟ ଅନୁଯାୟୀ, ଅପରାଜିତା ଆଗରୁ ଜିଲ୍ଲା ପ୍ରଶାସନ, ନଗର ପ୍ରଶାସନ ଓ କେନ୍ଦ୍ର ସରକାରୀ ବିଭାଗରେ ଉଚ୍ଚ ପଦରେ କାର୍ଯ୍ୟ କରିଥିଲେ । ସେ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟରେ ଯୁଗ୍ମ ସଚିବ ଭାବେ ମଧ ଦାୟିତ୍ୱ ନିଭାଇଥିଲେ ।

## ରବିଧାନ ସଂଗ୍ରହରେ ବିଳମ୍ବ ଯୋଗୁ ଚାଷୀ ମହଲରେ ଉଦ୍‌ବେଗ

**ନିମାପଡ଼ା, ୨୪।୬(ନିପ୍ର):** ନିମାପଡ଼ା କୃଷି ଜିଲ୍ଲାରେ ରବି ଧାନ ବିକ୍ରି କରି ନପାରି ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି । କୌଣସି ଅଧିକାରୀ ଚାଷୀଙ୍କ କଥା ଶୁଣୁ ନଥିବା ବେଳେ ଚାଷୀ ଅଭାବୀ ବିକ୍ରିର ଶୀକାର ହୋଇ ଆନ୍ଧ୍ରପ୍ରଦେଶ ଧାନ ବେପାରୀଙ୍କୁ କମ୍ ଦରରେ ବାଧ ହୋଇ ବିକ୍ରି କରୁଥିବା ଅଭିଯୋଗ ହୋଇଛି । ଏହି ବ୍ଲକ୍ ଅଧୀନସ୍ଥ ୧୫ଟି ପ୍ରାଥମିକ ସେବା ସମବାୟ ସମିତି ମାଧ୍ୟମରେ ୧୭ ହଜାର କ୍ୱିଂଟାଲ ଧାନ କିଣିବା ପାଇଁ କାର୍ଯ୍ୟକ୍ରମ ସ୍ଥିର ହୋଇଥିଲେ ହେଁ ମାସକ ପରେ ଅଦ୍ୟାବଧି ୨୨୦ ହଜାର କ୍ୱିଂଟାଲ ଧାନ କିଣା ହୋଇଥିବା ସମବାୟ ବିଭାଗ ଅଧିକାରୀ ସୁଶାନ୍ତ ରାଉତ ସୂଚନା ଦେଇଥିଲେ । ବିଭିନ୍ନ ସମିତି ପକ୍ଷରୁ ଧାନ କିଣା ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଉ ନଥିବାରୁ ଧାନ କିଣିବାରେ ବିଳମ୍ବ ଘଟିଛି ବୋଲି ବରିଷ୍ଠ ସିପିଆଇ ନେତା ଦେବେନ୍ଦ୍ର ନାଥ ସାହୁ ଅଭିଯୋଗ କରି ସପ୍ତାହେ ମଧ୍ୟରେ ଧାନ କିଣିବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରା ନଗଲେ ନିମାପଡ଼ା ବ୍ଲକ୍ ଚାଷୀମାନେ ଆତ୍ମହତ୍ୟା କରିବାକୁ ବାଧ ହେବେ ବୋଲି ସୂଚନା ଦେଇ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

## ୮୨ ଦେଶର କୂଟନୀତିଜ୍ଞଙ୍କୁ ଭାରତୀୟ ଆମ୍ବ ଉପହାର ଦେଲେ ବିଜେପି ଅଧକ୍ଷ

ନୂଆଦିଲ୍ଲୀ, ୨୪।୬: ଭାରତୀୟ ଜନତା ପାର୍ଟି (ବିଜେପି) ର ରାଷ୍ଟ୍ରୀୟ ଅଧକ୍ଷ ନିତିନ ନବୀନ ବୁଧବାର ଏଠାରେ ଅବସ୍ଥାପିତ ୮୨ଟି ଦେଶର କୂଟନୀତିଜ୍ଞଙ୍କୁ ଉପହାର ସ୍ୱରୂପ ଭାରତୀୟ ଆମ୍ବ ପଠାଇଛନ୍ତି ।ବିଜେପିର ବୈଦେଶିକ ବ୍ୟାପାର ବିଭାଗର ଦାୟିତ୍ୱରେ ଥିବା ଡକ୍ଟର ବିଜୟ ଚୌଥାଇୱାଲେ ବୁଧବାର ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ମନ୍ କି ବାତ୍' କାର୍ଯ୍ୟକ୍ରମରେ ଆମ୍ବର ଗୁରୁତ୍ୱ ଉପରେ ଚିନ୍ତାଧାରା ଦ୍ୱାରା ଅନୁପ୍ରାଣିତ ହୋଇ ଦଳର ସଭାପତି ନିତିନ ନବୀନ ନୂଆଦିଲ୍ଲୀରେ ଅବସ୍ଥାପିତ ୮୨ଟି ଦେଶର ମିଶନର ମୁଖ୍ୟଙ୍କୁ ଭାରତୀୟ ଆମ୍ବ ପଠାଇଛନ୍ତି ।ମିଶନ ମୁଖ୍ୟମାନଙ୍କୁ ପଠା ଯାଇଥିବା ଉପହାର ମଧ୍ୟରେ ଚାରୋଟି ପ୍ରମୁଖ କିସମ ଆମ୍ବ-କେସର, ଦଶହରୀ, ବଙ୍ଗନପଲ୍ଲୀ ଏବଂ ଲାଙ୍ଗ୍ରା ଅନ୍ତର୍ଭୁକ୍ତ । ଏହା ସହିତ ଏକ ବ୍ୟକ୍ତିଗତ ବାର୍ତ୍ତା ମଧ ପଠାଯାଇଛି ।ସେ କହିଛନ୍ତି ଯେ ପ୍ରତ୍ୟେକ ଆମ୍ବ ନିଜ ଅଞ୍ଚଳର ସ୍ୱତନ୍ତ୍ର ପରିଚୟ, ସ୍ୱାଦ ଏବଂ ସଂସ୍କୃତିର ପ୍ରତିନିଧିତ୍ୱ କରିଥାଏ ।

## ଏମ୍‌ସିଏଲକୁ ମିଳିଲା ଆସୋଚାମ୍ ବିଜନେସ୍ ଏକ୍ସଲେନ୍ସ ଆୱାର୍ଡ




ଭୁବନେଶ୍ୱର, ୨୪/୬(ନିପ୍ର): ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମସିଏଲ)କୁ ରାଷ୍ଟ୍ରାୟତ୍ତ ଉଦ୍ୟୋଗ କ୍ଷେତ୍ରରେ 'ସ୍ଥିରତା ଉପରେ ସ୍ୱତନ୍ତ୍ର ଧ୍ୟାନ ସହିତ ଖଣି କାର୍ଯ୍ୟରେ ଉତ୍କର୍ଷତା' ବର୍ଗ ଅଧୀନରେ ସମ୍ମାନଜନକ 'ଆସୋଚାମ୍ ବିଜନେସ୍ ଏକ୍ସଲେନ୍ସ ଆୱାର୍ଡ ୨୦୨୬' ପ୍ରଦାନ କରାଯାଇଛି । କୋଲକାତାଠାରେ ଆସୋଚାମ୍ ଦ୍ୱାରା ଆୟୋଜିତ ମିନେରାଲ୍ସ ଆଣ୍ଡ୍ ମାଇନିଂ କନକ୍ଲେଭ୍ ୨୦୨୬ - 'ଟ୍ରାନ୍ସଫର୍ମେସନ୍ ଫର୍ ଗ୍ଲୋବାଲ୍ କମ୍ପିଟିଟିଭନେସ୍' ର ଚତୁର୍ଥ ସଂସ୍କରଣ ଅବସରରେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା । ଭାରତୀୟ ଭୂବୈଜ୍ଞାନିକ ସର୍ବେକ୍ଷଣ (ଜିଏସଆଇ)ର ମହାନିର୍ଦ୍ଦେଶକ ଅସିତ ସାହା ଏହି ପୁରସ୍କାର ପ୍ରଦାନ କରିଥିଲେ । ପୁରସ୍କାର ବିତରଣୀ ଉତ୍ସବରେ ଏମସିଏଲ୍ ପକ୍ଷରୁ ମହାପ୍ରବନ୍ଧକ (ଖଣି) ରାଜେଶ ଶର୍ମା ଏହି ପୁରସ୍କାର ଗ୍ରହଣ କରିଥିଲେ । ସ୍ଥାୟୀ ଖଣିଜ ପ୍ରଣାଳୀ, ପରିଚାଳନାଗତ ଉତ୍କର୍ଷତା, ଉନ୍ନତ ଜ୍ଞାନକୌଶଳ ଆପଣାଇବା, ପରିବେଶ ସୁରକ୍ଷା ଦିଗରେ ଏମସିଏଲର ଉଲ୍ଲେଖନୀୟ ଅବଦାନ ଏବଂ ଦେଶର ଶକ୍ତି ନିରାପତ୍ତା ସୁନିଶ୍ଚିତ କରିବାରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ପ୍ରଶଂସା କରି ଏହି ସମ୍ମାନ ପ୍ରଦାନ କରାଯାଇଛି । ଆର୍ଥିକ ବର୍ଷ ୨୦୨୫-୨୬ ମଧ୍ୟରେ, ଏମସିଏଲ୍ ୨୧୮ ମିଲିୟନ୍ ଟନ୍ କୋଇଲା ଉତ୍ପାଦନ ଏବଂ ୨୧୧ ମିଲିୟନ୍ ଟନ୍ ପ୍ରେରଣର ଉପଲବ୍ଧି ହାସଲ କରିଛି, ଯାହାକି ସବୁଜ ଏବଂ ଜ୍ଞାନକୌଶଳ ଭିତ୍ତିକ ଖଣି ପଦକ୍ଷେପକୁ କ୍ରମାଗତ ଭାବରେ ଆଗେଇ ନେବା ସହ ଦେଶର ସର୍ବାଧିକ କୋଇଲା ଉତ୍ପାଦନକାରୀ କମ୍ପାନୀ ଭାବରେ ନିଜର ସ୍ଥାନ ବଜାୟ ରଖିପାରିଛି । ଏହି ପୁରସ୍କାର ସ୍ଥିରତା, ନବସୃଜନ ଏବଂ ଦାୟିତ୍ୱବାନ ସମ୍ବଳ ପରିଚାଳନା ଉପରେ ବିଶେଷ ଧ୍ୟାନ ଦେବା ସହିତ ଖଣି କାର୍ଯ୍ୟରେ ଉତ୍କର୍ଷତା ହାସଲ କରିବା ଦିଗରେ 'ଟିମ୍ ଏମସିଏଲ୍'ର ସାମୂହିକ ପ୍ରୟାସ ଏବଂ ଅଙ୍ଗୀକାରକୁ ପ୍ରତିଫଳିତ କରୁଛି ।

## ଇଡବ୍ଲୁଏସ୍ ଛାତ୍ରଙ୍କୁ ଫି ରିହାତି ଦାବି 'ସୁପ୍ରିମ'ପ୍ରତ୍ୟାଖ୍ୟାତ

ନୂଆଦିଲ୍ଲୀ, ୨୪।୬: ଜଷ୍ଟିସ୍ ବି.ବି ନାଗରତ୍ନାଙ୍କ ଅଧ୍ୟକ୍ଷତାରେ ଗଠିତ ସୁପ୍ରିମକୋର୍ଟର ଛୁଟିଦିନ ଖଣ୍ଡପୀଠ ରାଜସ୍ଥାନ ହାଇକୋର୍ଟର ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ଏକ ଆବେଦନକୁ ଖାରଜ କରିଦେଇଛନ୍ତି, ଯେଉଁଥିରେ କୁହାଯାଇଥିଲା ଯେ ଇଡବ୍ଲୁଏସ୍ ଛାତ୍ରମାନେ କେବଳ ପ୍ରବେଶ ସମୟରେ ଏହି ସୁବିଧା ପାଇବାକୁ ହକଦାର ଏବଂ ସେମାନେ ଆଉ ଫି ରିହାତି ମାଗିପାରିବେ ନାହିଁ ।ଏହି ଆବେଦନ ରାଜସ୍ଥାନର ଜଣେ ଇଡବ୍ଲୁଏସ୍ ଛାତ୍ର ହର୍ଷବର୍ଦ୍ଧନ ସିଂହଙ୍କ ଦ୍ୱାରା ଦାଖଲ କରାଯାଇଥିଲା । ଶୁଣାଣି ସମୟରେ, ଜଷ୍ଟିସ୍ ନାଗରତ୍ନା କହିଥିଲେ ଯେ ଘରୋଇ କଲେଜଗୁଡ଼ିକ ସରକାରୀ କଲେଜ ପରି ଫି ରିହାତି ଦେବାର ଆଶା କରାଯାଇପାରିବ ନାହିଁ । ଘରୋଇ କଲେଜଗୁଡ଼ିକୁ ନିଜେ ପାଣ୍ଠି ଯୋଗାଇବା ଉଚିତ । ସରକାର ସରକାରୀ କଲେଜଗୁଡ଼ିକୁ ରିହାତି ପ୍ରଦାନ କରନ୍ତି, ଏବଂ ଏହା ହେଉଛି ମୁଖ୍ୟ ପାର୍ଥକ୍ୟ । ଟିଏନଏ ପଇ ରାୟକୁ ଉଲ୍ଲେଖ କରି ଜଷ୍ଟିସ୍ ନାଗରତ୍ନା କହିଛନ୍ତି ଯେ କ୍ୟାପିଟେସନ୍ ଫି ନିଷିଦ୍ଧ କରାଯାଇଛି କିନ୍ତୁ ଏହାର ଅର୍ଥ ନୁହେଁ ଯେ ସାଧାରଣ କଲେଜ ଫି ଆଦାୟ କରାଯିବ ନାହିଁ ।ଆବେଦନକାରୀ କହିଛନ୍ତି ଯେ ଇଡବ୍ଲୁଏସ୍ ପାଇଁ ଆୟ ସୀମା ବାର୍ଷିକ ଆଠ ଲକ୍ଷ ଟଙ୍କା ପର୍ଯ୍ୟନ୍ତ । ଆଠ ଲକ୍ଷ ଟଙ୍କା ଆୟ ଥିବା ଜଣେ ଇଡବ୍ଲୁଏସ୍ ଛାତ୍ର କିପରି ଏକ ଘରୋଇ ମେଡିକାଲ କଲେଜର ଫି ଦେଇପାରିବେ । ଆବେଦନକାରୀ କହିଛନ୍ତି ଯେ ରାଜସ୍ଥାନରେ ଘରୋଇ ମେଡିକାଲ କଲେଜର ଫି ୧୮.୯ ଲକ୍ଷରୁ ୨୫ ଲକ୍ଷ ଟଙ୍କା ମଧ୍ୟରେ ।

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com
ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ | ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ